



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-348 ◆BHUBANESWAR ◆MONDAY ◆16 JUNE 2025 ◆PAGE-12 ◆₹ 6.00 | BHUBANESWAR | •ବର୍ଷ-୪୨ •ସଂଖ୍ୟା-୩୪୮ •ଭୁବନେଶ୍ୱର •ସୋମବାର •୧୬ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦



ADMISSION OPENS

+2 1ST YR Sc. (CHSE & CBSE) & NEET-2025-26

# TETRAHEDRON
## GROUP OF INSTITUTIONS

Tangi,Cuttack,

For Admission Contact :-

8093064522, 8093064525,9040363480, 7008222977

## NEET RESULTS -2025

| Marks | AIR | Category Rank | Name | Place | Mobile |
|---|---|---|---|---|---|
| 590 | AIR-2241 | 762 | SOURAV RANJAN | JAJPUR | M. : 9337135920 |
| 588 | AIR-2418 | 1329 | PRANAB KUMAR | CUTTACK | M : 9348405006 |
| 585 | AIR-2839 | 220 | AMIT ANSUMAN | JAJPUR | M : 8260552053 |
| 578 | AIR-3798 | 1414 | G.S TANISHA | BHADRAK | M : 6370203229 |
| 575 | AIR-4483 | 1714 | SOUMYA RANJAN | KENDRAPARA | M: 9853490176 |
| 574 | AIR-4690 | 113 | ASHUTOSH (SC) | SAMBALPUR | M : 9438110102 |
| 574 | AIR-4551 | 1743 | SUBHASANKAR | BALASORE | M. : 9556941413 |
| 572 | AIR-5040 | 1968 | ASHUTOSH | KENDRAPARA | M : 7735074814 |
| 571 | AIR-5170 | 2530 | SOMESH PRASAD | TALCHER, ANGUL | M. : 7849035336 |
| 568 | AIR-5836 | 2793 | SWARAJ | JAGATSINGHPUR | M. : 6372296215 |
| 567 | AIR-6281 | 2980 | MONALISHA | KEONJHAR | M. : 9938758948 |
| 567 | AIR-6262 | 590 | ANSUMAN | CUTTACK | M. :6372343040 |
| 565 | AIR-6808 | 2755 | RAJESH | JAJPUR | M : 6370895135 |
| 564 | AIR-7229 | 3377 | ARCHITA | CUTTACK | M. : 7978178553 |
| 564 | AIR-2241 | 762 | PRASANTA KU. | JAJPUR | M : 7894331492 |
| 562 | AIR-7733 | 755 | ASIS KU. | KEONJHAR | M : 9827856657 |
| 560 | AIR-6105 | 3362 | SUBHASHISH | JAJPUR | M. : 9040499240 |
| 559 | AIR-8790 | 4013 | SOVNA | JAJPUR | M : 7978917103 |
| 558 | AIR-8910 | 3873 | SATYARANJAN | CUTTACK | M. : 8249555100 |
| 555 | AIR-10001 | 4505 | KABIR | CUTTACK | M. :8917235240 |
| 553 | AIR-10868 | 4844 | IRA MOHANTY | JAJPUR | M. :9438174925 |
| 552 | AIR-11400 | 1844 | SURYASNAT | SALIPUR,CUTTACK | M. : 9439942163 |
| 552 | AIR-11200 | 4738 | SWATI SNIGDHA | BARIPADA | M. : 9040575691 |
| 551 | AIR-11844 | 5213 | SOUBHAGYA RANJAN | JAJPUR | M. : 9692767335 |
| 550 | AIR-12293 | 5263 | JAYASHREE | JAJPUR | M. : 7077298174 |
| 549 | AIR-12842 | 5591 | SANJIB KU. | CUTTCK | M. : 8658284937 |
| 549 | AIR-12780 | 1372 | PRADIPTA KU. | CUTTACK | M. :8338869928 |
| 549 | AIR-12748 | 5483 | R.S BHAKTI SWARUPA | CUTTACK(MAHANGA) | M. :9777746799 |
| 548 | AIR-13272 | 1436 | RUDRA NARAYAN | JAJPUR | M : 8908938985 |
| 548 | AIR-13018 | 1400 | RAJKUMAR | BHUBANESWAR | M. : 9692089794 |
| 548 | AIR-13377 | 5793 | AMIT KU. | JAJPUR | M : 9348601405 |
| 545 | AIR-14827 | 6475 | SUBHANKAR | JAJPUR | M. : 9310679902 |
| 544 | AIR-15048 | 6412 | AMIT KU. | CUTTACK | M. : 9692868645 |
| 542 | AIR-16115 | 6792 | RITIK NARENDRA | NAYAGARH | M. :7855924761 |
| 541 | AIR-16789 | 7429 | ANUPAMA | JAJPUR | M. :8260543757 |
| 541 | AIR-16951 | 7308 | JYOTIRANJAN | JAGATSINGHPUR | M. :9090317675 |
| 540 | AIR-17367 | 7698 | IPSITA | BARIPADA | M. : 7847007731 |
| 540 | AIR-17183 | 7614 | GYANARANJAN | JAJPUR | M. :8984012686 |
| 539 | AIR-18094 | 2014 | RAJENDRA | KENDRAPARA | M. :8249757722 |
| 539 | AIR-18150 | 7530 | SWARNAPRAVA | BHADRAK | M. : 9348538749 |
| 539 | AIR-17974 | 7990 | ASHUTOSH | JAJPUR | M. :9438213231 |
| 539 | AIR-18113 | 7518 | ARUP | ANGUL | M. : 8260114745 |
| 538 | AIR-18804 | 8370 | ASISH | KENDRAPARA | M. : 8093906398 |
| 538 | AIR-000 | 000 | ROHIT RASHMI | KHORDHA | M. : 9090478270 |
| 538 | AIR-18329 | 7603 | SARASWATA | CUTTACK | M. :9827707252 |
| 535 | AIR-20761 | 9399 | SACHITANANDA | KENDRAPARA | M. : 7978636315 |
| 535 | AIR-20362 | 8360 | PRAGYAN PARAMITA | | M. : 7008984646 |
| 534 | AIR-21361 | 9650 | DEBASMITA(SGS) | ANGUL | M. :7848987971 |
| 533 | AIR-22099 | 8971 | SUBHAM | BHADRAK | M. : 9937533036 |
| 532 | AIR-22673 | 2585 | LOKANTH | DHENKANAL | M. :8984711270 |
| 531 | AIR-23543 | 2705 | DEEPANKAR | JAJPUR | M. :7750878883 |
| 531 | AIR-23310 | 9394 | SUBHASHREE | JAJPUR | M. : 7077329698 |
| 531 | AIR-23105 | 2644 | SAIEED | JAJPUR | M. :8984303637 |

| 590+ MARKS | 580+ MARKS | 570+ MARKS | 560+ MARKS | 550+ MARKS | 540+ MARKS |
|---|---|---|---|---|---|
| 01 STUDENT | 03 STUDENTS | 09 STUDENTS | 17 STUDENTS | 25 STUDENTS | 38 STUDENT |

| 530+ MARKS | 520+ MARKS | 515+ MARKS | GOVT. MBBS | AIIMS | SCB |
|---|---|---|---|---|---|
| 53 STUDENTS | 65 STUDENTS | 79 STUDENTS | 95-110 EXPECTED | 10 EXPECTED | 20 EXPECTED |

## OUR ACHIEVERS FOR AIIMS

| Marks | Name | Mobile | AIIMS |
|---|---|---|---|
| 710 | KAMALAKANTA | Mob. : 8249906661 | AIIMS,BBSR(2024) |
| 700 | RAHUL | M. : 6372741832 | AIIMS,RAIPUR(2024) |
| 697 | SUSHREE SANGITA | Mob. : 9810975701 | AIIMS,DELHI(2021) |
| 695 | OMM PRAKASH | M. : 6372521307 | AIIMS,GRORAKHAPUR(2024) |
| 695 | SWAGATIKA | M. : 7381845430 | AIIMS GORAKHAPUR(2024) |
| 680 | DEVASIS SAHOO | Mob. : 9861492793 | AIIMS BBSR(2021) |
| 675 | ASHIRBAD BISWAL | Mob. : 7846821473 | AIIMS GORAKHPUR(2023) |
| 670 | ADITYA NARAYAN | M. : 8260333635 | AIIMS MADURAI(2024) |
| 670 | ANUPAM NAYAK | Mob. : 7205755502 | AIIMS KALYANI (2023) |
| 665 | SATYAJIT NAYAK | Mob. : 8260601336 | AIIMS RAIPUR(2022) |

TETRAHEDRON HIGHER SECONDARY SCHOOL
TETRAHEDRON WOMEN'S HIGHER SECONDARY SCHOOL
TETRAHEDRON RESIDENTIAL COACHING FOR NEET & JEE

Qualifying & Scholarship Test for NEET :

22nd JUNE 2025 (Exam from 11am. to 2.00pm.)

FOR ONLINE REGISTRATION VISIT OUR WEBSITE :

https://neet.tetrahedroncoaching.com

Course Fees According to NEET Score -2025

| | |
|---|---|
| For Student Scoring 500 above | : Free |
| For Student Scoring 490 above | : Rs. 10,000/- +(GST) |
| For Student Scoring 480 above | : Rs. 20,000/- +(GST) |
| For Student Scoring 470 above | : Rs. 30,000/- +(GST) |
| For Student Scoring 460 above | : Rs. 40,000/- +(GST) |
| For Student Scoring 450 above | : Rs. 50,000/- +(GST) |
| For Student Scoring 425 above | : Rs. 60,000/- +(GST) |
| For Student Scoring 400 above | : Rs. 65,000/- +(GST) |
| For Student Scoring 350 above | : Rs. 70,000/- +(GST) |
| For Student Scoring 300 above | : Rs. 75,000/- +(GST) |

For very very poor student scoring 500+ in NEET 2025 Hostel fees also free

## OUR CHSE RESULTS -2025



581
ABINASH PANDA
R. NO. : 312CZ142
MOB. : 8926374475

| Marks | Name | R.NO. | Mobile |
|---|---|---|---|
| 578 | ANUNJAYA | 312CZ044 | M. : 9937820270 |
| 575 | HARAPRASAD | 312CZ052 | M. : 9777635809 |
| 574 | ANANYA ANUPRITA | 321CZ001 | M. : 6372522094 |
| 574 | ANANYA | 321CZ018 | M. : 9178552089 |
| 574 | PRIYADARSHINI | 321CZ020 | M. : 8456010982 |
| 574 | RUTUPURNA | 321CZ025 | M. : 8908000397 |
| 573 | ASHUTOSH | 312CZ009 | M. : 7008710810 |
| 573 | SWARNA PRAVA | 321CZ002 | M. : 9348538749 |
| 572 | SOUMYAK | 312CZ015 | M. : 6372996292 |
| 572 | SANDEEP | 312CZ021 | M. : 9438775289 |
| 571 | PRIYANKA | 321CZ016 | M. : 8328937059 |
| 570 | SWAYAM | 312CZ039 | M. : 9583495922 |

99% 1st Division

RESULT : 99.7%
ABOVE 95% : 13
ABOVE 560 : 51
ABOVE 90% : 185
ABOVE 89% : 229
ABOVE 88% : 280
ABOVE 85% : 446
ABOVE 500 : 534
ABOVE 80% : 712
ABOVE 75% : 902
ABOVE 70% : 1023
ABOVE 60% : 1120

ଆମର ମୁଖ୍ୟ strength ହେଉଛି ତ୍ରିଦେବ୍ ସାରଙ୍କ ଦ୍ୱାରା ପିଲାମାନଙ୍କୁ counselling ଏବଂ 24hour guidance, self study from morning 8.00am. to night 2.00am, super specialist teachers and completion of course before 15th December, Weekly Test, 30No. of PTS & VST, Doubt Clearing by Expert Teachers. .

One Year NEET Coaching Starts from 23rd June & 30th June 2025

# ଡେଉଁଛି ଡାଇରିଆ। ଯାଜପୁରରେ ପୁଣି ନେଲା ୩ ଜୀବନ

## ପ୍ରଶାସନ ଉପରୁ ଭରସା ତୁଟିଲା; ଗାଁ ଗାଁରେ ପୂଜାପାଠ

ଯାଜପୁର,୧୫।୬(ସମିସ): ଯାଜପୁରରେ ଆଜି ଝାଡ଼ାବାନ୍ତି (ଡାଇରିଆ) ପୁଣି ୩ଜଣଙ୍କ ଜୀବନ ନେଇଥିବା ବେଳେ ୯୬ ନୂଆ ରୋଗୀ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ସଂକଟାପନ୍ନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମୃତକମାନେ



ହେଲେ, ଯାଜପୁର ବ୍ଲକ ଖଇରାବାଦ ଗାଁର ଜୟନ୍ତୀ ସାହୁ, କମଳପୁର ଗାଁର ଜଟାଧାରୀ ସାହୁ ଓ ଯାଜପୁର ପୌରପାଳିକା ଅଧୀନ କୋଟବସନ୍ତପୁରର ମଦନମୋହନ ସେନାପତି। ଜୟନ୍ତୀ ଓ ଜଟାଧାରୀଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ବେଳେ ମଦନମୋହନ କଟକ ଏସ୍‌ସିବି ମେଡିକାଲରେ ପ୍ରାଣ ହରାଇଛନ୍ତି।

ଗତ ୬ ଦିନ ତଳୁ ଆରମ୍ଭ ହୋଇଥିବା ଏହି ପ୍ରାଣଘାତୀ ଝାଡ଼ାବାନ୍ତି ଯୋଗୁଁ ଜିଲ୍ଲାରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାରେ ପ୍ରଶାସନ ପୂରା ବିଫଳ ହୋଇଛି। ଝାଡ଼ାବାନ୍ତିର ଉତ୍ପତ୍ତିସ୍ଥଳ ଏପର୍ଯ୍ୟନ୍ତ ପାଇପାରୁନାହିଁ। ତେଣୁ ପ୍ରଶାସନ ଓ ସରକାରଙ୍କ ଉପରୁ ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି। ଏପରି ସ୍ଥିତିରେ ଗାଁଗାଁରେ ଏବେ ଲୋକ ପୂଜାପାଠ କରିବା ଆରମ୍ଭ କରିଦେଇଛନ୍ତି।

■ ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ
■ ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କଲା କେନ୍ଦ୍ରୀୟ ଟିମ୍

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଗତକାଲି ରାତି ୧୧ଟାରୁ ରବିବାର ସକାଳ ୮ଟା ସୁଦ୍ଧା ଜିଲ୍ଲାରେ ମୋଟ ୨୨୫ ଜଣ ଚିକିତ୍ସିତ ହେଉଥିଲେ। ତେବେ ଆଜି ୯୬ ଜଣ ନୂଆ ରୋଗୀ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେହିପରି, ସନ୍ଧ୍ୟା ସୁଦ୍ଧା ୫୭ ଜଣ ଡିସ୍‌ଚାର୍ଜ ହୋଇଛନ୍ତି ଏବଂ ୨୫୮ ଜଣ ଏବେ ବି ଚିକିତ୍ସିତ ହେଉଛନ୍ତି।

ଅପରପକ୍ଷେ, କେନ୍ଦ୍ରୀୟ ପ୍ରତିନିଧି ଦଳ ଆଜି ଜିଲ୍ଲାରେ ପହଞ୍ଚି ଉଭୟ ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କରିଛନ୍ତି। ରିପୋର୍ଟ ଆସିବା ପରେ ହଇଜାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ମନ୍ତ୍ରୀ କହିଛନ୍ତି। ଜିଲ୍ଲାରେ ମୃତ୍ୟୁବରଣ କରିଥିବା ରୋଗୀ ସଂଖ୍ୟା ସଂପର୍କରେ ସର୍ଭେ କରାଯାଉଛି ବୋଲି କହିଥିଲେ। ଜିଲ୍ଲାରେ ଥିବା ପ୍ରତ୍ୟେକ ସରକାରୀ ଓ ବେସରକାରୀ ନଳକୂପ, କୂପ ଓ ଓଭରହେଡ ଟାଙ୍କି ଥିବା ଜଳ ଉତ୍ସଗୁଡ଼ିକୁ ବିଭାଗୀୟ କର୍ମଚାରୀମାନଙ୍କ ଦ୍ୱାରା ବିଶୋଧନ କରାଯାଉଛି।

## କେନ୍ଦ୍ରାପଡ଼ାରେ ଗଡ଼ିଲା ପ୍ରଥମ ମୁଣ୍ଡ

ଡେରାବିଶ,୧୫।୬(ସମିସ): ଯାଜପୁରରୁ ବ୍ୟାପିଥିବା ଡାଇରିଆ ଏବେ କେନ୍ଦ୍ରାପଡ଼ା ଜିଲ୍ଲାରେ ପଶିଛି। ଡେରାବିଶ ବ୍ଲକ୍‌ରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଆଜି ସକାଳୁ ଡାଇରିଆରେ ଆକ୍ରାନ୍ତ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଡେରାବିଶ ବ୍ଲକ୍ ଅନ୍ତର୍ଗତ ଏଣ୍ଡର ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ସଜନୀ ମଲିକ (୬୧)। ଗତକାଲି ତାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଅପରପକ୍ଷେ, ଡାଇରିଆରେ ୬ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇ କେନ୍ଦ୍ରାପଡ଼ା ଓ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ, ସଜନୀଙ୍କ ପୁଅ ଭାଗୀରଥି (୪୩) ଓ ନିରଞ୍ଜନ (୩୦) ଏବଂ ଗ୍ରାମର ରଙ୍ଗଲତା ମଲିକ (୪୫), ତପନ ମଲିକ (୪୬), କୁଞ୍ଜବିହାରୀ ମଲିକ (୭୫), ରଶ୍ମିତା ମଲିକ (୪୬)। ସମସ୍ତଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଏହି ଖବର ପଦାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ଜିଲ୍ଲା ପବ୍ଲିକ ହେଲ୍‌ଥ ଅଫିସର ଡାକ୍ତର ନିରୁପମା ଶତପଥୀ ଓ ଡେରାବିଶର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ବେହେରାଙ୍କ ନେତୃତ୍ୱରେ ଡକ୍ତରୀ ଟିମ୍ ପହଞ୍ଚିଛନ୍ତି। ଏଥିସହ ସ୍ଥାନୀୟ ଆଶା, ଅଙ୍ଗନବାଡ଼ି କର୍ମୀ ପହଞ୍ଚିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଟିମ୍ ଆକ୍ରାନ୍ତଙ୍କ ଘରକୁ ଯାଇ ରୋଗ ଉତ୍ପତ୍ତିର କାରଣ ଖୋଜିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଟିମ୍ ସହ ଏଣ୍ଡର ସରପଞ୍ଚ ଦୁର୍ଯ୍ୟୋଧନ ମଲିକ ଓ ସମାଜସେବୀ ମହେନ୍ଦ୍ର ମଲିକ ଉପସ୍ଥିତ ରହି ଗ୍ରାମର ସମସ୍ତ ଘରକୁ ଯାଇ ଲୋକମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ ଓ ଲୋକଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ।

■ ଭଦ୍ରକରେ ମାଡୁଛି

## ଧାମନଗରରେ ୬୦, ଭଣ୍ଡାରିପୋଖରୀରେ ୬ ଆକ୍ରାନ୍ତ

ବାରିକପୁର/ଧାମନଗର: ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ, ଧାମନଗରରେ ଝାଡ଼ାବାନ୍ତି ଅଣାୟତ୍ତ ହେବାରେ ଲାଗିଛି। ଏବେ ୬୦ ଆକ୍ରାନ୍ତ ଧାମନଗର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ମେଡିକାଲରୁ ସେମାନଙ୍କୁ ସାଲାଇନ ଓ ଔଷଧ ଦିଆଯାଇ ଛଡ଼ାଯାଇଛି। ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି ବୋଲି ଡାକ୍ତର ସୂଚନା ଦେଇଛନ୍ତି। ରାଧାବଲ୍ଲଭପୁରର ବନ୍ଧଟିଆ ଯେନା ସାହି ଗ୍ରାମର ୪ଟି ପରିବାରରଲୋକ କାଲିଠାରୁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗାଁ ନଳକୂଅରୁ ପାଣି ପିଇଥିଲେ। କାଲି ସକାଳୁ ଘରର ୩ ପିଲାଙ୍କର ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ଅପରାହ୍ଣକୁ ବାପା ମାଆଙ୍କର ଝାଡ଼ାବାନ୍ତି ଆରମ୍ଭ ହୋଇ ଯାଇଥିଲା। ସମସ୍ତଙ୍କୁ ପଡ଼ିଶା ଘର ଲୋକେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

ସେହିପରି ଭଣ୍ଡାରିପୋଖରୀ ବ୍ଲକ ମାଳଦା ଓ ଷୋଳମପୁର ପଞ୍ଚାୟତ ଅଞ୍ଚଳରେ ଗତ ଚାରି ପାଞ୍ଚ ଦିନ ହେବ ଝାଡ଼ାବାନ୍ତି ବ୍ୟାପୁଥିବା ଜଣାପଡ଼ିଛି। ଏହାରି ଭିତରେ କିଛି ଆକ୍ରାନ୍ତ ଚିକିତ୍ସା ହୋଇ ଘରକୁ ଫେରିଥିବା ବେଳେ ଆହୁରି କିଛି ଯାଜପୁର ଓ କଟକ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ପଞ୍ଚାୟତ ଅଧୀନ ରାତୋ ଗ୍ରାମର ମହିଳା ଓ ପୁରୁଷଙ୍କୁ ମିଶାଇ ୬/୭ ଜଣ ଦୁଇ ଦିନ ମଧ୍ୟରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ଜଣ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଚିକିତ୍ସିତ ହେଉଥିବା ବେଳେ ଜଣେ କଟକ ଓ ଅନ୍ୟ ଜଣେ ଯାଜପୁର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଜଣେ ମାତ୍ର ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡିଛି। ଗାଆଁରେ ଏଯାଏଁ ମେଡିକାଲ ଟିମ୍ ପହଞ୍ଚି ନଥିବା ଅଭିଯୋଗ ହୋଇଛି।

## ଅସ୍ତରଙ୍ଗରେ ଦିନକୁ ୨୦ ଆକ୍ରାନ୍ତ

ଅସ୍ତରଙ୍ଗ,୧୫।୬(ସମିସ): ଦିନକୁ ଦିନ ଡାଇରିଆ ତା'ର କାୟା ବିସ୍ତାର କରି ଜିଲ୍ଲା ପରେ ଜିଲ୍ଲାକୁ ବ୍ୟାପି ଚାଲିଥିବାବେଳେ ସେଥିରେ ସାମିଲ୍ ହୋଇଛି ପୁରୀ ଜିଲ୍ଲାର ଅସ୍ତରଙ୍ଗ ଅଞ୍ଚଳ। ଦୀର୍ଘ ବର୍ଷ ଧରି ଯାହା ଦେଖିବାକୁ ମିଳି ନ ଥିଲା, ତାହା ଏବେ ବିଭିନ୍ନ ଜିଲ୍ଲାର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲାଣି। ଅସ୍ତରଙ୍ଗ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ପ୍ରତିଦିନ ୧୫ରୁ ୨୦ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି। ଡାକ୍ତର ବିଶ୍ୱଭାରତ ମହାଲିକଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ପ୍ରତିଦିନ ଝାଡ଼ାବାନ୍ତି ରୋଗୀ ଆସୁଛନ୍ତି। ଯେଉଁମାନେ ଆସୁଛନ୍ତି ଚିକିତ୍ସା ପରେ ସୁସ୍ଥ ହେଉଛନ୍ତି, ବର୍ତ୍ତମାନ ସୁଦ୍ଧା କେହି ଗୁରୁତର ହୋଇନାହାନ୍ତି। ପ୍ରତିବର୍ଷ ଏହି ସମୟରେ ଏମିତି ସଂକ୍ରମିତ ରୋଗୀ ଆସନ୍ତି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ହଇଜାରେ ୧୪ଜଣ ପ୍ରାଣ ହରାଇଥିବା ବେଳେ ରାଜ୍ୟ ସରକାର ଏହାକୁ ଅତି ହାଲୁକା ଭାବେ ନେବା ସମସ୍ତଙ୍କୁ ବେଶ୍ ଚକିତ କରୁଛି। ଲୋକଙ୍କ ଜୀବନକୁ ଆଉ ବିପଦକୁ ନ ଠେଲି ସରକାର ସଜାଗ ହୋଇ ଜନସଚେତନତା କରିବା ସହିତ ଉତ୍ତମ ଚିକିତ୍ସା ସୁବିଧା, ସାଲାଇନ, ଔଷଧ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖିବା ଏବଂ ଝାଡ଼ାବାନ୍ତି ରୋକିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭୁବନରେ ଆତଙ୍କ। ବଢୁଛି ରୋଗୀ ସଂଖ୍ୟା

ଭୁବନ,୧୫।୬ (ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍‌ଏସିର ସହିତ ବିଭିନ୍ନ ୱାର୍ଡରେ ଡାଇରିଆ ଆତଙ୍କ ସୃଷ୍ଟି କରିଛି। ପଡ଼ୋଶୀ ଯାଜପୁରରୁ ଏହା ବ୍ୟାପୁଥିବା ଆଶଙ୍କା କରାଯାଇଛି। ଗତକାଲି ଡାଇରିଆରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୫୦ ଟପି ଯାଇଛି। ମୃତ ବ୍ୟକ୍ତିଜଣଙ୍କ ହେଲେ, ଏନ୍‌ଏସି ୱାର୍ଡ ନମ୍ବର ୧୨ ଦଳିତ ବସ୍ତିର କୃପାସିନ୍ଧୁ ମଳିକ। ଝାଡ଼ାବାନ୍ତି ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ପରିବାରଲୋକ ଅଭିଯୋଗ କରୁଥିବା ବେଳେ ଡାକ୍ତର ଏହାକୁ ଖଣ୍ଡନ କରିଛନ୍ତି। ସମସ୍ତ ରୋଗୀଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ବହୁ ଡାଇରିଆ ଆକ୍ରାନ୍ତ ଘରେ ରହି ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି।

ସ୍ଥାନୀୟ ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନେ ପ୍ରାଥମିକ ଚିକିତ୍ସାରେ ସହଯୋଗ କରିଛନ୍ତି। କେଉଁ କାରଣ ଯୋଗୁଁ ବିଭିନ୍ନ ୱାର୍ଡରେ



ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ତାହା ଅସ୍ପଷ୍ଟ ରହିଛି। ଖବର ପାଇ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଟିମ ପହଞ୍ଚି ରୋଗୀଙ୍କ ଚିକିତ୍ସାରେ ସହଯୋଗ କରୁଛନ୍ତି। ଘଟଣାସ୍ଥଳରେ ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣି ନାଇକ, ତହସିଲଦାର ସୂର୍ଯ୍ୟ ଶଙ୍କର ଦାସ, ବିଧାୟକ ଶତ୍ରୁଘ୍ନ ଜେନା ନଗରପାଳ ଶୁଭେନ୍ଦୁ କୁମାର ସାହୁ, ନିର୍ବାହି ଅଧିକାରୀ ପ୍ରଦାତ ସାହୁ, ମୁଖ୍ୟ ଡାକ୍ତର ରମେଶ ଚନ୍ଦ୍ର ସାହୁ ଘଟଣାସ୍ଥଳ ପରିବର୍ଶନ କରିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ପ୍ରଶାସନ ଚିନ୍ତା ପଡ଼ିଯାଇଛି।





## କାର୍ ଦୁର୍ଘଟଣାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦଙ୍କ ପତ୍ନୀ, ଝିଅ, ନାତୁଣୀ ଗୁରୁତର

### ପୂର୍ବତନ ବିଧାୟକ ଅମର ଓ ପ୍ରଭାତ ଆହତ

କିଶୋରନଗର/ବଇଣ୍ଡା, ୧୫।୬ (ସମିସ): କଟକ-ସମ୍ବଲପୁର ୫୫ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ହଣ୍ଡପା ବଜାର ନିକଟରେ ରବିବାର ଦୁଇଟି କାର୍ ପଛକୁ ପଛ ଧକ୍କା ହେବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନଦ ବିଶ୍ୱାଳଙ୍କ ସ୍ତ୍ରୀ ଉର୍ମିଳା ବିଶ୍ୱାଳ(୭୮), ଝିଅ ଅନିତା ବିଶ୍ୱାଳ(୩୮), ନାତୁଣୀ ଅନବିକା ଧାମେ(୧୧)ଙ୍କ ସମେତ ଗାଡ଼ି ଚାଳକ ସଞ୍ଜୟ ବେଉରା ଗୁରୁତର ଆହତ ହୋଇଛନ୍ତି।



ସେହିପରି ଅନ୍ୟ ଏକ କାର୍‌ରେ ବସିଥିବା ପୂର୍ବତନ ବିଧାୟକ ଅମର ଶତପଥୀ ଓ ପ୍ରଭାତ ତ୍ରିପାଠୀ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ହଣ୍ଡପା ଥାନା ଆଇଆଇସି ନମିତା ନାୟକଙ୍କ ନେତୃତ୍ୱରେ ପୁଲିସ୍ ଟିମ୍ ସମସ୍ତଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଛି। ସୂଚନାନୁଯାୟୀ, ପୂର୍ବତନ ବିଧାୟକ ଅମର ଶତପଥୀ ଓ ପ୍ରଭାତ ତ୍ରିପାଠୀ ଏକ ଇନୋଭାରେ ସମ୍ବଲପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ପଛରେ ଅନ୍ୟ ଏକ କାର୍‌ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଶ୍ୱାଳଙ୍କ ପରିବାରଲୋକେ ଭୁବନେଶ୍ୱର ଯାଉଥିଲେ। ହଣ୍ଡପା ବଜାର ନିକଟରେ ଭାରସାମ୍ୟ ହରାଇ ଇନୋଭା ପଛରେ କାର୍ ଧକ୍କା ହୋଇଥିଲା।

## କାଳ ହେଲା ରଜ ମଉଜ। ପାଣିରେ ବୁଡ଼ି ୩ ସାଙ୍ଗ ମୃତ, ୨ ନିଖୋଜ

ବାରିପଦା, କୋଷାଗୁମୁଡ଼ା/ ଜଗତସିଂହପୁର/ଏରସମା, ୧୫।୬(ସମିସ): କାଳ ହେଲା ରଜ ମଉଜ। ବିଭିନ୍ନ ସ୍ଥାନରେ ଆଜି ପାଣିରେ ବୁଡ଼ି ଆଜି ରାଜ୍ୟରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ନିଖୋଜ ହୋଇଯାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଦେଇ ଯାଇଥିବା ପଳପଳା ନଦୀରେ ବୁଡ଼ି ୨ସାଙ୍ଗ ପ୍ରାଣ ହରାଇଥିବା ବେଳେ ଜଗତସିଂହପୁର ଜିଲ୍ଲା ଶିଆଳି ବେଳାଭୂମି ନିକଟରେ ସମୁଦ୍ରରେ ବୁଡ଼ି ଜଣଙ୍କର ମୃତ୍ୟୁ ହୋଇଛି। ଅପରପକ୍ଷେ, ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ାସ୍ଥିତ ଗୁଲମି ଜଳପ୍ରପାତ ବୁଲିବାକୁ ଯାଇଥିବା ୨ ସାଙ୍ଗ ପାଣିରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି।

ସୂଚନାନୁଯାୟୀ, ବାରିପଦା ସହରରୁ ୨୦କିମି ଦୂର ଶିମିଳିପାଳ ପାଦଦେଶ ଲୁଲୁଙ୍ଗ ନିକଟ ପଳପଳା ନଦୀରେ ବୁଡ଼ି ରବିବାର ୨ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଦ୍ୱୟ ହେଲେ, ଭଞ୍ଜପୁର ଥାନା ଅଧୀନ ମୁର୍ଗାବାଡ଼ି ଅଞ୍ଚଳର ଅଙ୍କିତ କୁମାର ଭୁଜବଳ (୨୦) ଓ ରଘୁନାଥପୁର ଅଞ୍ଚଳର ଅଂଶୁମାନ ନାଏକ (୨୦)। ଉଭୟ ଭୁବନେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପଢ଼ନ୍ତି। ରଜ ଛୁଟିରେ ଘରକୁ ଆସିଥିଲେ। ଅନ୍ୟ ୫ଜଣ ସାଙ୍ଗଙ୍କ ସହ ସେମାନେ ଆଜି ବଣଭୋଜି କରିବାକୁ ଲୁଲୁଙ୍ଗ ଯାଇଥିଲେ। ସେଠାରେ ସମସ୍ତେ ପଳପଳା ନଦୀକୁ ଗାଧୋଇବାକୁ ଯାଇଥିଲେ। ୪ଜଣ ନଦୀ ଭିତରକୁ ପଶିବା ବେଳେ ଅସାବଧାନତାବଶତଃ ପଥରରେ ଗୋଡ଼ ଖସିଯିବାରୁ ନଦୀର ଗଭୀର ଜଳରାଶିକୁ ଚାଲିଯାଇଥିଲେ। ଉପରେ ଥିବା ୩ ସାଙ୍ଗ ୨ଜଣଙ୍କୁ ଉଦ୍ଧାର କରିଥିଲେ ହେଁ ଅଂଶୁମାନ ଓ ଅଙ୍କିତ ନିଖୋଜ ହୋଇଯାଇଥିଲେ। ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ବେଳକୁ ଦୁହିଁଙ୍କ ମୃତ୍ୟୁ ହୋଇସାରିଥିଲା।



ସେହିପରି କୋଷାଗୁମୁଡ଼ା ସଦର ମହକୁମାର ମିରଗାନ ସାହିର ଦୁଇ ନାବାଳକ ଚାନ୍ଦିଲି ନିକଟସ୍ଥ ଗୁଲମି ଜଳପ୍ରପାତରେ ଭାସି ଯାଇଛନ୍ତି। ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରୁଛି। କିନ୍ତୁ ସଂଧ୍ୟା ସୁଦ୍ଧା ସେମାନଙ୍କର କୌଣସି ଖବର ମିଳି ପାରିନାହିଁ। ସୂଚନା ଅନୁସାରେ ରବିବାର ଅପରାହ୍ଣରେ ୫ ଜଣ ସାଙ୍ଗ ଦୁଇ ବାଇକ୍‌ରେ ଜଳପ୍ରପାତ ନିକଟକୁ ବୁଲି ଯାଇଥିଲେ। ସେଠାରେ ସେମାନେ ଗାଧେଇବା ବେଳେ ଦୁଇଜଣ ବାଳକ ଅଲୋକ ସୁନା ଓ କିରଣ ନାୟକ ଭାସି ଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ସେମାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ ଚଳାଇଛି। ଦୁଇ ସାଙ୍ଗ ଚଳିତ ବର୍ଷ ୧୦ମ ଶ୍ରେଣୀରେ ପଢୁଛନ୍ତି। ଏହାକୁ ନେଇ କୋଷାଗୁମୁଡାରେ ଏକ ଦୁଃଖର ବାତାବରଣ ଖେଳିଯାଇଛି।

ଅପରପକ୍ଷେ, ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ଶିଆଳି ବେଳାଭୂମିରେ ସମୁଦ୍ରରେ ଗାଧୋଇବା ବେଳେ ଜଣେ ଯୁବକ ଜୁଆରରେ ଭାସି ପ୍ରାଣ ହରାଇଛନ୍ତି। ମୃତ ଯୁବକ ହେଲେ, ବାଲିକୁଦା ଥାନା ଅଧୀନ ତିତିରା ପଞ୍ଚାୟତ ବେଗୁନିଆ ଗ୍ରାମର ଗୌତମ ପରିଜାଙ୍କ ପୁଅ ଦୀପ୍ତିରଞ୍ଜନ ପରିଜା ଓରଫ୍ ବବୁଲ (୨୨)। ବାଲିକୁଦା ଥାନା ତିତିରା ପଞ୍ଚାୟତ ବେଗୁନିଆ ଗ୍ରାମର ୬ଜଣ ଯୁବକ ଆଜି ମଧ୍ୟାହ୍ନରେ ଶିଆଳି ଯାଇଥିଲେ। ସେଠାରେ ଗାଧୋଉଥିବା ବେଳେ ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ଜୁଆର ଟାଣି ନେଇଥିଲା। ୩ଜଣଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରିଥିବା ବେଳେ ବବୁଲଙ୍କ ପତ୍ତା ମିଳିନଥିଲା। କିଛି ସମୟ ପରେ ନିକଟସ୍ଥ ରାମତରା ନିକଟରେ ବବୁଲ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏରସମା ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ମୌସୁମୀକୁ ଟାଣିଲା ଘୂର୍ଣ୍ଣିବଳୟ

ଭୁବନେଶ୍ୱର, ୧୫।୬ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଅନ୍ୟପଟେ ଘୂର୍ଣ୍ଣିବଳୟ ଯୋଗୁଁ ମୌସୁମୀ ସକ୍ରିୟ ହେବାକୁ ପାଗ ଅନୁକୂଳ ହୋଇଛି। ତେଣୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅନ୍ୟ କିଛି ଜିଲ୍ଲାକୁ ମୌସୁମୀ ଅଗ୍ରସର ହେବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ୭ ଦିନ ଯାଏଁ ରାଜ୍ୟରେ ମୌସୁମୀ ବର୍ଷା ହୋଇପାରେ ବୋଲି ଅକଳନ କରାଯାଇଛି। ମୌସୁମୀ ଅଗ୍ରସର ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ଆସନ୍ତା ୧୯ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ ଆକଳନ କରାଯାଇଛି। ସୋମବାର ବିଶେଷ କରି ଉତ୍ତର, ଉତ୍ତର ଉପକୂଳ ଓ ଉତ୍ତର ପଶ୍ଚିମ ଜିଲ୍ଲା ମାନଙ୍କରେ ଅଧିକ ବର୍ଷା ନେଇ ଅନୁମାନ କରାଯାଇଛି। ଏହି ସମୟରେ ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ବରଗଡ଼ ଜିଲ୍ଲାର ଗୋଟିଏ ୨ଟି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ଛତ୍ରପୁରରେ ୩୭, କେନ୍ଦୁଝରରେ ୩୨, ଅନୁଗୁଳ ୨୧, ଖୋର୍ଦ୍ଧା ୧୮, ବୌଦ୍ଧ ୧୬, ପୁରୀ ଓ ନୟାଗଡ଼ରେ ୧୦ ମିମି ଲେଖାଏଁ ବର୍ଷା ରେକର୍ଡ ହୋଇଛି।

## ଓଡ଼ିଆରେ ନିଟ୍-ୟୁଜି ପରୀକ୍ଷା ଦେଲେ ମାତ୍ର ୧.୩୭%

# ଓଡ଼ିଆ ପ୍ରତି ଅନାଗ୍ରହୀ ଓଡ଼ିଶା ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୫।୬(ସମିସ): ଡ଼ାକ୍ତରୀ ପଢ଼ିବାପାଇଁ ଓଡ଼ିଆ ଭାଷାରେ ପରୀକ୍ଷା ଦେବାକୁ ଓଡ଼ିଆ ଛାତ୍ରଛାତ୍ରୀ ରାଜି ହେଉ ନାହାନ୍ତି । ନିଟ୍ ୟୁଜି ପରୀକ୍ଷାରେ ଓଡ଼ିଆ ଭାଷାରେ ପରୀକ୍ଷା ଦେବାକୁ ବିକଳ୍ପ ରହିଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଚଳିତ ବର୍ଷ ମାତ୍ର ୧.୩୭ ପ୍ରତିଶତ ପିଲା ଓଡ଼ିଆରେ ପରୀକ୍ଷା ଦେଇଛନ୍ତି। ସରକାର ବିଭିନ୍ନ ପାଠ୍ୟକ୍ରମକୁ ଜାତୀୟ ଶିକ୍ଷାନୀତି ଆଧାରରେ ଆଞ୍ଚଳିକ ଭାଷା ଓଡ଼ିଆରେ ଅନୁବାଦ କରିବାକୁ ପଦକ୍ଷେପ ନେଉଥିବାବେଳେ ଓଡ଼ିଆ ଭାଷାରୁ ଛାତ୍ରଛାତ୍ରୀମାନେ ମୁହଁ ମୋଡ଼ିବା ଚିନ୍ତା ବଢ଼ାଇଛି।

ଚଳିତବର୍ଷ ଓଡ଼ିଶାରୁ ସମୁଦାୟ ୬୧,୧୧୧ ପିଲା ନିଟ୍-ୟୁଜି ପରୀକ୍ଷା ଦେବାକୁ ପଞ୍ଜିକରଣ କରିଥିଲେ। ତନ୍ମଧ୍ୟରୁ ୫୯,୨୩୮ ଜଣ ପରୀକ୍ଷା ଦେଇଥିବାବେଳେ ପ୍ରାୟ ୫୩% ଅର୍ଥାତ୍ ୩୧,୬୭୩ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ପ୍ରାୟ ୬୦ ହଜାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଚଳିତ ବର୍ଷ ମାତ୍ର ୧.୩୭ ପ୍ରତିଶତ ବା ୮୧୨ ଜଣ ପିଲା ଓଡ଼ିଆରେ ପରୀକ୍ଷା ଦେଇଛନ୍ତି। ଯାହା ସର୍ବକାଳୀନ ସର୍ବନିମ୍ନ ବୋଲି ଜଣାପଡ଼ିଛି। ୨୦୧୭ ମସିହାରୁ ଓଡ଼ିଆ ଭାଷାରେ ନିଟ୍-ୟୁଜି ପରୀକ୍ଷା ହେଉଛି। ପ୍ରଥମ ୩ବର୍ଷ ଓଡ଼ିଆ

### ଓଡ଼ିଆରେ ପାଠ୍ୟପୁସ୍ତକ ଅଭାବ ଓ ଶିକ୍ଷାଦାନ ପ୍ରମୁଖ ପ୍ରତିବନ୍ଧକ

ଭାଷାରେ ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଏପରିକି ପ୍ରାୟ ୫୦% ଲେଖାଏଁ ଓଡ଼ିଆରେ ପରୀକ୍ଷା ଦେଉଥିଲେ। ୨୦୧୯ ମସିହାରେ ୩୧,୪୯୦ ପିଲା ଓଡ଼ିଆରେ ପରୀକ୍ଷା ଦେଇଥିଲେ। ଏହାପରେ କ୍ରମାଗତ ଭାବେ ଓଡ଼ିଆ ପ୍ରତି ଅନାଦର ବଢୁଛି। ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ ପ୍ରାୟ ହଜାରେ ଲେଖାଏଁ ପିଲା ଓଡ଼ିଆରେ ପରୀକ୍ଷା ଦେଉଥିବାବେଳେ ୨୦୨୪ରେ ୧୩୧୨ ଜଣ ଓଡ଼ିଆରେ ପରୀକ୍ଷା ଦେଇଥିଲେ। ଚଳିତ ବର୍ଷ ଏହି ଗ୍ରାଫ୍ ଆହୁରି ତଳମୁହାଁ ହେବା ସହ ୮୧୨ରେ ପହଞ୍ଚିଛି।

ଓଡ଼ିଆ ଭାଷାରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା କମିବାରେ ଓଡ଼ିଆ ପାଠ୍ୟକ୍ରମ ଓ ଶିକ୍ଷାଦାନର ଘୋର ଅଭାବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷାବିତ୍ ଡ. ଶରତ କରଙ୍କ କହିବା ଅନୁଯାୟୀ, ଓଡ଼ିଆ ଭାଷାରେ ଡ଼ାକ୍ତରୀ ପାଠ୍ୟକ୍ରମ ପାଇଁ ପର୍ଯ୍ୟାପ୍ତ ପାଠ୍ୟପୁସ୍ତକ ନାହିଁ। ମୁଖ୍ୟତଃ ଓଡ଼ିଶାର ବିଭିନ୍ନ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ କୋଚିଂ ସେଣ୍ଟରରେ ମଧ୍ୟ ଓଡ଼ିଆ ଭାଷାରେ ପଢ଼ାଯାଉ ନାହିଁ। ଫଳରେ ଇଂରାଜୀରେ ପଢ଼ିଥିବା ପିଲା ଓଡ଼ିଆରେ ପରୀକ୍ଷା ଦେବାକୁ ଆଗ୍ରହୀ ହେଉ ନାହାନ୍ତି। ଅପରପକ୍ଷରେ ଓଡ଼ିଆରେ ପରୀକ୍ଷା ଦେଇ ସଫଳତା ପାଉଥିବା ଛାତ୍ରଛାତ୍ରୀଙ୍କ ସଫଳ କାହାଣୀଗୁଡ଼ିକୁ ମଧ୍ୟ ପ୍ରୋତ୍ସାହିତ କରାଯାଉନାହିଁ। ଏଣୁ ଅନ୍ୟ ଛାତ୍ରଛାତ୍ରୀମାନେ ଓଡ଼ିଆ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ସେହିପରି ଗୁଗୁଲ୍ ଟ୍ରାନ୍ସଲେସନ୍ ଅନ୍ୟତମ କାରଣ ବୋଲି ମଧ୍ୟ ମତ ପ୍ରକାଶ ପାଉଛି। ଡ଼ାକ୍ତରୀ ପାଇଁ ଯେଉଁ ହାତଗଣତି ପାଠ୍ୟପୁସ୍ତକ ରହିଛି ସେସବୁକୁ ଗୁଗୁଲ୍ ଟ୍ରାନ୍ସଲେଟର୍ ପକାଇ ପ୍ରସ୍ତୁତ କରାଯାଇଛି। ଫଳରେ ଓଡ଼ିଆ ଲିପିରେ ଲେଖା ହୋଇଥିଲେ ମଧ୍ୟ ଭାବାର୍ଥ ବୁଝାପଡୁନାହିଁ। ପରୀକ୍ଷାରେ ମଧ୍ୟ ଟ୍ରାନ୍ସଲେସନ୍ ହୋଇ ପ୍ରଶ୍ନ ଆସୁଥିବାରୁ ବହୁ ପ୍ରଶ୍ନ ବୁଝାପଡୁନାହିଁ। ଯେଉଁଠି ଓଡ଼ିଆ ଭାଷା ବୁଝି ନ ହେବ ବା ଭାବାର୍ଥରେ ସାମଞ୍ଜସ୍ୟ ଥିବ ତାହେଲେ ଇଂରାଜୀ ଭାଷାରେ ପଢ଼ିଥିବା ପ୍ରଶ୍ନକୁ ସଠିକ୍ ବୋଲି ଧରାଯିବ ବୋଲି ଉଲ୍ଲେଖ ରହୁଛି। ଏଣୁ ଓଡ଼ିଆରେ ପରୀକ୍ଷା ଦେଇ ଅସୁବିଧାରେ ପଡ଼ିବା ଅପେକ୍ଷା ମୂଳରୁ ଇଂରାଜୀ ଭାଷାରେ ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀମାନେ ପସନ୍ଦ କରୁଛନ୍ତି। ଓଡ଼ିଆ ଭାଷାରେ ପାଠ୍ୟକ୍ରମ ଓ ନିୟମିତ ଶିକ୍ଷାଦାନ ହେଲେ ଓଡ଼ିଆ ଭାଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢ଼ିବ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ ଉପରଠଉରିଆ: କଂଗ୍ରେସ

ଭୁବନେଶ୍ୱର,୧୫।୬(ସମିସ): ଯାଜପୁର ଜିଲ୍ଲାରେ ହଇଜା ଚିହ୍ନଟ ହେବା ଏବଂ ରାଜ୍ୟର ୮ଟି ଜିଲ୍ଲାକୁ ଝାଡ଼ାବାନ୍ତି ବ୍ୟାପିଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏବେ ଚୁପ୍ ବସିଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଉପରଠଉରିଆ ଭାବେ ଯାଜପୁର ଜିଲ୍ଲା ଗସ୍ତ କରି ତାଙ୍କ ପାରିବାପଣିଆ ଦେଖାଇଛନ୍ତି। ଝାଡ଼ାବାନ୍ତି ବ୍ୟାପିବାର ୭ଦିନ ପରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କର ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ମନେପଡ଼ିଲା। ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ନେଇ ଆଜି ଏଭଳି ଢଙ୍ଗରେ ସରକାରଙ୍କ ଉପରେ ବର୍ଷିଛି ରାଜ୍ୟ ଯୁବ କଂଗ୍ରେସ।

ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ଯେ ଯାଜପୁର ଜିଲ୍ଲାରେ ୧୦ରୁ ଅଧିକ ଲୋକ ଏହି ରୋଗରେ ଜୀବନ ହାରିଥିବାବେଳେ ଶତାଧିକ ଲୋକ ପ୍ରଭାବିତ ଅଛନ୍ତି। ରାଜ୍ୟ ସରକାର ଏ ଦିଗରେ ପୂର୍ବରୁ ଉପଯୁକ୍ତ ଧ୍ୟାନ ଦେଲେ ନାହିଁ। ଯାହାଫଳରେ ଯାଜପୁରରେ ଦେଖାଦେଇଥିବା ଝାଡ଼ାବାନ୍ତି ଆଜି ଭଦ୍ରକ, କେନ୍ଦୁଝର, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଖୋର୍ଦ୍ଧା ଭଳି ଜିଲ୍ଲାକୁ ବ୍ୟାପିଲାଣି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବାଃ ବାଃ ନେବାର ଡିଣ୍ଡିମ ପିଟୁଥିବାବେଳେ ଆଜିର ଦିନରେ ରାଜ୍ୟରେ ହଇଜା ଭଳି ରୋଗ ବ୍ୟାପୁଛି। ଏଭଳି ପରିସ୍ଥିତି କାହିଁକି ଆସିଲା, ରାଜ୍ୟ ସରକାର ତା'ର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଶ୍ରୀ ସାମଲ ଦାବି କରିଛନ୍ତି।

ଶ୍ରୀ ସାମଲ ଆହୁରି କହିଛନ୍ତି ଯେ ଏହି ରୋଗ ବ୍ୟାପିଥିବା ଜିଲ୍ଲାଗୁଡ଼ିକୁ ସରକାର ତୁରନ୍ତ ଚିକିତ୍ସକ ଦଳ ପଠାଇ ରୋଗ ନିୟନ୍ତ୍ରଣ କରିବା ଉପରେ ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ପ୍ରଭାବିତ ଜିଲ୍ଲାରେ କେନ୍ଦ୍ରୀୟ ଟିମ୍ ଆସି ସ୍ଥିତି ଅନୁଧ୍ୟାନ କରିବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକଳ ଚିତ୍ରକୁ ଦର୍ଶାଉଛି। ଆଜିର ଦିନରେ ଆମ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ଅପରାଗ ବୋଲି ରାଜ୍ୟ ସରକାର ପ୍ରମାଣିତ କରିଥିବା ଶ୍ରୀ ସାମଲ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।




୪୦୦ ମ୍ୟାଚ୍ କ୍ଲବ୍‌ରେ ମନ୍‌ପ୍ରୀତ୍

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-348 ◆BHUBANESWAR ◆MONDAY ◆16 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୪୮ ◆ଭୁବନେଶ୍ୱର ◆ସୋମବାର ◆୧୬ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦






ଦୁଃଖଦ

## ପୁଣେରେ ପୋଲ ଭୁଶୁଡ଼ି ୫ ମୃତ; ୩୦ ନିଖୋଜ

■ **ପୁଣେ, ୧୫।୬ (ଏଜେନ୍ସି):** ମହାରାଷ୍ଟ୍ରର ପୁଣେ ନିକଟରେ ଆଜି ଇନ୍ଦ୍ରାୟଣୀ ନଦୀ ଉପରେ ନିର୍ମିତ ଏକ ପୁରୁଣା ପୋଲ ଭୁଶୁଡ଼ି ପଡ଼ିବାରୁ ୨୦ରୁ ୩୦ ଜଣ ବ୍ୟକ୍ତି ଭାସିଯାଇଛନ୍ତି। ଏଥିରେ ୫ ଜଣ ପ୍ରାଣ ହରାଇଛନ୍ତି ଏବଂ ୧୩ ଜଣଙ୍କୁ ଉଦ୍ଧାର କରାଯାଇଥିବା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନାଭିସ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଚାଲିଛି। ପାଣିର ସ୍ରୋତ ପ୍ରଖର ହୋଇଥିବା ଦୃଷ୍ଟିରୁ ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି। ଉଦ୍ଧାର ପାଇଥିବା ଲୋକମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ଯାନବାହନ ପାଇଁ ଏହି ପୋଲକୁ ବନ୍ଦ ରଖାଯାଇଥିଲେ ମଧ୍ୟ ବନ୍ୟା ପାଣି ଦେଖିବା ଲାଗି ୨୦ରୁ ୩୦ ଜଣ ଲୋକ ଏହି ବିପଦଶଙ୍କୁଳ ପୋଲ ଉପରେ ଭିଡ଼ ଜମାଇଥିଲେ। ଏହି ସମୟରେ ପୋଲ ଭୁଶୁଡ଼ି ପଡ଼ିଥିଲା। ବନ୍ୟା ପାଣିର ପ୍ରଖର ସ୍ରୋତରେ ସେମାନେ ଭାସିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବା ଲାଗି ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଥିଲା। ୧୩ ଜଣ ଉଦ୍ଧାର ହୋଇଥିଲେ ମଧ୍ୟ ପୋଲ ଉପରେ କେତେ ଲୋକ ଥିଲେ ତାହା ନିର୍ଦ୍ଦିଷ୍ଟ ଭାବେ ଜଣାପଡ଼ି ନାହିଁ। ତେଣୁ ନଦୀରେ ଉଦ୍ଧାର ଅଭିଯାନ ଜାରି ରହିଛି। ପ୍ରକାଶଥାଉକି କିଛି ଦିନ ତଳେ ସରକାର ଏହି ବିପଦଶଙ୍କୁଳ ଏହି ପୋଲ ଉପରେ ଯାତାୟତକୁ ବାରଣ କରିଥିଲେ।

## କେଦାରନାଥରେ ଖସିପଡ଼ିଲା ହେଲିକପ୍ଟର୍; ୭ ମୃତ

■ **ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି):** ଉତ୍ତରାଖଣ୍ଡର ଗୌରିକୁଣ୍ଡ ଜଙ୍ଗଲରେ ଆଜି ସକାଳେ ଏକ ହେଲିକପ୍ଟର ଦୁର୍ଘଟଣାରେ ପାଇଲଟଙ୍କ ସମେତ ୭ ଜଣ ପ୍ରାଣ ହରାଇଛନ୍ତି। ହେଲିକପ୍ଟର ଆଜି ସକାଳ ୫ଟା ୧୭ ମିନିଟରେ କେଦାରନାଥ ଧାମରୁ ଗୁପ୍ତକାଶୀ ଯାଉଥିବା ବେଳେ ଖରାପ ପାଗ ଯୋଗୁଁ ଜଙ୍ଗଲ ଭିତରେ ଖସିପଡ଼ିଥିଲା। ହେଲିକପ୍ଟର ଉଡ଼ିଲା ବେଳକୁ କିଛି ଦେଖାଯାଉନଥିଲା ଏବଂ ପାଗ ମଧ୍ୟ ଅନୁକୂଳ ନଥିଲା। ଏହାସତ୍ତ୍ୱେ ପାଇଲଟ ଗୁପ୍ତକାଶୀ ଆଡ଼କୁ ଅଗ୍ରସର ହୋଇଥିଲେ। ଖବର ପାଇ ଏନ୍‌ଡିଆର୍‌ଏଫ୍‌ର ସ୍ୱତନ୍ତ୍ର ଟିମ୍ ଦୁର୍ଘଟଣାଗ୍ରସ୍ତ ଅଞ୍ଚଳକୁ ଯାଇଛନ୍ତି। ଏହି ଦୁର୍ଘଟଣା ପରେ ଚାର ଧାମ ଅଞ୍ଚଳରେ ଆସନ୍ତାକାଲି ପର୍ଯ୍ୟନ୍ତ ହେଲିକପ୍ଟର ସେବାକୁ ବନ୍ଦ କରିଦିଆଯାଇଛି। ଉତ୍ତରାଖଣ୍ଡରେ ଗତ ୬ ସପ୍ତାହ ମଧ୍ୟରେ ଏହା ହେଉଛି ପଞ୍ଚମ ହେଲିକପ୍ଟର ଦୁର୍ଘଟଣା। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି କହିଛନ୍ତି ଯେ ଏଭଳି ପ୍ରତିକୂଳ ପାଗରେ ହେଲିକପଟର ଉଡ଼ାଇବାରେ ପାଇଲଟଙ୍କର ପୂର୍ବ ଅଭିଜ୍ଞତା ଥିଲା। କେଉଁ ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଲା, ତାହାର ଯାଞ୍ଚ କରାଯିବ। ତେବେ ହେଲିକପ୍ଟର ଉଡ଼ାଣ ପାଇଁ ଯେଉଁ ଗାଇଡଲାଇନ୍ସ ରହିଛି ତାହାର ଅନୁପାଳନ ଲାଗି ସେ ହେଲିକପ୍ଟର ସେବା ଯୋଗାଉଥିବା ସଂସ୍ଥା ଏବଂ ପାଇଲଟମାନଙ୍କୁ ପରାମର୍ଶ ଦେଇଛନ୍ତି।

# ବାଡ଼ିବୁଢ଼ୀ ନେଲାଣି ୨୦ ମୁଣ୍ଡ

### କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାକୁ ମାଡ଼ିଲା ଝାଡ଼ାବାନ୍ତି
### ଡେରାବିଶରେ ଡାଇରିଆ ନେଲା ପ୍ରଥମ ମୁଣ୍ଡ
### ଯାଜପୁର ଜିଲ୍ଲାରେ ଆଖି ବୁଜିଲେ ଆଉ ୩ ରୋଗୀ
### କଣାସ ଘଟଣାରୁ କିଛି ଶିଖିଲେନି ରାଜ୍ୟ ସରକାର
### ଝାଡ଼ାବାନ୍ତି ବ୍ୟାପିବା ପଛରେ ଦୂଷିତ ପାନୀୟ ଜଳ
### ଫୁରସତ୍ ମିଳିବା ପରେ ପ୍ରଭାବିତ ଅଞ୍ଚଳରେ ମନ୍ତ୍ରୀ

■ **ଭୁବନେଶ୍ୱର, ୧୫।୬ (ସମିସ):** ମାତିଛି ବାଡ଼ିବୁଢ଼ୀ। ଯାଜପୁରରୁ ଆରମ୍ଭ କରି ଗୋଟିକ ପରେ ଗୋଟିଏ ଜିଲ୍ଲାରୁ ମୁଣ୍ଡ ଗୋଟାଉଛି। ପ୍ରଥମେ ଯାଜପୁରରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ଏବେ କେନ୍ଦୁଝର, ଭଦ୍ରକ, କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଜିଲ୍ଲାକୁ ମାଡ଼ିଗଲାଣି। ସେହିପରି ପଶ୍ଚିମ ଓଡ଼ିଶାର ବରଗଡ଼ ଜିଲ୍ଲାରେ ମଧ୍ୟ ଝାଡ଼ାବାନ୍ତି ବ୍ୟାପିଥିବା ଖବର ଆସିଛି। ଅବିଭକ୍ତ କଟକ ଓ ଅବିଭକ୍ତ ପୁରୀ ଜିଲ୍ଲାରେ ପରିସ୍ଥିତି ଅଣାୟତ୍ତ ହେବାକୁ ବସିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଆରମ୍ଭରୁ ଘଟଣାକୁ ଗୁରୁତ୍ୱ ନ ଦେବାର ପରିଣାମ ଏବେ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡ଼ିଛି। ଯାଜପୁର ଜିଲ୍ଲାର ଡାକ୍ତରଖାନାଗୁଡ଼ିକ କେବଳ ଝାଡ଼ାବାନ୍ତି ରୋଗୀରେ ଭର୍ତ୍ତି ହୋଇଯାଇଛି। ପ୍ରତିଦିନ ରୋଗୀ ସଂଖ୍ୟା ବଢ଼ିବଢ଼ି ଚାଲିଛି। ଯାଜପୁର, କେନ୍ଦୁଝର, ଭଦ୍ରକ, ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ମୃତ୍ୟୁସଂଖ୍ୟା ୨୦ରେ ପହଞ୍ଚିଲାଣି। ଏହାକୁ ରୋକିବାରେ ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାର ସଂପୂର୍ଣ୍ଣ ଫେଲ୍ ମାରିଛନ୍ତି। ଏବେ ବର୍ଷପୂର୍ତ୍ତି ଉତ୍ସବରୁ ଫୁରସତ୍ ମିଳିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଭାବିତ ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ପହଞ୍ଚିଛନ୍ତି।




ପାଞ୍ଚ ମାସ ତଳେ ପୁରୀ ଜିଲ୍ଲା କଣାସରେ ଡାଇରିଆ ସ୍ଥିତି ପୂରା ଅଣାୟତ୍ତ ହୋଇଥିଲା। ଶତାଧିକ ଲୋକ ଆକ୍ରାନ୍ତ ହୋଇଥିବାବେଳେ ୬ଜଣ ମୃତ୍ୟୁବରଣ କରିଥିଲେ। ଦୂଷିତ ପାନୀୟ ଜଳ ଯୋଗାଣରୁ ଏହି ଘଟଣା ଘଟିଥିବା ସେତେବେଳେ ଜଣାପଡ଼ିଥିଲେ ହେଁ ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଲେ ନାହିଁ; ଫଳସ୍ୱରୂପ ଏବେ ଉପକୂଳ ଓଡ଼ିଶା ସମେତ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାକୁ ଡାଇରିଆ ବ୍ୟାପିଛି। ଏବେଠାରୁ ସଜାଗ ନ ହେଲେ ଆଗକୁ ଆହୁରି ଭୟଙ୍କର ସ୍ଥିତି ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଚେତାବନୀ ଦେଇଛନ୍ତି।

ଡାଇରିଆ ବ୍ୟାପିବା ପଛରେ ଦୂଷିତ ପାଣି ଓ ଖାଦ୍ୟ ମୂଳ କାରଣ ବୋଲି କୁହାଯାଉଛି। ରାଜ୍ୟର ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ତତ୍କାଳୀନ ରାଜ୍ୟ ସରକାର ଆରମ୍ଭ କରିଥିବା ପାନୀୟ ଜଳ ପ୍ରକଳ୍ପଗୁଡ଼ିକର କାମ ବନ୍ଦ କରି ଦିଆଯାଇଛି । ଏହି ପ୍ରକଳ୍ପ କେବେ ଶେଷ ହେବ ତାହା ଅନିଶ୍ଚିତ। ସେହିପରି ରାଜ୍ୟରେ ଜଳର ଗୁଣବତ୍ତା ପରୀକ୍ଷା ପାଇଁ ପ୍ରତି ଜିଲ୍ଲାରେ ପରୀକ୍ଷାଗାର ଥିବା ବେଳେ ଏ ସମ୍ପର୍କରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମଧ୍ୟରେ ତାଳମେଳ ଅଭାବ ଯୋଗୁଁ ଏବେ ଲୋକମାନେ ଜୀବନ ହରାଉଛନ୍ତି। ଓଡ଼ିଶାରେ ୨୦୧୩ ମସିହାରୁ ୨୦୧୭ ମସିହା ପର୍ଯ୍ୟନ୍ତ କେହି କଲେରା ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିଲେ। ୨୦୧୮ ▶ପୃଷ୍ଠା-୭

## ଅବହେଳାକୁ ନେଇ ନବୀନଙ୍କ କ୍ଷୋଭ




### ଚକିତ ଓ ବିଚଳିତ କରିଛି ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା
### ଲୋକଙ୍କ ଜୀବନକୁ ବିପଦରେ ନ ପକାଇବାକୁ ପରାମର୍ଶ

■ **ଭୁବନେଶ୍ୱର, ୧୫।୬ (ସମିସ):** ଯାଜପୁର ଜିଲ୍ଲାରେ ଡାଇରିଆ ସଂଗୀନ ସ୍ଥିତି ସୃଷ୍ଟି କରିଥିବା ବେଳେ ରବିବାର ସୁଦ୍ଧା ରାଜ୍ୟର ୮ ଜିଲ୍ଲା ଏଥିରେ ପ୍ରଭାବିତ ହୋଇଛି। ଡାଇରିଆ ଓ କଲେରା ମୁକାବିଲା କ୍ଷେତ୍ରରେ ପ୍ରଶାସନର ବିଳମ୍ବିତ ପଦକ୍ଷେପ ଏବଂ ସ୍ୱାସ୍ଥ୍ୟ ବିଭାଗର ନିଷ୍କ୍ରିୟତାକୁ ସାଧାରଣରେ ତୀବ୍ର ସମାଲୋଚନା କରାଯାଉଛି। ଅନ୍ୟପକ୍ଷରେ ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବ୍ୟାପୁଥିବା ଡାଇରିଆକୁ ନେଇ ଉଦ୍‌ବେଗ ଓ କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟରେ ହଇଜା ବ୍ୟାପୁଥିବାବେଳେ ସରକାର ଏହାକୁ ହାଲୁକାରେ ନେବା ସମସ୍ତଙ୍କୁ ଚକିତ ଓ ବିଚଳିତ କରିଥିବା ଉଲ୍ଲେଖ କରି ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ ନିମନ୍ତେ ପରାମର୍ଶ ଦେଇଛନ୍ତି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ରାଜ୍ୟରେ ହଇଜା ଲୋକଙ୍କ ଜୀବନକୁ ସଙ୍କଟରେ ପକାଇଲାଣି। ଦୀର୍ଘ ବର୍ଷ ଧରି ଯାହା ରାଜ୍ୟରେ ଦେଖିବାକୁ ମିଳି ନ ଥିଲା ତାହା ଏବେ ବିଭିନ୍ନ ଜିଲ୍ଲାର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ପୁରୀ, କଟକ ଓ କେନ୍ଦୁଝର ଆଦି ଜିଲ୍ଲାରେ ହଇଜା ଭୟଙ୍କର ରୂପ ନେଉଥିବା ବେଳେ ଅନ୍ୟ ଜିଲ୍ଲାକୁ ମଧ୍ୟ ଏହା ବ୍ୟାପିବାକୁ ଲାଗିଲାଣି। ବର୍ତ୍ତମାନ ସୁଦ୍ଧା ହଇଜାରେ ୧୪ ଜଣ ପ୍ରାଣ ହରାଇବା ମୋତେ ବ୍ୟଥିତ କରିଛି। ସେମାନଙ୍କ ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କ ପ୍ରତି ମୋର ସମବେଦନା ଜଣାଉଛି। ତେବେ ରାଜ୍ୟର ଏତେବଡ଼ ସ୍ୱର୍ଶକାତର ପ୍ରସଙ୍ଗକୁ ରାଜ୍ୟ ସରକାର ଏହାକୁ ହାଲୁକା ଭାବେ ନେବା ସମସ୍ତଙ୍କୁ ବେଶ୍ ଚକିତ ଓ ବିଚଳିତ କରୁଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି।

# ଘମାଘୋଟ ଲଢ଼େଇ

## ଇରାନରେ ୭୮, ଇସ୍ରାଏଲରେ ୧୩ ମୃତ



■ **ତେହରାନ, ୧୫।୬(ଏଜେନ୍ସି):** ଗତ ଶୁକ୍ରବାର ଇରାନ ଉପରେ ଇସ୍ରାଲର ପ୍ରଚଣ୍ଡ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟ ଯୁଦ୍ଧ ଆରମ୍ଭ ହୋଇଯାଇଛି। ତିନି ଦିନ ଧରି ଉଭୟ ଦେଶ ପରସ୍ପର ଉପରେ ଜୋରଦାର ଆକ୍ରମଣ ଚଳାଇଛନ୍ତି। ଆକ୍ରମଣରେ କେବଳ ସାମରିକ ପ୍ରତିଷ୍ଠାନ ନୁହେଁ, ତୈଳ ବିଶୋଧନାଗାର ଏବଂ ଆବାସିକ ଅଞ୍ଚଳକୁ ମଧ୍ୟ ଟାର୍ଗେଟ କରାଯାଇଛି। ଗତକାଲି ଇରାନର ସର୍ବବୃହତ୍ ତୈଳ ବିଶୋଧନାଗାର ଉପରେ ଇସ୍ରାଏଲ ଆକ୍ରମଣ କରିବା ପରେ ଇରାନ ଇସ୍ରାଏଲ ଉପରେ ଜବାବୀ ହମଲା କରିଛି। ଇରାନ ମଧ୍ୟ ଇସ୍ରାଏଲର ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରିଛି। ଇସ୍ରାଏଲ ପକ୍ଷରୁ ଏହି ସୂଚନା ଦେଇ କୁହାଯାଇଛି ଯେ ଗତ ରାତି ତମାମ ଇରାନ ପକ୍ଷରୁ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଆଜି ସନ୍ଧ୍ୟାର ଇରାନ ପୁଣି ଥରେ ଇସ୍ରାଏଲ ରାଜଧାନୀ ତେଲ ଆଭିଭ୍ ଉପରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଥିବା ଜଣାପଡ଼ିଛି। ଇରାନ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଇସ୍ରାଏଲ ଆକ୍ରମଣ ବନ୍ଦ ନକରିବା ପର୍ଯ୍ୟନ୍ତ ଇରାନ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିବ। ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଉଗ୍ର ରୂପ ଧାରଣ କରୁଥିବା ବେଳେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ଚାଲିଛି ଏବଂ ଯୁଦ୍ଧ ଖୁବଶୀଘ୍ର ବନ୍ଦ ହୋଇଯିବ। ଏହାସହିତ ଇରାନକୁ ସେ ଧମକ ଦେଇଛନ୍ତି, ଆମେରିକାର କୌଣସି ପ୍ରତିଷ୍ଠାନ ଉପରେ ଆକ୍ରମଣ ହେଲେ ଇରାନକୁ ଧ୍ୱଂସ କରିବା ଲାଗି ତାଙ୍କ ଦେଶ ସମସ୍ତ ଶକ୍ତି ଖଟାଇବାକୁ ପଛାଇବ ନାହିଁ।

### ▶▶ ଥରୁଛି ତେହେରାନ୍, ତେଲ୍-ଆଭିଭ୍
### ▶▶ ଯୁଦ୍ଧବିରତି ଖୁବ୍‌ଶୀଘ୍ର: ଡୋନାଲ୍ଡ ଟ୍ରମ୍ପ

ଯୁଦ୍ଧ ମଇଦାନରୁ ମିଳିଥିବା ସୂଚନା ଅନୁଯାୟୀ ଇରାନର ପରମାଣୁ କେନ୍ଦ୍ର, ସାମରିକ ପ୍ରତିଷ୍ଠାନ ଏବଂ ଏୟାର ଡିଫେନ୍ସ ସିଷ୍ଟମ ଉପରେ ଇସ୍ରାଏଲ ଆକ୍ରମଣ ଜାରି ରଖିଛି। ଏଥିରେ ୭୮ ଜଣ ପ୍ରାଣ ହରାଇଥିବା ବେଳେ ୬ ଜଣ ବରିଷ୍ଠ ସେନା ଅଧିକାରୀ ଏଥିରେ ସାମିଲ ଅଛନ୍ତି। ▶ପୃଷ୍ଠା-୭

## ବଜ୍ରପାତ ନେଲା ୪ ଜୀବନ

■ **କଳାବାଡ଼ିଆ/ନୂଆପଡ଼ା/ବରଗଡ଼/କେନ୍ଦ୍ରାପଡ଼ା/ମହାକାଳପଡ଼ା/ତୁରୁମୁଙ୍ଗା,୧୫।୬(ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ଆଜି ୪ ଜଣଙ୍କ ଜୀବନ ଯାଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ୍ ଅନ୍ତର୍ଗତ ଭୋଲାଗଡ଼ିଆ ଗ୍ରାମର ଭୀମ ମାର୍ଣ୍ଡି (୨୫), କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି ଗ୍ରାମର ଶୈଳେନ୍ଦ୍ରୀ ନାଏକ (୫୪), ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଅନ୍ତର୍ଗତ ବାରଫାଳିଆ ଗ୍ରାମର ବଳଦେବ ମାଝୀ (୪୩), ଓ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଅନ୍ତର୍ଗତ ଷାଠିଏବାଟି ଗ୍ରାମର ପ୍ରଶାନ୍ତ ଦାସ (୪୫)।

ସୂଚନାନୁଯାୟୀ, ଭୋଲାଗଡ଼ିଆ ଗ୍ରାମର ଭୀମ ଓ ଜଗନ୍ନାଥ ମାର୍ଣ୍ଡି (୪୦) ଆଜି ଦିନ ପ୍ରାୟ ୧ଟା ବେଳେ ଗୋରୁ ଆଣିବା ପାଇଁ ଗୋହିରାପାଳ ଜାହିରାକୁ ଯାଇଥିବା ବେଳେ ହଠାତ୍ ବର୍ଷା, ପବନ ହୋଇଥିଲା। ଦୁହେଁ ଏକ ଗଛ ମୂଳେ ଆଶ୍ରୟ ନେଇଥିବା ବେଳେ ସେଠାରେ ବଜ୍ରପାତ ହେବାରୁ ଏଥିରେ ଭୀମଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ▶ପୃଷ୍ଠା-୭

**ଖୁବ୍‌ଶୀଘ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ**

## ୬ ପଦ ପାଇଁ ୬୦ ଆଶାୟୀ

### ▶▶ ସମ୍ପ୍ରସାରଣରେ ମୋହନଙ୍କର ରହିବ ସର୍ବାଧିକ ଭୂମିକା
### ▶▶ ମନ୍ତ୍ରିମଣ୍ଡଳରେ ବୃଦ୍ଧି ପାଇବ ମହିଳାଙ୍କ ଭାଗିଦାରୀ
### ▶▶ ବିଦା ହେବେ ୩, ବଦଳିବ ଅନେକ ମନ୍ତ୍ରୀଙ୍କ ବିଭାଗ
### ▶▶ ସମ୍ପ୍ରସାରଣ ପରେ ନିଗମ ଓ ବୋର୍ଡ ଥଇଥାନ ପ୍ରକ୍ରିୟା

■ **ଭୁବନେଶ୍ୱର, ୧୫।୬ (ସମିସ):** ରାଜ୍ୟରେ ବିଜେପି ସରକାର ପ୍ରଥମ ବର୍ଷ ପୂରଣ କରିଛି। ବିନା ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳରେ ସରକାର ଯେନେତେନ ପ୍ରକାରେ ପ୍ରଥମ ବର୍ଷର ଶାସନ ପୂରଣ କରି ନିଜ ପିଠି ନିଜେ ଥାପୁଡ଼ଉଛନ୍ତି। ବର୍ତ୍ତମାନ ରାଜ୍ୟବ୍ୟାପୀ ସରକାର ନିଜର ପ୍ରଥମ ବର୍ଷ ଶାସନ ଉତ୍ସବ ପାଳନ କରୁଥିବା ବେଳେ ଆସନ୍ତା ୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସୁଛନ୍ତି। ଏହି ଅବସରରେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କୁ ପ୍ରଥମ ବର୍ଷ ଶାସନର ରିପୋର୍ଟ କାର୍ଡ ବିଧିବଦ୍ଧ ଭାବେ ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯାଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ତେବେ ରଥଯାତ୍ରା ପୂର୍ବରୁ କି ବାହୁଡ଼ା ଯାତ୍ରା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ତାହା ଚୂଡ଼ାନ୍ତ ହୋଇ ପାରିନାହିଁ । ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ସେମାନଙ୍କର ବାର୍ଷିକ ରିପୋର୍ଟ କାର୍ଡ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିସାରିଛନ୍ତି । ସେହି ଆଧାରରେ କେଉଁମାନେ ମନ୍ତ୍ରିମଣ୍ଡଳରେ ସ୍ଥାନ ବଜାୟ ରଖିବେ ଓ କେଉଁମାନେ ବାଦ ପଡ଼ିବେ ତାହା ମୁଖ୍ୟମନ୍ତ୍ରୀ ସ୍ଥିର କରିବେ। ତେବେ ଏହି ▶ପୃଷ୍ଠା-୭

## ଜଳଭଣ୍ଡାରକୁ ଡେଇଁ ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା



■ **ନନ୍ଦପୁର, ୧୫।୬ (ସମିସ):** ପ୍ରେମରେ ବିଫଳ ହେବାରୁ ନାବାଳକ ପ୍ରେମୀଯୁଗଳ ଜଳଭଣ୍ଡାର ଭିତରକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଉଭୟଙ୍କର ହାତବନ୍ଧା ହୋଇଥିବା ଅବସ୍ଥାରେ ଶବ ଉଦ୍ଧାର ହୋଇଛି। ଘଟଣାଟି ଘଟିଛି, କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନସ୍ଥ ଅତଣ୍ଡା ଗ୍ରାମ ପଞ୍ଚାୟତର ବନୁର ଗ୍ରାମରେ। ଶନିବାର ସନ୍ଧ୍ୟାରେ ଏହି ନାବାଳକ ପ୍ରେମୀଯୁଗଳ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସୂଚନାନୁସାରେ, ନାବାଳିକାଜଣଙ୍କ ସ୍ଥାନୀୟ ଏକ ହାଇସ୍କୁଲ୍‌ରେ ୧୦ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ନାବାଳକଜଣଙ୍କ ନନ୍ଦପୁର ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇବର୍ଷର ଛାତ୍ର। ଉଭୟଙ୍କ ମଧ୍ୟରେ ▶ପୃଷ୍ଠା-୭

## ବଜ୍ରପାତରେ ୪ ଗାଈ ମୃତ

**କଣାସ,୧୫।୬(ସମିସ):** ରବିବାର ଅପରାହ୍ଣ ୩ଟା ସମୟରେ କଣାସ ଅଞ୍ଚଳରେ ପ୍ରବଳ ବର୍ଷା ସାଙ୍ଗକୁ ବ୍ରଜପାତ ଘଟିବାରୁ ୪ଟି ଗାଈ ଚରୁଥିବା ଅବସ୍ଥାରେ ପ୍ରାଣ ହରାଇବା ସହିତ ଗୋଟିଏ ପରିବାରର ପକ୍କାଘର ଫାଟିଯାଇଛି। ଖବର ନେବାରେ ଜଣାପଡ଼ିଛି ତ୍ରିଲୋଚନପୁର ଗ୍ରାମ ପଞ୍ଚାୟତ କଣ୍ଡପଡ଼ା ଗ୍ରାମର ରବିନ୍ଦ୍ର ଦାଶଙ୍କ ଦୁଇଟି ଗାଈ, ସୁକାନ୍ତ ବେହେରାଙ୍କର ଦୁଇଟି ଗାଈ ଗ୍ରାମ ନିକଟରେ ଚରୁଥିବାବେଳେ ବ୍ରଜପାତ ଯୋଗୁଁ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସେହିପରି କାତପଡ଼ା ଗ୍ରାମର ପ୍ରମୋଦ ମହାପାତ୍ରଙ୍କ ପକ୍କାଘର ବ୍ରଜପାତ ଯୋଗୁଁ ଫାଟିଯାଇଥିବା ଜଣାପଡ଼ିଛି।

## ମା' ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ

**ଚାରିଛକ,୧୫।୬(ସମିସ):** ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ବେଲପଡ଼ା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ନିକଟସ୍ଥ ପୁଣ୍ୟତୋୟା ପ୍ରାଚୀ ନଦୀରୁ ଏକ ବିରାଟ ଶୋଭାଯାତ୍ରାରେ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନା କରିଥିଲେ। ମନ୍ଦିରର ମୁଖ୍ୟ ପୂଜକ ବଂଶୀଧର ମିଶ୍ର ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ଯଥା ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ଓ ହୋମଯଜ୍ଞ ଆରମ୍ଭ ହୋଇଥିଲା। ପୂଜାରେ ମୁଖ୍ୟକର୍ତ୍ତାଭାବେ ବିଜୟ ସାହୁ ଯୋଗଦେଇଥିଲେ। ୩ ଦିନ ଧରି ପୂଜାର୍ଚ୍ଚନା ଚାଲିଥିବାବେଳେ ରବିବାର ପୂର୍ଣ୍ଣାହୁତି ପରେ ଶ୍ରଦ୍ଧାଳୁମାନେ ପ୍ରସାଦସେବନ କରିଥିଲେ।

## ଭଗବତୀ ପୀଠରେ ରଜ ମହୋତ୍ସବ

କଣାସ,୧୫।୬(ସମିସ): କଣାସ ବ୍ଲକ୍ ଆଳିବାଡ଼ ଗ୍ରାମପଞ୍ଚାୟତର ବ୍ରହ୍ମପଡ଼ା ଗ୍ରାମରେ ପ୍ରତିଷ୍ଠିତ ଅଞ୍ଚଳର ଆରାଧ୍ୟ ଠାକୁରାଣୀ ମା' ଭଗବତୀଙ୍କ ପୀଠରେ ତିନିଦିନ ଧରି ୨୨ତମ ରଜ ମହୋତ୍ସବ ଓ ସଂକୀର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଚି। ଆଞ୍ଚଳିକ ମା' ଭଗବତୀ ଗ୍ରାମ୍ୟ ସଂକୀର୍ତ୍ତନ ସାଂସ୍କୃତିକ ବିକାଶ ପରିଷଦ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶନିବାର ଉଦ୍‌ଘାଟନ ଉତ୍ସବରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଠାକୁର ଅଭିରାମ ପରମହଂସଙ୍କ ଶାନ୍ତିଧାମ ଆଶ୍ରମର ସନ୍ନ୍ୟାସୀ ବନବିହାରୀ ଦାସ ମହାରାଜ, କବି ଆର୍ତ୍ତତ୍ରାଣ ସାହୁ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଘାଟନ ସମୟରେ ଗୁରୁ କିଶୋର ପ୍ରଧାନ ଏବଂ ଆଞ୍ଚଳିକ ମା' ଭଗବତୀ ଗ୍ରାମ୍ୟ ସଂକୀର୍ତ୍ତନ ସାଂସ୍କୃତିକ ବିକାଶ ପରିଷଦର ଉପସଭାପତି ନବ କିଶୋର ସାହୁ, ସମ୍ପାଦକ ଅନିରୁଦ୍ଧ ଖମାରୀ, କୋଷାଧ୍ୟକ୍ଷ କିଶୋର ବରାଳ, ପରିଚାଳନା ସଦସ୍ୟ ବସନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବେପ୍ରଥମେ ଗୁଜରାଟର ଅହମ୍ମଦାବାଦଠାରେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଏହି ମହୋତ୍ସବରେ କଣାସ ଅଞ୍ଚଳର ୯୩ଟି ନାମ ସଂକୀର୍ତ୍ତନ ଦଳ ଯୋଗଦେଇଛନ୍ତି।

## ଅବକାରୀ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଟାଙ୍ଗୀ,୧୫।୬(ସମିସ):** ସରକାରଙ୍କ ଦ୍ୱାରା "ଆମ ସଂକଳ୍ପ ନିଶା ନୁହେଁ, ଜୀବନ' ଗତ ମେ' ୩୧ରୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ମଦ୍ୟପାନ ବିରୋଧରେ ସଚେତନତା ରଥ ପରିକ୍ରମା କରୁଥିବାବେଳେ ଶୁକ୍ରବାର ଜିଲ୍ଲା ପ୍ରଶାସନ ଅବକାରୀ ବିଭାଗ ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ କମାଗୁରୁ ପଞ୍ଚାୟତ, ରାମଚନ୍ଦ୍ରପୁର ପଞ୍ଚାୟତ, ବଡ଼ପାରୀ ପଞ୍ଚାୟତ, କୁଞ୍ଜୁରୀ ପଞ୍ଚାୟତରେ ଲୋକକଳା ପାଲା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ମଦ୍ୟପାନର ଅପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଥିବା ଦେଖିବାକୁ ମିଳିଥିଲା। ଟାଙ୍ଗୀ ଥାନା ଅଧୀନସ୍ଥ ରାମଚନ୍ଦ୍ରପୁର ପଞ୍ଚାୟତ ଗୋଡ଼ିସାହି, ବଡ଼ପାରୀ ପଞ୍ଚାୟତ ଭୋବରା ଓ ବଡ଼ପାରୀ, କୁଞ୍ଜୁରୀ ପଞ୍ଚାୟତ ନରମାନବୀଠାରେ ପଥପ୍ରାନ୍ତ ନାଟକ କରାଯାଇ ମଦର କୁପ୍ରଭାବ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ଅବକାରୀ ବିଭାଗ ଅଧିକାରୀ ଅମରେନ୍ଦ୍ର କୁମାର ଶତପଥି, ରାମଚନ୍ଦ୍ର ଜେନା, ମନୋଜ ଜୟସିଂହ ପ୍ରମୁଖ ସହଯୋଗ କରିଥିଲେ।

### ଅନବସର ଦର୍ଶନର ୪ର୍ଥ ଦିନ

# ଅଲାରପୁର ଗାଁ ମଝିରୁ ଭକ୍ତଙ୍କ ଲମ୍ବା ଧାଡ଼ି



**ବର୍ଷା ସତ୍ତ୍ୱେ ଦର୍ଶନ କଲେ ପ୍ରାୟ ୭୦ ହଜାର ଶ୍ରଦ୍ଧାଳୁ**

**ପାର୍କିଂ ପାଇଁ ଜାଗା ନ ଥିବାରୁ ଉପୁଜିଲା ଟ୍ରାଫିକ୍ ସମସ୍ୟା**



**ବ୍ରହ୍ମଗିରି,୧୫।୬(ସମିସ):** ୧୦୮ ଗରା ସୁବାସିତ ଜଳରେ ସ୍ନାନ ପରେ ଜ୍ୱରରେ ପୀଡ଼ିତ ହୋଇ ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧା ମୂର୍ତ୍ତି ଅଣସର ପିଣ୍ଡିରେ ଗୁପ୍ତ ସେବା ପାଉଛନ୍ତି। ଏହି ସମୟରେ ବ୍ରହ୍ମଗିରି ଅଲାରନାଥ ପୀଠ ପାଲଟିଯାଇଛି ଦ୍ୱିତୀୟ ଶ୍ରୀକ୍ଷେତ୍ର। ଭକ୍ତମାନଙ୍କର ସୁଅ ଛୁଟୁଛି ଅଲାରନାଥ ପୀଠରେ ଅନବସର ଦର୍ଶନ ପାଇଁ। ରବିବାର ଅନବସର ଦର୍ଶନ ୪ର୍ଥ ଦିନରେ ପହଞ୍ଚିଛି। ସକାଳୁ ଗୁଳୁଗୁଳି ସହ ମଧ୍ୟାହ୍ନରେ ପ୍ରବଳ ବର୍ଷାରେ ମଧ୍ୟ ରାଜ୍ୟରୁ ଓ ରାଜ୍ୟ ବାହାରୁ ଆସିଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ୭୦ ହଜାରରୁ ଅଧିକ ଥିବା ଜଣାପଡ଼ିଛି। ରବିବାର ଛୁଟି ଓ ସଂକ୍ରାନ୍ତି ପଡ଼ିବାରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ସକାଳୁ ବଢ଼ି ବଢ଼ି ଚାଲିଥିଲା। ଶ୍ରଦ୍ଧାଳୁଙ୍କ ସଂଖ୍ୟା ଏତେ ପରିମାଣରେ ବଢ଼ିଯାଇଥିଲା ଯେ, ଅଲାରପୁର ଗ୍ରାମ ମଝିରୁ ଧାଡ଼ିରେ ଆସି ଅଲାରନାଥଙ୍କୁ ଦର୍ଶନ କରିଛନ୍ତି ଭକ୍ତ। କିନ୍ତୁ ଏତେ ପରିମାଣର ଗାଡ଼ି ପାର୍କିଂ ପାଇଁ ଜାଗା ନ ଥିବାରୁ ବ୍ରହ୍ମଗିରି ବଜାରରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ଏତେ ପରିମାଣର ଗାଡ଼ି ଆସିବାରୁ ବ୍ରହ୍ମଗିରି ଓ ଏହାର ଆଖପାଖରେ ଗାଡ଼ି ରଖିବା ପାଇଁ ସମସ୍ୟା ଦେଖାଦେଇଥିଲା।

ରବିବାର ଦିନତମାମ ଗୁଳୁଗୁଳି ଲାଗି ରହିଥିଲେ ମଧ୍ୟ ମଧ୍ୟାହ୍ନରେ ବର୍ଷାରେ ଭିଜିଭିଜି ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ଧାଡ଼ିରେ ଯାଇ ଠାକୁରଙ୍କୁ ଦର୍ଶନ କରୁଛନ୍ତି। ରାତି ସାଢ଼େ ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତି, ଅବକାଶ, ବେଶ, ଚନ୍ଦନ ତୁଳସୀ ଲାଗି, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ସୂର୍ଯ୍ୟ ପୂଜା ଓ ରୋଷହୋମ ନୀତି ବଢ଼ିବା ପରେ ସକାଳ ୬ଟାରେ ସର୍ବସାଧାରଣ ଦର୍ଶନ ହୋଇଥିଲା। ସକାଳ ଧୂପ, ଦ୍ୱିପ୍ରହର ଧୂପରେ କେବଳ ଖିରି ପ୍ରସାଦ ଭୋଗ ହୋଇ ଦିନ ୨ଟା ୩୦ମି.ରେ ପହଡ଼ ପଡ଼ିଥିଲା। ପୁନଃ ୨.୪୫ରେ ଚିଆଁ ପହଡ଼ ନୀତି ହୋଇ ସର୍ବସାଧାରଣ ଦର୍ଶନ ହୋଇଥିଲା। ସନ୍ଧ୍ୟା ୭.୧୦ରେ ସନ୍ଧ୍ୟା ଆଳତି, ରାତି ୮ଟାରେ ମଇଲମ, ୮.୩୦ରେ ସର୍ବସାଧାରଣ ଦର୍ଶନ, ରାତି ୧୦.୨୦ରେ ସନ୍ଧ୍ୟା ଧୂପ, ଅନ୍ୟାନ୍ୟ ନୀତି ବଢ଼ି ରାତି ୧୦.୫୦ରେ ବଡ଼ସିଂହାର ବେଶ ହେବା ପରେ ରାତି ୧୨ଟାରେ ପହୁଡ଼ ହୋଇଥିଲା। ଶ୍ରୀକ୍ଷେତ୍ରରେ ମହାପ୍ରସାଦ ମିଳୁ ନ ଥିବାବେଳେ ମହାପ୍ରସାଦ ପାଇଁ ଭକ୍ତଙ୍କ ମଧ୍ୟରେ ବ୍ୟାକୁଳତା ଲାଗି ରହିଥିଲା। ଅଲାରନାଥଙ୍କ ଆନନ୍ଦ ବଜାରରେ ଦ୍ୱିପ୍ରହରରେ ଶ୍ରୀଜୀଉଙ୍କର ପ୍ରସିଦ୍ଧ ଖିରି ଓ ଅବଢ଼ା ପ୍ରସାଦ ପାଇବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗିଥିଲା। ଶ୍ରଦ୍ଧାଳୁଙ୍କ ସଂଖ୍ୟା ଏତେ ପରିମାଣରେ ବଢ଼ିଯାଇଥିଲା ଯେ, ବିଶେଷ ଭାବରେ ଅବଢ଼ା ନ ପାଇ କିଛି ଭକ୍ତ ନିରାଶରେ ଫେରିଥିଲେ।

## ଲିଟିଲ୍ ଷ୍ଟାର୍ ଗ୍ରୁପ୍‌ର ପ୍ରତିଷ୍ଠା ଦିବସ ଓ ସାହିତ୍ୟ ଆସର



**ନିମାପଡ଼ା,୧୫।୬(ସମିସ):** ନିମାପଡ଼ାର ଅଗ୍ରଣୀ ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍ ଷ୍ଟାର୍ ଗ୍ରୁପ୍‌ର ୨୩ତମ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ସହଯୋଗରେ ରଜ ଉତ୍ସବ ଓ ସାହିତ୍ୟ ଆସର ରବିବାର ସ୍ଥାନୀୟ ବାବା କପିଳେଶ୍ୱର ଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଲିଟିଲ୍ ଷ୍ଟାର୍ ଗ୍ରୁପ୍ ତଥା 'ମୋ ଆଶା' ସାହିତ୍ୟ ପତ୍ରିକାର ସମ୍ପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ପିଲାମାନେ ଗଳ୍ପ, କବିତା ଆବୃତ୍ତି କରିବା ସହ ରଜ ଓ ରଥଯାତ୍ରାକୁ ନେଇ ବିଭିନ୍ନ ଚିତ୍ର ଆଙ୍କିଥିଲେ। ପରେ ଆୟୋଜିତ ସମାରୋହରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଣବ ସ୍ୱାଇଁ, ନିର୍ଝରିଣୀ ନାୟକ, ସମାଜସେବୀ କୃଷ୍ଣ ଚନ୍ଦ୍ର ନାୟକ, ପ୍ରକାଶ ଚନ୍ଦ୍ର ଖଟୋଇ, କବି କାଳୀକିଙ୍କର, ଶିକ୍ଷକ ନିର୍ମଳ ମିଶ୍ର, ବସନ୍ତ ସ୍ୱାଇଁ, ସଞ୍ଜୁକ୍ତା ମହାନ୍ତି, ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ର ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଡ. ମନୋରଞ୍ଜନ ମହାପାତ୍ର, ସାମ୍ବାଦିକା ଶତରୁପା ସାମନ୍ତରାୟ, ଶିକ୍ଷୟିତ୍ରୀ ନିବେଦିତା ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଗଳ୍ପ, କବିତାପାଠ ଓ ଚିତ୍ରାଙ୍କନର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗ୍ରୁପ୍ ପକ୍ଷରୁ ଅଜୟ ମିଶ୍ର, ସୁନନ୍ଦ ରାଉତରାୟ, ଧର୍ମପଦ ଦାସ, ସାରଦା ପ୍ରସନ୍ନ ବେହେରା, ନିରଞ୍ଜନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ଅଭିଭାବକଙ୍କ ସମେତ ସାହିତ୍ୟ ଅନୁରାଗୀ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

## ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ରଜ ମହୋତ୍ସବ



**ନିମାପଡ଼ା,୧୫।୬(ସମିସ):** ନିମାପଡ଼ାସ୍ଥିତ ଟାଉନ୍ ହଲ୍ ପରିସରରେ ଥିବା ମୁକ୍ତାକାଶ ମଞ୍ଚରେ ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଟ୍ରଷ୍ଟ ସମ୍ପାଦକ ନିର୍ମଳ କୁମାର ପରିଡାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ନିମାପଡ଼ା ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ସମ୍ମାନିତ ଅତିଥିଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ଏନ୍‌ଏସି ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି, ସମାଜସେବୀ ମହେନ୍ଦ୍ର ସିଂ ଭାଟିଆ, ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ପିଓଇଟି ଯୁଗ୍ମ ସମ୍ପାଦକ ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ଶିକ୍ଷାବିତ୍ ନିର୍ମଳ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ପୂରପଲ୍ଲୀରେ ପିଠାପଣା ସାଙ୍ଗକୁ ବାଉଁଶ ଦୋଳି ଖେଳ ପାଇଁ ରଜପର୍ବ ବେଶ୍ ଉତ୍ସବମୁଖର ହୋଇପଡ଼ିଛି। ଓଡ଼ିଶାର ଗଣପର୍ବ ରଜପର୍ବ ଏହି ପର୍ବକୁ ଉଜ୍ଜୀବିତ ରଖିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ ତରଫରୁ କୃତୀ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପ୍ରତାପ ସାବୁତ୍ ପରିଚାଳନା କରିଥିଲେ।

## ନୟାହାଟ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



**ନୟାହାଟ,୧୫।୬(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ନରସିଂହପୁର ହାଟ ଚାଚାଖାଇ ଠାକୁରାଣୀଙ୍କ ନିକଟରେ ରବିବାର ରାତି ୯ଟାରେ ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁରୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଯୋଗଦେଇ ଅନୁଷ୍ଠାନର ଆୟୋଜକଙ୍କୁ ପ୍ରଶଂସା କରିବା ସହିତ ମୁଁ ତୁମମାନଙ୍କ ସହିତ ଅଛି ଓ ସବୁବେଳେ ଥିବି। ମଞ୍ଚାସୀନ ଅତିଥିଙ୍କ ମଧ୍ୟରେ ପୂର୍ବତନ ମଣ୍ଡଳ ସଭାପତି ଦୀନକୃଷ୍ଣ ମହାନ୍ତି, ନାରୀନେତ୍ରୀ ଲକି ସାହୁ, ସମ୍ପଦ ମହାନ୍ତି, ଉପେନ୍ଦ୍ର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ମୁଖ୍ୟ କର୍ତ୍ତା ବା ଆୟୋଜକ ସମ୍ପଦ ମହାନ୍ତି କହିଥିଲେ ଓଡ଼ିଶା ନୁହେଁ ସାରା ଭାରତ ବର୍ଷରେ ଯେପରି ଆମ ଅଞ୍ଚଳର ପିଲା ସୁନାମ ଅର୍ଜନ କରିବେ ସବୁ ପ୍ରକାର ଚେଷ୍ଟା ଜାରି ରହିବ। ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିବା କଳାକାରମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ମଲ୍ଲିକ ମାନପତ୍ର ପ୍ରଦାନ କରିଥିଲେ।

## ରାସ୍ତାକୁ କବ୍‌ଜା କରିଛନ୍ତି ବୁଲା ଗାଈଗୋରୁ

**ଦୈନିକ ଘଟୁଛି ଦୁର୍ଘଟଣା; ପ୍ରଶାସନ ନିରବ**



**କଣାସ,୧୫।୬(ସମିସ):** କଣାସ ବ୍ଲକ୍‌ରେ ଜନସଚେତନତା ଅଭାବରୁ ଅନେକ ପରିବାର ନିଜ ନିଜ ଘରେ ରଖିଥିବା ଗାଈଗୋରୁମାନଙ୍କୁ ବାହାରକୁ ଛାଡ଼ି ଦେଉଥିବାରୁ ଦୈନିକ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଥିବା ଦେଖିବାକୁ ମିଳୁଛି। ବିଶେଷକରି ଗାଈଗୋରୁମାନେ ନୂଆ ଜଗନ୍ନାଥ ସଡ଼କର ଦୟାନଦୀ ଓ ମକରା ନଦୀ ସେତୁ ଉପରେ ଦିନରାତି ଶୋଇ ରହୁଥିବା ସାଙ୍ଗକୁ ମଳମୂତ୍ର ତ୍ୟାଗ କରୁଥିବାରୁ ସେତୁ ଉପର ଅଳିଆ ଆବର୍ଜନା ହେବା ସହ ବାଇକ୍ ଚକା ସ୍ଲିପ୍ କରୁଥିବାରୁ ବାଇକ୍ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି ମକରା ନଦୀର କାଦୁଆ ସେତୁ, ଅଡାଳ ସେତୁ, ଦୟାନଦୀର ଗୋପୀନାଥପୁର ସେତୁ, ଦୟାନଦୀର ଦୋକନ୍ଦା ସେତୁ, ରାଜୁଆ ନଦୀର କଖାରୁବସ୍ତ ସେତୁ, ଦୟାନଦୀର ବୀରକେଶରପୁର ସେତୁ, ରାଜୁଆ ନଦୀର ଗଡ଼ବଡ଼ପୁଟ ସେତୁ ଉପରେ ଗାଈଗୋରୁ, ଷଣ୍ଢମାନେ ଆସ୍ଥାନ ଜମାଉବାକୁ ଦେଖିବାକୁ ମିଳୁଛି। ଅଞ୍ଚଳର ଅନେକ ବ୍ୟକ୍ତି ଗାଈଗୋରୁଙ୍କୁ ଛାଡ଼ି ଦେଉଥିବାବେଳେ ରଣପୁର, ନୟାଗଡ଼, ଟାଙ୍ଗୀ ଅଞ୍ଚଳର ବୁଲା ଷଣ୍ଢଙ୍କୁ ଚାରିଚକିଆ ଯାନରେ କେତେକ ବ୍ୟକ୍ତି ରାତିରେ ଆଣି ନୂଆ ଜଗନ୍ନାଥ ସଡ଼କର ଜଙ୍କିଆ ନିକଟ ଦୟାନଦୀ ସେତୁ ଉପରେ ଛାଡ଼ି ଦେଇ ଚାଲିଯାଉଥିବାରୁ ଦିନକୁ ଦିନ ଷଣ୍ଢମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଦିନବେଳେ ଷଣ୍ଢ ଓ ବୁଲା ଗାଈଗୋରୁମାନେ ଗାଁ ଗହଳିରେ ପଶି ବାଡ଼ି ବଗିଚାରେ ହୋଇଥିବା ଫସଲମାନ ଖାଇ ନଷ୍ଟ କରୁଛନ୍ତି। ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଦିନକୁ ଦିନ ବୁଲା ଗାଈଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଉଛି।

## ଜିଲ୍ଲାସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



**ଖୋର୍ଦ୍ଧା,୧୫।୬(ସମିସ):** ଜିଲ୍ଲାସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ବହୁମୁଖୀ ଉପଯୋଗୀ ଆବାସ କେନ୍ଦ୍ର ୱାର୍ଡ ନମ୍ବର ୫ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ୧୦ଟି ବ୍ଲକ୍ ଓ ୩ଟି ସହରାଞ୍ଚଳସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୧୩ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୧୨ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପଚନ୍ଦ୍ର ବେଉରା ଏବଂ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହାରାଜ, ଡେପୁଟି ସିଇଓ ଓରମାସ୍ ରାଜଗୋପାଳ ଦାସ, ଅଧ୍ୟାପିକା ଅଲିଭା ବେହୁରା ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଗୃହ ବିଜ୍ଞାନ ଗବେଷିକା ଡ. ରୋଜା ଘୋଷ, ବିଶିଷ୍ଟ ରୋଷେୟା ରମେଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କ ଖାଦ୍ୟର ମାନ, ପୁଷ୍ଟିକର, ଶରୀର ଉପରେ ଖାଦ୍ୟର ପ୍ରଭାବ ଓ ପରିଷ୍କାର ପରିଚ୍ଛନ୍ନତା ତନ୍ନତନ୍ନ ଭାବରେ ନିରୀକ୍ଷଣ କରିଥିଲେ। ପ୍ରତିଯୋଗିତାରେ ମା' ବରୁଣେଇ ସ୍ୱୟଂ ସହାୟକ ଗୋଷ୍ଠୀ (ଚିଲିକା) ପ୍ରଥମ ସ୍ଥାନ, ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ (ବୋଲଗଡ଼) ଦ୍ୱିତୀୟ ସ୍ଥାନ, ଛୋଟିସି ଆଶା ସ୍ୱୟଂ ସହାୟକ ଗୋଷ୍ଠୀ (ଭୁବନେଶ୍ୱର ଅର୍ବାନ୍-୩) ତୃତୀୟ ସ୍ଥାନ ଅଧିକାର କରି ୧୦ ହଜାର, ୮ହଜାର ଓ ୬ହଜାର ଟଙ୍କାର ଅର୍ଥରାଶି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଅନ୍ୟ ୯ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସାନ୍ତ୍ୱନାମୂଳକ ୨ହଜାର ଟଙ୍କାର ଅର୍ଥରାଶି ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ମଲ୍ଲିକ ପରିଚାଳନା କରିଥିବାବେଳେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିପିସି ଓ ବ୍ଲକ୍ ପ୍ରକଳ୍ପ ସହାୟକମାନେ ସହଯୋଗ କରିଥିଲେ। ଶେଷରେ ଜିଲ୍ଲା ପ୍ରକଳ୍ପ ସହାୟକ ନମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରାମାଞ୍ଚଳରୁ କୋଣାର୍କ-ପୁରୀକୁ ସଂଯୋଗ ରାସ୍ତା ଶୋଚନୀୟ

**ଗମ୍ଭାରୀପଦା,୧୫।୬(ସମିସ):** କାକଟପୁର ବ୍ଲକ୍ ପାଟପୁର ଓ ଆଖୁରୀଆ ମହାନ୍ତି ସାହି ଦେଇ ଯାଇଥିବା କାକଟପୁର ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅନ୍ତର୍ଗତ ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି। ଦୀର୍ଘ ୧୦ ବର୍ଷ ତଳେ ନିର୍ମାଣ କରାଯାଇଥିବା ଏହି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାଧୀନ ରାସ୍ତାଟିର ରକ୍ଷଣାବେକ୍ଷଣ ଅଭାବରୁ ଗମନାଗମନ ପାଇଁ ଅନୁପଯୁକ୍ତ ହୋଇ ପ୍ରଶାସନିକ ବିଫଳତାକୁ ଦର୍ଶାଉଛି।



କୁଣ୍ଢେଇ, ଓଥକା, କାକଟପୁର, କଣ୍ଟାପଡ଼ା, ସୁହାଣପୁର, ସୋରବା ପଞ୍ଚାୟତର ଲୋକମାନଙ୍କର ଏହି ରାସ୍ତାଟି ଏକରକମ ଜୀବନରେଖା ପାଲଟିଥିଲା। ପୁରୀ ଯିବାପାଇଁ ଏହି ଅଞ୍ଚଳର ଜନସାଧାରଣଙ୍କ ପାଇଁ ଏହା ପ୍ରମୁଖ ରାସ୍ତା ଥିବାରୁ ପ୍ରତ୍ୟହ ବହୁ ଗାଡ଼ିଚାଳକ ଇନ୍ଧନ ବଞ୍ଚାଇବା ପାଇଁ ଏହି ରାସ୍ତାରେ ଯାତାୟାତ କରିଥାଆନ୍ତି। ଗ୍ରାମାଞ୍ଚଳର ଅର୍ଥନୈତିକ ଉନ୍ନତି ପାଇଁ ସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳ ସହ ସହରକୁ ସଂଯୋଗ କରିବା ପ୍ରକ୍ରିୟା ଜାରି ରଖିଥିବାବେଳେ ଏପରି ଏକ ଜନଗହଳିପୂର୍ଣ୍ଣ ରାସ୍ତା ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ତୁରନ୍ତ ଏହି ରାସ୍ତାର ନବୀକରଣ କରାଯିବା ପାଇଁ ସମାଜସେବୀ ମନୋରଞ୍ଜନ ମହାନ୍ତିଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ଅଧିବାସୀମାନେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଓ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# କେନାଲ ପାଲଟିଛି ଡମ୍ପିଂୟାର୍ଡ; ବାଣ୍ଟୁଛି ରୋଗ

**ଅସ୍ତରଙ୍ଗ,୧୫।୬(ସମିସ):** ମୌସୁମୀର ଆଗମନକୁ ନେଇ ଚାଷୀମାନେ ଖୁସିବ୍ୟକ୍ତ କରୁଥିବାବେଳେ କାକଟପୁର ଜଳସମ୍ପଦ ବିଭାଗ ଅନ୍ତର୍ଗତ ବିଭିନ୍ନ କେନାଲ ଏବେ ଡମ୍ପିଂୟାର୍ଡ ପାଲଟିଛି। ଜଳବାୟୁ ପରିବର୍ତ୍ତନ ଓ ବାୟୁମଣ୍ଡଳ ପ୍ରଦୂଷଣ ଯୋଗୁଁ ବର୍ଷା ଋତୁରେ ମଧ୍ୟ ନିୟମିତ ବର୍ଷା ହେଉନି। ଏଥିପାଇଁ ରାଜ୍ୟ ସରକାର ଜଳସେଚନ ବ୍ୟବସ୍ଥା କରି ସୁବିଧାରେ କୃଷକମାନେ ଚାଷ କରିବା ପାଇଁ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ କେନାଲ୍ ପ୍ରସ୍ତୁତ କରିଛନ୍ତି। କିନ୍ତୁ ପରିତାପର ବିଷୟ, ସର୍ବସାଧାରଣଙ୍କ କାର୍ଯ୍ୟରେ ଲାଗୁଥିବା କେନାଲଗୁଡ଼ିକୁ କେନାଲ ସନ୍ନିକଟ ବାସିନ୍ଦାମାନେ ଅଳିଆ ଆବର୍ଜନାରେ ପୋତି ପକାଇଛନ୍ତି। ଜଳସମ୍ପଦ ବିଭାଗ ପକ୍ଷରୁ କାକଟପୁରଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ କେନାଲ ରହିଥିଲେ ମଧ୍ୟ ଅସ୍ତରଙ୍ଗ ମୁଖ୍ୟ ବଜାର ନିକଟସ୍ଥ କେନାଲରେ କୁଢ଼ କୁଢ଼ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଥିବାରୁ ଖରିଫ ସମୟରେ କେନାଲରେ ଜଳସ୍ରୋତ ବାଧାପ୍ରାପ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏଥି ସହିତ ତଳ ମୁଣ୍ଡ ଚାଷଜମିକୁ କେନାଲ ପାଣି ଯାଇପାରିବ ନାହିଁ। ସେହି କେନାଲ ଅସ୍ତରଙ୍ଗ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବଜାର ଦେଇ ଯାଇଛି। ଯଦି ବର୍ଷା ପୂର୍ବରୁ କେନାଲ୍ ସଫା ନ ହୁଏ, ତେବେ ବର୍ଷା ଦିନରେ ପାଣିନିଷ୍କାସନ ହୋଇପାରିବ ନାହିଁ। ଫଳରେ କେନାଲରେ ରହିଥିବା ଅଳିଆ ଆବର୍ଜନା ପଚି ସଢ଼ି ସ୍ଥାନୀୟ ପରିବେଶ ପ୍ରଦୂଷଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ମୁଖ୍ୟ ବଜାରରେ ରହୁଥିବା ସାଧାରଣ ଲୋକ, ସ୍ଥାନୀୟ ବାସିନ୍ଦା ବିଭିନ୍ନ ସଂକ୍ରମଣର ଶିକାର ହେବେ।

**ଖରିଫ ଚାଷ ପୂର୍ବରୁ ସଫେଇ ଦାବି**



ଏ ନେଇ ବିଭାଗ ପକ୍ଷରୁ ବାରମ୍ବାର ତାଗିଦ୍ କରାଯାଉଥିଲେ ମଧ୍ୟ କେତେକ ହୋଟେଲ ବ୍ୟବସାୟୀ ଓ ଅସ୍ତରଙ୍ଗ ବଜାରର ମାତ୍ରାଧିକ ବର୍ଜ୍ୟକୁ ଲୋକମାନେ କେନାଲରେ ପକାଇଛନ୍ତି। ପୁଲିସ ପ୍ରଶାସନ କିମ୍ବା ସ୍ଥାନୀୟ ପ୍ରଶାସନ ଏ ନେଇ ନିରବଦ୍ରଷ୍ଟା ସାଜିଛନ୍ତି। ରାଜ୍ୟ ସରକାର ପ୍ରତିବର୍ଷ କେନାଲ୍ ନିର୍ମାଣ କରିବା ସହିତ ସଫା କରିବା ପାଇଁ ଜଳସମ୍ପଦ ବିଭାଗ ବାର୍ଷିକ କୋଟି କୋଟି ଟଙ୍କା ବ୍ୟୟ କରିଥା'ନ୍ତି। ମୁଖ୍ୟ କେନାଲଗୁଡ଼ିକ ଚାଷ ପାଇଁ ଗୁରୁତ୍ୱ ବହନ କରୁଛି। କେନାଲର ଏପରି ଦୁରବସ୍ଥା ଦେଖି ଚାଷୀମାନେ ଏବେ କେନାଲ୍ ଉପରେ ଭରସା କରିପାରୁନାହାନ୍ତି। ଅସ୍ତରଙ୍ଗ ମୁଖ୍ୟ ବଜାରରେ ରହୁଥିବା ସ୍ଥାନୀୟ ବାସିନ୍ଦା ଓ କୋମଳମତି ଶିଶୁମାନଙ୍କର ସ୍ୱାସ୍ଥ୍ୟ ଏବଂ ଚାଷୀମାନଙ୍କୁ ଦୃଷ୍ଟିରେ ରଖି କେନାଲଗୁଡ଼ିକ ସଫା କରିବା ପାଇଁ ସାଧାରଣରେ ଦାବି କରାଯାଉଥିବାବେଳେ ସ୍ୱଚ୍ଛତା ଜାରି ରଖିବା ପାଇଁ ଜନସଚେତନତା ଅପରିହାର୍ଯ୍ୟ ହୋଇପଡ଼ିଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




ଏ ବାବାଜୀ ଚରଣ ନାୟକ
ଯୋଧ, ଦୋବଲ, ଧାମନଗର, ଭଦ୍ରକ
ଆବିର୍ଭାବ - ୦୩/୦୧/୧୯୩୮
ତିରୋଧାନ - ୦୬/୦୬/୨୦୨୫
ବାପା ଆପଣ ଆଜକୁ ଏଗାର ଦିନ ହେବ ଆମକୁ ଛାଡ଼ି ଆରପାରିକୁ ଚାଲିଗଲେ ଆପଣଙ୍କ ଭଲପାଇବା ସବୁଦିନ ସବୁସମୟରେ ମନେ ରହିବ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଅମର ଆତ୍ମାର ସଦଗତି ହେଉ ଏତିକି ପ୍ରାର୍ଥନା
ଶୋକସନ୍ତପ୍ତ: ପୁଅ,ବୋହୂ / ଝିଅ, ଜୋଇଁ / ନାତି, ନାତୁଣୀ ବନ୍ଧୁ-ବାନ୍ଧବ ଓ ନାୟକ ପରିବାର ବର୍ଗ।

# ଶ୍ରୀକ୍ଷେତ୍ର ସିଟି

୧୫/୬/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୨,୩୨,୦୪୭/- ସୁନା: ୦୦.୩୨୦ ଗ୍ରାମ୍ ରୁପା: ୧୬.୦୦୦ ଗ୍ରାମ୍





ରଥଖଳାରୁ...

## ତିନିରଥରେ ମୂଳ କଇଁଚି ପଡ଼ିଲା



ପୁରୀ,୧୫।୬(ସମିସ): ରଥଯାତ୍ରାର ଆଦ୍ୟପର୍ବ ସ୍ନାନଯାତ୍ରା ଶେଷ ହୋଇଥିବାବେଳେ ଠାକୁର ଏବେ ଅଣସରରେ ଅଛନ୍ତି। ଆଉ ମାତ୍ର ୧୧ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ରଥଖଳାରେ କାମ ଆଗେଇ ଚାଲିଛି। ଶନିବାର ତିନିରଥକୁ ବଡ଼ଧରା ପୋଟଳ ଉଠିଥିଲା। ପ୍ରତ୍ୟେକ ରଥର ତୃତୀୟ ଭୂଇଁ ଉପରେ ମହାରଣା ଏବଂ ଭୋଇ ସେବକ ଏହାକୁ ସେଟିଙ୍ଗ୍ କରିଥିଲେ। ୧୩ ପରସ୍ତ ପୋଟଳ ମଧ୍ୟରୁ ପାରାଭାଡ଼ିକୁ ମିଶାଇ ରବିବାର ସୁଦ୍ଧା ୮ ପରସ୍ତ ପୋଟଳ ନିର୍ମାଣ ଶେଷ ହୋଇଛି। ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ମୂଳ କଇଁଚି ପଡ଼ିଛି। ଏହି କଇଁଚି ଚାରିନାହାକା ଭିତର ଦୁଇପାଶ୍ୱର୍ର ଚାରିନାହାକା ମୂଳରୁ ଗରଗରା ସହିତ କ୍ରସ୍ ପରି ଫିଟିଙ୍ଗ୍ କରାଯାଇଛି। ରଥର ଉପରିଭାଗ ନ ଦୋହଲିବା ପାଇଁ କଇଁଚି ବା କ୍ରସ୍ ଫିଟିଙ୍ଗ୍ କରାଯାଏ। ଏଥିସହ ପ୍ରତି ରଥର ଗୋଟିଏ ପାଶ୍ୱର୍ରେ ତାଗ ବା ବଟନ ବାଡ଼ିଆ ଯାଇଥିଲା। ରବିବାର ଆଉ ଦୁଇଟି ପାଶ୍ୱର୍ରେ ତାଗ ବାଡ଼ିଆ ଚାଲିଛି। ତାଗ ବାଡ଼ିଆ ସମ୍ପୂର୍ଣ୍ଣ ହେବା ପରେ ପଟା ବାଡ଼ିଆ କାମ ଆରମ୍ଭ ହେବ। ତିନିରଥର କନକମୁଣ୍ଡି ନିର୍ମାଣ ସହ କଳସ ପିଣ୍ଡି ତିଆରି ଚାଲିଛି। ଏଥିରେ ସିଲ୍‌ଭର ପାତ ବାଡ଼ାଯିବା ପରେ ରଙ୍ଗ କରାଯିବ। ପ୍ରତ୍ୟେକ ରଥର ନାଟଗୋଡ଼ ସଂଯୋଗ ପାଇଁ ଗାରେଡ଼ି ନିର୍ମାଣ ଶେଷ ହୋଇଛି। ରୂପକାର ସେବକମାନେ ୧୨ଟି ନାଟଗୋଡ଼ରେ ରୂପ ଖୋଦେଇ ଶେଷ କରି ଏହାକୁ ଚିତ୍ରକର ସେବକଙ୍କୁ ଦେଇଛନ୍ତି। ସେମାନେ ଏଥିରେ ରଙ୍ଗ ଦେବେ। ଚିତ୍ରକର ସେବକମାନେ ପ୍ରତ୍ୟେକ ରଥର ବାହ୍ୟ ଅଂଶରେ ଧଳା ପ୍ରାଇମର୍ ଦେବା ସହ ରଥର ପାର୍ଶ୍ୱ ଦେବଦେବୀ, ନର୍ତ୍ତକୀ, ଶିଖର ଡମ୍ବରୁ ଏବଂ ଠେକେରା ବାଡ଼ରେ ରଙ୍ଗ ଦେଉଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ନରାଜ କଣ୍ଟା ତିଆରି କରୁଛନ୍ତି।

### ସରିଲା ଶ୍ରୀଅଙ୍ଗ ଫିଟା ନୀତି

## ଆଜି ଲାଗିହେବ ଫୁଲୁରୀ ତେଲ

ପୁରୀ,୧୫।୬(ସମିସ): ସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ଦାରୁବିଗ୍ରହ। ଅଣସର ଘରେ ଚାଲିଛି ଗୁପ୍ତ ସେବା। ମହାପ୍ରଭୁଙ୍କ ସେବାରେ ଲାଗିପଡ଼ିଛନ୍ତି ଦଇତାପତି ସେବକ। ଚାଲିଛି ଉପଚାର। ତେବେ ରବିବାର ଅଣସରର ଚତୁର୍ଥ ଦିବସ। ଏହିଦିନ ଠାକୁର ବର୍ଷସାରା ଲାଗି ହୋଇଥିବା ଚନ୍ଦନ, ପାଟଡୋରୀ, ଶ୍ରୀମୁଖରେ ଥିବା କନା ଆଦି କଢ଼ାଯାଇଛି। ଏହାକୁ ଶ୍ରୀଅଙ୍ଗ ଫିଟା ନୀତି କୁହାଯାଏ। ଶ୍ରୀମୁଖରୁ ଯେଉଁ କନା (ବିରୂପ) ବାହାରେ ତାକୁ ଅଲଗା ରଖାଯାଏ। ଏହି କନାକୁ ଅଣସର ଶୁଦ୍ଧସୁଆର ସେବକ ତ୍ରୟୋଦଶୀ ରାତିରେ ନେଇ କୋଇଲି ବୈକୁଣ୍ଠରେ ବିସର୍ଜନ କରିଥା'ନ୍ତି। ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, ପାଟଡୋରୀକୁ ଦ୍ୱାଦଶୀରେ ରାଜପ୍ରସାଦ ଆକାରରେ ଶ୍ରୀନଅରକୁ ବିଜେ କରାଯାଏ। ଏହାକୁ ରାଜପ୍ରସାଦ ବିଜେ କୁହାଯାଏ। ମହାପ୍ରଭୁ କିପରି ସୁସ୍ଥ ହେବେ ସେଥିପାଇଁ ସୋମବାର ଶ୍ରୀଅଙ୍ଗରେ ଲାଗିହେବ ଫୁଲୁରୀ ତେଲ। ପୂର୍ବ ପରମ୍ପରା ଅନୁଯାୟୀ, ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଏହି ଫୁଲୁରୀ ତେଲ ବଡ଼ଓଡ଼ିଆ ମଠ ଯୋଗାଇଦେବ। ରାଶି ତେଲରେ ବିଭିନ୍ନ ପ୍ରକାର ଚେର, ଔଷଧୀୟ ଫୁଲ ଆଦି ମିଶାଯାଇ ଗୋଟିଏ ବର୍ଷ ପୂର୍ବରୁ ମାଟିତଳେ ପୋତାଯାଇଥାଏ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଦଇତାପତି ସେବ କମାନେ ଏହି ଫୁଲୁରୀ ତେଲ ଲାଗି କରିବେ।

ଆସୁଛି ରଥଯାତ୍ରା...

# ପ୍ରତି ରଥରେ ରହିବେ ୯ ପାର୍ଶ୍ୱ ଦେବଦେବୀ




ପୁରୀ,୧୫।୬(ସମିସ): ଓଡ଼ିଶାର ମୁଖ୍ୟ ଯାତ୍ରା ଭାବେ ପୁରୀ ରଥଯାତ୍ରା ବିଶ୍ୱପ୍ରସିଦ୍ଧ। ଏହା ଶ୍ରୀମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ। ସମଗ୍ର ଭାରତ ବର୍ଷରେ ଯେତେ ପ୍ରକାରର ରଥ ଠାକୁରଙ୍କ ଲାଗି ତିଆରି ହୁଏ ସେଥିମଧ୍ୟରୁ ଶ୍ରୀକ୍ଷେତ୍ରର ତିନିରଥ ନିର୍ମାଣ ଶୈଳୀ ଅତୀବ ରହସ୍ୟମୟ। ବହୁ ପ୍ରାଚୀନ ସମୟରୁ ରଥର ନିର୍ମାଣ ପଦ୍ଧତି ଶିଳ୍ପଶାସ୍ତ୍ରାନୁମୋଦିତ। ତେବେ ଏହି ତିନିରଥରେ ଆସୀନ ହୋଇଥା'ନ୍ତି ପାର୍ଶ୍ୱ ଦେବଦେବୀ। ଏହି ପାର୍ଶ୍ୱ ଦେବଦେବୀଙ୍କ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ପରମକାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ନିମନ୍ତେ ପ୍ରତିବର୍ଷ ନୂତନ ଭାବେ ତିନିଗୋଟି ରଥ ନିର୍ମିତ ହୋଇଥାଏ। ଶିଳ୍ପ ଶାସ୍ତ୍ର ପଦ୍ଧତିରେ ନିର୍ମିତ ହୋଇଥିବା ଏହି ରଥଗୁଡ଼ିକ ଅତ୍ୟନ୍ତ ସୁଦୃଶ୍ୟ। ଏହି ତିନିରଥରେ ପ୍ରତିବର୍ଷ ପାଶ୍ୱର୍ ଦେବଦେବୀଙ୍କୁ ସ୍ଥାପିତ କରାଯାଇଥାଏ। ନବକଳେବର ସମୟରେ ପୁରୁଣା ପାଶ୍ୱର୍ ଦେବଦେବୀଙ୍କୁ ପାତାଳୀ କରାଯାଇଥାଏ। ରୂପକାର ସେବକମାନେ ନିମ୍ବ କାଠରେ ସମୁଦାୟ ୨୭ଟି ପାଶ୍ୱର୍ ଦେବଦେବୀଙ୍କ ବିଗ୍ରହ ନିର୍ମାଣ କରିଥା'ନ୍ତି। ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ଚିତ୍ରକର ସେବକମାନେ ସମସ୍ତ ମୂର୍ତ୍ତିକୁ ରଙ୍ଗ କରିଥା'ନ୍ତି। ଆବଶ୍ୟକତା ଅନୁସାରେ ରୂପକାର ସେବକମାନଙ୍କ ଦ୍ୱାରା ମରାମତି କାର୍ଯ୍ୟ ମଧ୍ୟ ହୋଇଥାଏ। ପ୍ରତି ରଥରେ ୯ ମୂର୍ତ୍ତି ଲେଖାଏଁ ପାର୍ଶ୍ୱ ଦେବଦେବୀଙ୍କୁ ଅଧିଷ୍ଠିତ କରାଯାଇଥାଏ।

ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଯେଉଁ ୯ ପାର୍ଶ୍ୱ ଦେବତା ରୁହନ୍ତି, ସେମାନେ ହେଲେ ହରିହର, ପଣ୍ଡୁନୃସିଂହ, ଗିରିଗୋବର୍ଦ୍ଧନଧାରୀ, ରାବଣ ଛତ୍ରଭଙ୍ଗ, ଚିନ୍ତାମଣୀ କୃଷ୍ଣ, ନାରାୟଣ, ମଧୁସୂଦନ, ଲକ୍ଷ୍ମଣ ଓ ପଞ୍ଚମୁଖୀ ହନୁମାନ। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଯେଉଁ ଦେବୀମାନେ ରୁହନ୍ତି ସେମାନେ ହେଲେ ବିମଳା, ମଙ୍ଗଳା, ବରାହୀ, ଭଦ୍ରକାଳୀ, ଉମା, କାତ୍ୟାୟନୀ, ହରଚଣ୍ଡୀ, ରାମଚଣ୍ଡୀ ଓ ଅଘୋରା। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଅଧିଷ୍ଠିତ ହେଉଥିବା ଦେବତାମାନେ ହେଲେ ପ୍ରଳମ୍ବାରୀ ମହାଦେବ, ବାଇଶିଭୁଜ ନୃସିଂହ, ବଳରାମ, ନଟବର ଗଣେଶ, ଅଙ୍ଗଦ, ନାକାମ୍ବର, ଷଡ଼ାନନ କାର୍ତ୍ତିକେଶ୍ୱର, ମଧୁ ପୈଟଭ ଓ ଅନନ୍ତ ବାସୁଦେବ। ଏହିପରି ଭାବେ ତିନିରଥରେ ୨୭ ଜଣ ପାଶ୍ୱର୍ ଦେବଦେବୀ ଅବସ୍ଥାନ କରିଥା'ନ୍ତି। ଦୈବୀ ଦୁର୍ଘଟଣା ଓ ପ୍ରାକୃତିକ ବିପର୍ଯ୍ୟୟରୁ ରଥକୁ ସମ୍ପୂର୍ଣ୍ଣ ରୂପେ ଏହି ପାର୍ଶ୍ୱ ଦେବଦେବୀ ସୁରକ୍ଷା ପ୍ରଦାନ କରିଥା'ନ୍ତି ବୋଲି ଡ. ଦାଶ କହିଛନ୍ତି।


● ଦ ବେଲ୍ ଓମେନ୍ସ କ୍ଲବ୍‌ର ନିଆରା ପ୍ରୟାସ

## ବସ୍ତିର କିଶୋରୀଙ୍କୁ ବାଣ୍ଟିଲେ ସାନିଟାରୀ ପ୍ୟାଡ୍



ପୁରୀ,୧୫।୬(ସମିସ): ସ୍ୱେଚ୍ଛାସେବୀ ସଂଗଠନ ଦ ବେଲ୍ ଓମେନ୍ସ କ୍ଲବ୍ ତରଫରୁ ନିଆରା ଢଙ୍ଗରେ ପାଳିତ ହୋଇଛି ରଜ ଉତ୍ସବ 'ଝୁମର'। ପହିଲି ରଜରେ ପୁରୀ ବଳିଆପଣ୍ଡା ବସ୍ତି ଅଞ୍ଚଳରେ ୫୦୦ରୁ ଊର୍ଦ୍ଧ୍ୱ କିଶୋରୀଙ୍କୁ ପିଠା, ପାନ ଇତ୍ୟାଦି ସହିତ ସାନିଟାରୀ ପ୍ୟାଡ୍ ବଣ୍ଟାଯାଇଥିଲା। ରଜସ୍ୱଳା ହେବା ସମୟରେ ମହିଳାମାନେ କଷ୍ଟ ଅନୁଭବ କରିଥା'ନ୍ତି ଏବଂ ଏହି ସମୟରେ ପରିବାର ଲୋକମାନେ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ଆବଶ୍ୟକ। ଏହି କଥାକୁ ଲକ୍ଷ୍ୟ କରି ପୂର୍ବ ସମୟରୁ ରଜ ଭଳି ଏକ ପର୍ବର ବ୍ୟବସ୍ଥା ଆମ ପୂର୍ବପୁରୁଷମାନେ କରିଥିଲେ। ପରେ ଏହାର ବ୍ୟାପକ ପ୍ରଚାରପ୍ରସାର ପାଇଁ ତାକୁ ଧର୍ମୀୟ ସାଂସ୍କୃତିକ ଭାବଧାରା ସହିତ ଯୋଡ଼ି ଦିଆଗଲା। କିନ୍ତୁ ବର୍ତ୍ତମାନ ସମୟରେ ଆମେ ଏହି ପର୍ବର ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଇ କେବଳ ରଜକୁ ମଉଜ ମଧ୍ୟରେ ସୀମିତ ରଖିଛୁ। ଏହାଛଡ଼ା ମେନ୍ସୁରେସନ ସମୟକୁ ନେଇ ଅନେକ ଭ୍ରାନ୍ତ ଧାରଣା, କୁସଂସ୍କାର ଏବେ ମଧ୍ୟ ରହିଛି। ତେଣୁ ଲୋକମାନଙ୍କୁ ରଜର ମୂଳ ଲକ୍ଷ୍ୟ ପ୍ରତି ସଚେତନ କରିବା ପାଇଁ ଅନୁଷ୍ଠାନ ତରଫରୁ ଏଭଳି ଏକ ଅଭିନବ ପ୍ରୟାସ କରିଛୁ ବୋଲି ଦ ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ କହିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ପାଇଁ କିଶୋରୀ ଓ ମହିଳାମାନଙ୍କ ମଧ୍ୟରେ ପୁଚି, ରଙ୍ଗୋଲି, ଦୌଡ଼ି ଡିଆଁ, ମ୍ୟୁଜିକ୍ ଚେୟାର ଭଳି ବିଭିନ୍ନ ପ୍ରତିଯୋଗିତା କରାଯିବା ସହିତ କିଶୋରୀ ଓ ମହିଳାମାନଙ୍କୁ ନିଜର ଶାରୀରିକ ସ୍ୱଚ୍ଛତା କିପରି ରଖିବେ ସେ ସମ୍ପର୍କରେ ବାର୍ତ୍ତା ଦିଆଯାଇଥିଲା। ଆଗାମୀ ସମୟରେ ଅନୁଷ୍ଠାନ ତରଫରୁ ୫ହଜାର ସାନିଟାରୀ ପ୍ୟାଡ୍ ବିଭିନ୍ନ ବସ୍ତି ଅଞ୍ଚଳରେ କିଶୋରୀମାନଙ୍କୁ ବଣ୍ଟାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ବେଲ୍ ଓମେନ୍ସ କ୍ଲବ୍ ସମ୍ପାଦିକା ରାଜଲକ୍ଷ୍ମୀ ଦାସ କହିଛନ୍ତି। କାର୍ଯ୍ୟକ୍ରମକୁ ଦ ବେଲ୍ ଅନୁଷ୍ଠାନର ଓମେନ୍ସ କ୍ଲବ୍ ଓ ୟୁଥ୍ କ୍ଲବ୍ ସଦସ୍ୟସଦସ୍ୟାମାନେ ପରିଚାଳନା କରିଥିଲେ।

## ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



ପୁରୀ,୧୫।୬(ସମିସ): ପାଖେଇ ଆସୁଛି ରଥଯାତ୍ରା। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଜୋର୍ ଧରିଥିବାବେଳେ ରଥ ନିର୍ମାଣ କାମ ଆଗେଇ ଚାଲିଛି। ତେବେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ କିଭଳି ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରାଯିବ ତାହାର ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। ରବିବାର ଶ୍ରୀ ଆହୁଜା ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ତାଙ୍କୁ ସ୍ୱାଗତ କରିଥିଲେ। ଶ୍ରୀ ଆହୁଜା ରଥ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ସହ ତିନି ରଥର ମୁଖ୍ୟ ବିଶ୍ୱକର୍ମାଙ୍କ ସହିତ ଆଲୋଚନା କରିଥିଲେ। ରଥ ନିର୍ମାଣର ଅଗ୍ରଗତି ନେଇ ପଚାରି ବୁଝିଥିଲେ। ବର୍ତ୍ତମାନ ସୁଦ୍ଧା କ'ଣ କାମ ସରିଛି, ଆଉ କ'ଣ ରହିଛି ତାହା ଅବଗତ ହୋଇଥିଲେ। ଏଥିସହ ବଡ଼ଦାଣ୍ଡରେ ତିନିରଥରେ ଚାଲିଥିବା କାମ ମଧ୍ୟ ଦେଖିଥିଲେ। ପ୍ରବଳ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଶ୍ରୀମନ୍ଦିର ସିଂହଦ୍ୱାରଠାରେ ଚାଲିଥିବା ସମସ୍ତ ଚିତ୍ର କାର୍ଯ୍ୟ ମଧ୍ୟ ମୁଖ୍ୟ ଶାସନ ସଚିବ ବୁଲି ଦେଖିଥିଲେ। ମହାପ୍ରଭୁଙ୍କର ଆଶୀର୍ବାଦରୁ ଚଳିତ ବର୍ଷ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ଆୟୋଜନ ହେବ ବୋଲି ଆଶା ରଖିଛନ୍ତି ମୁଖ୍ୟ ଶାସନ ସଚିବ।

## ବାଳିକାଙ୍କୁ ରଜ ସାଜସଜ୍ଜା ସାମଗ୍ରୀ ବଣ୍ଟନ



ପୁରୀ,୧୫।୬(ସମିସ): ଓଡ଼ିଶାର ଗଣପର୍ବ "ରଜ'କୁ ନେଇ ପୁରପଲ୍ଲୀରେ ବେଶ୍ ଆନନ୍ଦ ଉତ୍ସାହ ଖେଳିଯାଇଛି। ରବିବାର ରଜ ସଂକ୍ରାନ୍ତି ଅବସରରେ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ସେବା "ବଡ଼ଦାଣ୍ଡ ସେବା' ପକ୍ଷରୁ ଗୁଣ୍ଡିଚା ମନ୍ଦିର ନିକଟରେ ଛୋଟ ଛୋଟ ବାଳିକାଙ୍କୁ ରଜର ସାଜସଜ୍ଜା ଜିନିଷ ଯଥା- ଟିକିଲି, ଅଳତା, ମେହେନ୍ଦୀ, ବିସ୍କୁଟ, ଚକୋଲେଟ୍ ଇତ୍ୟାଦି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦିକା ପିଙ୍କି କିନ୍ନରଙ୍କ ସମେତ ଲକ୍ଷ୍ମୀପ୍ରିୟା ପାଢ଼ୀ, ବଟକୃଷ୍ଣ ମହାପାତ୍ର, ମନୋଜ ସାହୁ, ଜଗନ୍ନାଥ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।

## ଦାଦାବଟି ଆଦାୟ ବେଳେ ଯୁବକ ଗିରଫ

ପୁରୀ,୧୫।୬(ସମିସ): ଟ୍ରେନ୍‌ରେ ଆସୁଥିବା ଯାତ୍ରୀଙ୍କୁ ଲୁହାଛଡ଼ ଦେଖାଇ ଭୟଭୀତ କରିବା ସହ ସେମାନଙ୍କଠାରୁ ଦାଦାବଟି ଆଦାୟବେଳେ ଜଣେ ଯୁବକଙ୍କୁ ଗିରଫ କରିଛି ପୁରୀ ଜିଆର୍‌ପି ଥାନା ପୁଲିସ। ଅଭିଯୁକ୍ତ ହେଲେ ଡେଲାଙ୍ଗ ଥାନା ଅନ୍ତର୍ଗତ ଜରପଡ଼ାର ପ୍ରଭାସ ନାୟକ (୨୭)। ତାଙ୍କ ନିକଟରୁ ୨ଟି ମୋବାଇଲ୍ ଫୋନ୍ ଏବଂ ଗୋଟିଏ ଲୁହାଛଡ଼ ଜବତ କରାଯାଇଛି। ଶନିବାର ରାତିରେ ଷ୍ଟେସନରେ ପାଟ୍ରୋଲିଂ ଚାଲିଥିଲା। ରାତି ପ୍ରାୟ ୧ଟା ସମୟରେ ପ୍ରଭାସ ଷ୍ଟେସନ ସମ୍ମୁଖ ଅଟୋ ଷ୍ଟାଣ୍ଡରେ ଲୁହାଛଡ଼ ଧରି ଯାତ୍ରୀଙ୍କୁ ଭୟଭୀତ କରାଇ ଦାଦାବଟି ମାଗୁଥିଲେ। ଏହି ସମୟରେ ଜିଆର୍‌ପି ପୁଲିସ ପହଞ୍ଚି ତାଙ୍କୁ କାବୁ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ. ୫୩/୨୫) ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି।

## ଆଇନ ସଚେତନତା ଶିବିର

ପୁରୀ,୧୫।୬(ସମିସ): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ, ବାଲିଗୁଆଳିସ୍ଥିତ ହୋପ୍ ଇଜ୍ ଲାଇଫର ଓଲ୍ଡ ଏଜ୍ ହୋମ୍‌ଠାରେ ରବିବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହେବା ସହ ବରିଷ୍ଠ ନାଗରିକମାନଙ୍କୁ ଫଳ ବଣ୍ଟନ କରାଯାଇଛି। ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଉଦ୍‌ଘାଟନ କରିବା ସହ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଉପରେ ଥିବା ସରକାରୀ ଆଇନଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଏଥିସହ ସେମାନଙ୍କ ସୁରକ୍ଷା ଏବଂ ଭବିଷ୍ୟତ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଃଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇଥିଲେ। ଏଥିସହ ଆଇନ ସେବା କ'ଣ ଏବଂ ଏହି ସେବା ପାଇବା ପାଇଁ କେଉଁମାନେ ଯୋଗ୍ୟ ସେ ବିଷୟରେ ଆଲୋଚନା କରିଥିଲେ। ଏହି ଦିବସ ଉପଲକ୍ଷେ ଅନୁଷ୍ଠାନରେ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ପ୍ରାଧିକରଣ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣର କର୍ମଚାରୀମାନେ ପରିଚାଳନା କରିଥିଲେ।

# ଜୀବନ ନେଉଛି ସମୁଦ୍ର ସ୍ନାନ

### ୩ ଦିନରେ ୨ ପର୍ଯ୍ୟଟକ ମୃତ



ପୁରୀ,୧୫।୬(ସମିସ): ପୁରୀ ସମୁଦ୍ରରେ ସ୍ନାନବେଳେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। କିଏ ଲହଡ଼ି ମାଡ଼ରେ ଆହତ ହେଉଛନ୍ତି ତ ଆଉ କାହାର ଜୀବନ ବି ଚାଲିଯାଉଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ପର୍ଯ୍ୟଟକଙ୍କ ମୃତାହତ ପାଇଁ ବାସ୍ତବରେ ଦାୟୀ କିଏ? କାହାର ଭୁଲ୍ ପାଇଁ ସମୁଦ୍ରରେ ଜୀବନ ଯାଉଥିବାବେଳେ ବହୁ ପର୍ଯ୍ୟଟକ ଆହତ ହେଉଛନ୍ତି। ହେଲେ ଏହାର ଉତ୍ତର କାହା ପାଖରେ ନାହିଁ। ଫଳରେ କିଛିଦିନ ବ୍ୟବଧାନରେ ପୁରୀ ସମୁଦ୍ରରେ ଏମିତି ଦୁର୍ଘଟଣା ଘଟିଚାଲିଛି।

ଭାରତର ଏକ ପ୍ରମୁଖ ବେଳାଭୂମି ପୁରୀ। ଏଠାକୁ ପ୍ରତ୍ୟହ ଦେଶ ବିଦେଶର ପର୍ଯ୍ୟଟକ ଆସିଥା'ନ୍ତି। ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ସାଙ୍ଗକୁ ସମୁଦ୍ରର ନୀଳ ଜଳରାଶି ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ତେବେ ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ ଅଧିକାଂଶ ସମୁଦ୍ର ସ୍ନାନ କରିବାକୁ ପସନ୍ଦ କରିଥା'ନ୍ତି। କିନ୍ତୁ ଦିନକୁ ଦିନ ବିପଦପୂର୍ଣ୍ଣ ହେଉଛି ସମୁଦ୍ର ସ୍ନାନ। ବିଭିନ୍ନ ସମୟରେ ପର୍ଯ୍ୟଟକ ବୁଡ଼ିଯାଉଥିବାବେଳେ ଅନେକ ମୃତାହତ ବି ହେଉଛନ୍ତି। ପୁରୀକୁ ଏବେ ଭକ୍ତ, ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ମହାପ୍ରଭୁଙ୍କ ଦର୍ଶନ ପରେ ଅନେକ ଶ୍ରଦ୍ଧାଳୁ ମଧ୍ୟ ବେଳାଭୂମିକୁ ବୁଲି ଯାଇଥା'ନ୍ତି। ବେଳାଭୂମିରେ ବସିବା ସହ ସମୁଦ୍ର ଜଳରାଶିକୁ ଉପଭୋଗ କରନ୍ତି। ଏଥିସହ ଅନେକ ଭକ୍ତ, ପର୍ଯ୍ୟଟକ ସମୁଦ୍ରରେ ସ୍ନାନ କରିଥା'ନ୍ତି। ମାତ୍ର ଏବେ ସମୁଦ୍ର ସ୍ନାନ ଆଉ ନିରାପଦ ହେଉନାହିଁ। ସମୁଦ୍ର ସ୍ନାନବେଳେ ଅନେକ ସମୟରେ ଅଘଟଣ ଘଟୁଛି। ଲହଡ଼ି ମାଡ଼ରେ ପର୍ଯ୍ୟଟକ ଆହତ ହେଉଥିବାବେଳେ ବୁଡ଼ିଯିବାରୁ ମଧ୍ୟ ମୃତ୍ୟୁ ହେଉଛି।


ଗତ ଶନିବାର ଚନ୍ଦନପୁର ଅଞ୍ଚଳର ଭରତ ଜେନା(୩୬) ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ସେ ସେକ୍ଟର-୧ ଅଞ୍ଚଳରେ ଗାଧୋଉଥିବାବେଳେ ଏକ ବଡ଼ ଲହଡ଼ି ଆସିଥିଲା। ସେଥିରେ ସେ ଗଭୀର ସମୁଦ୍ରକୁ ଚାଲିଯାଇଥିଲେ। ଲାଇଫ୍‌ଗାର୍ଡମାନେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଗତ ୧୨ ତାରିଖରେ ମଧ୍ୟ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସେ ହେଉଛନ୍ତି ପଶ୍ଚିମବଙ୍ଗର ପ୍ରିନ୍ସ କୁମାର ମହତୋ। ସେ ଗତ ଗୁରୁବାର ସମୁଦ୍ରରେ ସ୍ନାନ କରୁଥିବାବେଳେ ହଠାତ୍ ଭାସି ଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏହା ପରଦିନ ଅର୍ଥାତ୍ ଶୁକ୍ରବାର ନୂଆନଇ ନିକଟରୁ ତାଙ୍କ ମୃତଦେହ ମିଳିଥିଲା। ଏହି ଗୋଟିଏ ଦୁଇଟି ଘଟଣା ନୁହେଁ ପ୍ରାୟ ପ୍ରତିଦିନ ସମୁଦ୍ର ସ୍ନାନବେଳେ କୌଣସି ନା କୌଣସି ଦୁର୍ଘଟଣା ଘଟୁଛି। ସେହିପରି ବିଭିନ୍ନ ସମୟରେ ଲହଡ଼ିରେ ମାଡ଼ ହୋଇ ଅନେକ ପର୍ଯ୍ୟଟକ ଆହତ ହେଉଛନ୍ତି। ତେବେ କାହିଁକି ଦିନକୁ ଦିନ ସମୁଦ୍ର ସ୍ନାନ ଅସୁରକ୍ଷିତ ହୋଇପଡୁଛି? ଏହାର କାରଣ ନିଜେ ପର୍ଯ୍ୟଟକ ନା ପ୍ରଶାସନିକ ଅବ୍ୟବସ୍ଥା। ଏମିତି ପ୍ରଶ୍ନ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଥିବାବେଳେ ମୁଖ୍ୟତଃ ପର୍ଯ୍ୟଟକଙ୍କ ସଚେତନତାର ଅଭାବ ଯୋଗୁଁ ଏପରି ଘଟୁଥିବା କୁହାଯାଉଛି। ଏହାର ଏକାଧିକ କାରଣ ମଧ୍ୟରେ ପ୍ରଶାସନ ପକ୍ଷରୁ ଚିହ୍ନଟ ଅଞ୍ଚଳ ବ୍ୟତୀତ ପର୍ଯ୍ୟଟକମାନେ ମନଇଚ୍ଛା ଯେକୌଣସି ସ୍ଥାନରେ ସ୍ନାନ କରୁଛନ୍ତି। ଫଳରେ ସେମାନେ ଲାଇଫ୍‌ଗାର୍ଡଙ୍କ ନଜରରେ ରହୁନାହାନ୍ତି। ଯଦି ଉଚ୍ଚ ଲହଡ଼ି ଆସିଲା ତେବେ ସେମାନେ ବିପଦରେ ପଡୁଛନ୍ତି। ସେହିପରି ଅନେକ ସମୟରେ ପୁରୀ ସମୁଦ୍ରରେ ରିପ୍ କରେଣ୍ଟ ଅଧିକ ରହୁଛି। ଏହି କରେଣ୍ଟରେ ପଡ଼ିଲେ ତାହା ସମୁଦ୍ର ଭିତରକୁ ଟାଣିନେଉଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଲାଇଫ୍‌ଗାର୍ଡଙ୍କ ଅଭାବ। ପୁରୀର ବ୍ଲୁ ଫ୍ଲାଗ୍ ବିଚ୍, ନୀଳାଦ୍ରି ବିଚ୍ ଏବଂ ଦିଗବାରେଣୀ ଛକରୁ ସୁଭ୍ ପ୍ୟାଲେସ ମଧ୍ୟରେ ହିଁ ଲାଇଫ୍‌ଗାର୍ଡ ରହୁଛନ୍ତି। ତେଣୁ ଅନ୍ୟ ଯେଉଁଠି ପର୍ଯ୍ୟଟକ ଗାଧୋଇଲେ ତାଙ୍କ ଉପରେ କାହାର ନଜର ରହୁନି। ତେଣୁ ଅଧିକ ଲାଇଫ୍‌ଗାର୍ଡ ମୁତୟନ ହେବା ଦରକାର ବୋଲି ପର୍ଯ୍ୟଟକ କହିଛନ୍ତି।

## ପୁରୀରେ ହେବ ସର୍ବଭାରତୀୟ ସାଇକଲ ପୋଲୋ ପ୍ରତିଯୋଗିତା

ପୁରୀ,୧୫।୬(ସମିସ)

ପୁରୀରେ ଆୟୋଜିତ ହେବ ସର୍ବଭାରତୀୟ ସାଇକଲ ପୋଲୋ ପ୍ରତିଯୋଗିତା। ରବିବାର ସ୍ଥାନୀୟ ୟୁଥ୍ ହଷ୍ଟେଲରେ ଓଡ଼ିଶା ସାଇକଲ ପୋଲୋ ସଂଘ ପରିଚାଳନା ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସଂଘର ନୂତନ ସଭାପତି ଭାବେ ବିନୟ ନୃସିଂହ ମହାପାତ୍ର ଏବଂ ବିଭିନ୍ନ କାର୍ଯ୍ୟକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସଂଘର ରାଜ୍ୟ ସାଧାରଣ ସମ୍ପାଦକ ରାଜକିଶୋର ମହାନ୍ତି କହିଛନ୍ତି, ଏହି ବୈଠକରେ ୧୦ଟି ଆଫିଲିଟେଡ୍ ୟୁନିଟ୍ ଅଂଶଗ୍ରହଣ କରିଥିଲେ। ଏଥିରେ ଗୋପୀନାଥ ସାହୁ, ଅଭିମନ୍ୟୁ ଶତପଥୀ, ରଞ୍ଜିତ ମିଶ୍ର, ସଚ୍ଚିଦାନନ୍ଦ ଦାଶ(ବ୍ରହ୍ମପୁର), ଶରତ ମହାନ୍ତି, ଅମର ଆନନ ପଟ୍ଟନାୟକ, ପ୍ରୀତିଶ୍ ମହାନ୍ତି, ପ୍ରତୀକ ଦାଶ, ଶିବାଶିଷ ମହାନ୍ତି, ଅଂଶୁମାନ ଶତପଥୀ, ଶୁଭମ୍ ଜେନା, ଶୁଭ୍ରଜିତ୍ ମିଶ୍ର ଏବଂ ସମସ୍ତ ଜିଲ୍ଲାର ସମ୍ପାଦକ ଯୋଗଦେଇଥିଲେ। ଆଗାମୀ ଦିନରେ ଜାତୀୟସ୍ତରୀୟ ପ୍ରତିଯୋଗିତା ଡିସେମ୍ବର ମାସରେ ଅନୁଷ୍ଠିତ ହେବ। ଏହି ଖେଳର ଉନ୍ନତି ପାଇଁ ସ୍କୁଲସ୍ତରରୁ ଖେଳାଳିମାନଙ୍କୁ ଚୟନ ଏବଂ ଆବଶ୍ୟକ କାର୍ଯ୍ୟକ୍ରମ କରାଯିବ ବୋଲି ସଂଘର ରାଜ୍ୟ ସଭାପତି ଶ୍ରୀ ମହାପାତ୍ର କହିଛନ୍ତି। ନଭେମ୍ବର ସୁଦ୍ଧା ୨୦ଟି ଜିଲ୍ଲାରେ ଏହି ଖେଳକୁ ପଞ୍ଜୀକରଣ କରାଯିବ। ସାଇକଲ ପୋଲୋ ଖେଳର ସମସ୍ତ ସୁବିଧା ଅସୁବିଧା ସରକାରଙ୍କ ନିକଟରେ ପହଞ୍ଚାଇବା ନୂତନ ସଭାପତିଙ୍କ ନେତୃତ୍ୱ କ୍ରମେ ୩ ଜଣିଆ ଡ୍ରାଫ୍‌ଟିଂ କମିଟି ଗଠନ କରାଯାଇଛି। ଡିସେମ୍ବର ସୁଦ୍ଧା ଜାତୀୟସ୍ତରୀୟ ସାଇକଲ ପୋଲୋ ପ୍ରତିଯୋଗିତା ପୁରୀଠାରେ ଅନୁଷ୍ଠିତ ହେବ ବୋଲି ସଭାପତି ପ୍ରକାଶ କରିଛନ୍ତି।

# ସମ୍ପାଦକୀୟ



ବାସ୍ତବରେ ସବୁ କଥାର ଦୁଇଟି ଦିଗ ଥାଏ - ବିଜ୍ଞାନ ଓ ମତାମତ, ପ୍ରଥମଟି ସୃଷ୍ଟି କରେ ଜ୍ଞାନ ଓ ଦ୍ୱିତୀୟଟି ଅଜ୍ଞାନ।
-ହିପୋକ୍ରାଟ୍ସ୍

ସକାଳ
THE SAKALA

## ମଧ୍ୟପ୍ରାଚ୍ୟରେ ଯୁଦ୍ଧଧ୍ୱନି

ମଧ୍ୟପ୍ରାଚ୍ୟରେ ପୁଣି ଥରେ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି। ହମାସ୍‌କୁ ମୂଳପୋଛ କରିବା ଲକ୍ଷ୍ୟରେ ଇସ୍ରାଏଲ୍ ଆରମ୍ଭ କରିଥିବା ନିର୍ଣ୍ଣାୟକ ଯୁଦ୍ଧର ମୀମାଂସା ଏ ପର୍ଯ୍ୟନ୍ତ ହୋଇ ନ ଥିବା ବେଳେ ଇରାନ୍ ଉପରେ ଆକ୍ରମଣ କରିଛି ଏବଂ ଇରାନ୍ ପାଲଟା ଜବାବ୍ ଦେଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଇରାନ୍‌ର ଆଣବିକ କେନ୍ଦ୍ର ଓ ସେନା ଶିବିରମାନଙ୍କ ଉପରେ ବାଛିବାଛି ଇସ୍ରାଏଲ୍ ଆକ୍ରମଣ କରିଛି ଏବଂ ଇରାନ୍‌କୁ ସମ୍ପୂର୍ଣ୍ଣ ଆଣବିକଶକ୍ତି ବିହୀନ କରିବା ପର୍ଯ୍ୟନ୍ତ ଏହି ଯୁଦ୍ଧ ଚାଲିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଘୋଷଣା କରିଛନ୍ତି। ଆଗାମୀ ଦିନରେ ଇସ୍ରାଏଲ୍‌ର ଆକ୍ରମଣ ଆହୁରି ଭୟଙ୍କର ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିବା ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ଆହୁରି ଭୟଙ୍କର ହୋଇପାରେ। ଏବେ କେବଳ ସାମରିକ କେନ୍ଦ୍ର ଉପରେ କେନ୍ଦ୍ରିତ ଥିବା ଆକ୍ରମଣ-ପ୍ରତିଆକ୍ରମଣ ପରବର୍ତ୍ତୀ ସମୟରେ ବେସାମରିକ କ୍ଷେତ୍ରକୁ ବ୍ୟାପି ପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଇରାନ୍ ଉପରେ ଇସ୍ରାଏଲ୍‌ର ଏହି ଆକ୍ରମଣ ଅପ୍ରତ୍ୟାଶିତ ହୋଇଥିଲେ ହେଁ ଅସ୍ୱାଭାବିକ ନୁହେଁ। ଏକଦା ବନ୍ଧୁ ଥିବା ଏହି ଦୁଇରାଷ୍ଟ୍ର ମଧ୍ୟରେ ଗତ ପ୍ରାୟ ଦୁଇବର୍ଷ ଧରି ଉତ୍ତେଜନା ଏବଂ ଆକ୍ରମଣ-ପ୍ରତିଆକ୍ରମଣ ଲାଗି ରହିଛି। ତେବେ ତାହା ସାମୟିକ ପ୍ରଶମିତ ହୋଇସାରିଥିବା ବେଳେ ଇସ୍ରାଏଲ୍‌ର ହଠାତ୍ 'ଅପରେସନ୍ ରାଇଜିଂ ଲାୟନ(ଇରାନ୍ ଆକ୍ରମଣ)' ପଛରେ ରହିଛି ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥା ପରିଚାଳନା ମଣ୍ଡଳିର ସଦ୍ୟ ଅନୁଷ୍ଠିତ ବୈଠକ। ଇରାନ୍ ବିପଜ୍ଜନକ ଆଣବିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିବା ଅଭିଯୋଗ ଉପରେ ଆଲୋଚନା ପାଇଁ ଏହି ବୈଠକ ଆହୂତ ହୋଇଥିଲା। ୩୫ ସଦସ୍ୟ ବିଶିଷ୍ଟ ଏହି ସଂସ୍ଥାର ପରିଚାଳନା ମଣ୍ଡଳି ବୈଠକରେ ୧୯ ଜଣ ସଦସ୍ୟ ଇରାନ୍ ଉପରେ କଟକଣା ଜାରି କରିବା ପାଇଁ ଆଗତ ସଂକଳ୍ପ ସପକ୍ଷରେ ମତ ଦେଇଥିବା ବେଳେ ୩ ଜଣ ବିରୋଧ କରିଥିଲେ। ବିଗତ ଦୁଇଦଶନ୍ଧି ମଧ୍ୟରେ ଇରାନ୍ ବିରୋଧରେ ଏଭଳି ସଂକଳ୍ପ ପ୍ରଥମ ବୋଲି କୁହାଯାଉଛି। ଉଲ୍ଲେଖନୀୟ, କେବଳ ରୁଷିଆ, ଚୀନ୍ ଓ ବୁର୍କିନା ଫାସୋ ଏହି ସଂକଳ୍ପକୁ ବିରୋଧ କରିଥିବା ବେଳେ ଆଲଜେରିଆ, ବାଂଲାଦେଶ, ଇଣ୍ଡୋନେସିଆ, କାତାର, ସାଉଦି ଆରବ, ତୁର୍କି ଆଦି ଇସ୍‌ଲାମିକ୍ ଦେଶଗୁଡ଼ିକ ସଂକଳ୍ପକୁ ବିରୋଧ କରି ନଥିଲେ। ଇସ୍‌ଲାମିକ୍ ବହୁଳ ଅଞ୍ଚଳରେ ଇରାନ୍‌କୁ ସମର୍ଥନ ନ ମିଳିବା ମଧ୍ୟପ୍ରାଚ୍ୟରେ ଏକ ନୂଆ ଭୂରାଜନୈତିକ ସମୀକରଣର ସଂକେତ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଏଠାରେ ଆଉ ଏକ ପ୍ରସଙ୍ଗ ଆଲୋଚନା ପରିସରକୁ ସ୍ୱାଭାବିକ ଭାବେ ଆସୁଛି। ଯଦି ଇସ୍ରାଏଲ୍‌ର 'ଅପରେସନ୍ ରାଇଜିଂ ଲାୟନ୍' ପଛରେ ଇରାନ୍ ବିରୋଧରେ ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥାର କଟକଣା ସଂକଳ୍ପ ହିଁ ଏକମାତ୍ର କାରଣ ହୁଏ ତେବେ ପ୍ରଶ୍ନ ଉଠୁଛି ଇସ୍ରାଏଲ୍‌କୁ ସେ ଅଧିକାର କିଏ ଦେଲା? ଏବଂ କାହାର ଇଙ୍ଗିତ ଓ ବଳରେ ଆନ୍ତର୍ଜାତିକ ଶକ୍ତିସଂସ୍ଥାର ପ୍ରତିନିଧିତ୍ୱ କରିବାକୁ ଇସ୍ରାଏଲ୍ ଆଗଭର ହୋଇଗଲା? ଉଭୟ ଇସ୍ରାଏଲ୍ ଓ ଇରାନ୍ ଗୁପ୍ତରେ ଆଣବିକ ଶକ୍ତିର ଅଧିକାରୀ ହୋଇଥିବା ବିଷୟ ଆନ୍ତର୍ଜାତିକ ଆଣବିକ ସଂସ୍ଥାର ଅଗୋଚର ନୁହେଁ। କିନ୍ତୁ ହଠାତ୍ ଆନ୍ତର୍ଜାତିକ ଶକ୍ତିସଂସ୍ଥାର ପରିଚାଳନା ମଣ୍ଡଳି ବୈଠକ ବସିବା, ଇରାନ୍ ବିରୋଧରେ ଐତିହାସିକ ସଂକଳ୍ପ ପାରିତ ହେବା ଏବଂ ଇସ୍ରାଏଲ୍ ବଡ଼ଭାଇ ପଣିଆ ଦେଖାଇ ଇରାନ୍‌ର ଆଣବିକ ଶକ୍ତିକେନ୍ଦ୍ର ଉପରେ ଆକ୍ରମଣ କରିବା ଆଦୌ କାକତାଳିକ ନୁହେଁ। ତେଣୁ ଏହି ସମଗ୍ର ଘଟଣା ପଛରେ ଆମେରିକାର ଭୂମିକା ସନ୍ଦେହରୁ ଊର୍ଦ୍ଧ୍ୱକୁ ଯାଇପାରୁନାହିଁ।

ମଧ୍ୟପ୍ରାଚ୍ୟରେ ବହୁଦଶନ୍ଧି ଧରି କୁହୁଳି ଆସୁଥିବା ଧୂଆଁ ମଝିରେ ମଝିରେ ବାହ୍ୟଶକ୍ତିର ପ୍ରଭାବରେ ଅଗ୍ନିସ୍ଫୁଲିଙ୍ଗର ରୂପ ନିଏ। ଏବେ ତାହାର ପୁନରାବୃତ୍ତି ଘଟିଛି। କେତେବେଳେ ଇରାନ୍ ସମର୍ଥିତ ଓ ସହାୟତା ପ୍ରାପ୍ତ ପାଲେଷ୍ଟାଇନ୍‌ର ଆତଙ୍କବାଦୀ ଗୋଷ୍ଠୀ ହମାସ୍ ଇସ୍ରାଏଲ୍ ଉପରେ ଆକ୍ରମଣ କରିଛି; ପୁଣି କେତେବେଳେ ସିରିଆରେ ଗୃହଯୁଦ୍ଧ ପଛରେ ଇସ୍ରାଏଲ୍‌ର ବନ୍ଧୁ ଆମେରିକାର ହାତ ରହିଥିବା ଅଭିଯୋଗ ହୋଇଛି। ଏବେ ଇରାନ୍ ଉପରେ ଇସ୍ରାଏଲ୍ ଆକ୍ରମଣ ପଛର ଯଥାର୍ଥତା କେତେ ତାହା ଏକ ଭିନ୍ନ ପ୍ରଶ୍ନ। କିନ୍ତୁ ଏହା ଅନସ୍ୱୀକାର୍ଯ୍ୟ ଯେ ପରିବର୍ତ୍ତିତ ପରିସ୍ଥିତିରେ ଆମେରିକାର ଦୃଷ୍ଟିକଟୁ ତାଲିକାରେ ଇରାକ୍‌ର ସ୍ଥାନରେ ଏବେ ଇରାନ୍‌କୁ ଅବସ୍ଥାପିତ କରାଯାଇଛି ଏବଂ ଏଥିପାଇଁ ଇସ୍ରାଏଲ୍‌କୁ ବ୍ୟବହାର କରାଯାଇଛି। ଏବେ ଇରାନ୍ ବିରୋଧରେ ଯେଉଁ ଅଭିଯୋଗ ଆସିଛି ତାହା ଏକଦା ଇରାକ୍ ବିରୋଧରେ ମଧ୍ୟ ଆମେରିକା ଆଣିଥିଲା। ଇରାକ୍‌କୁ ଧ୍ୱସ୍ତବିଧ୍ୱସ୍ତ କରି ସଦ୍ଦାମ ହୁସେନ୍‌ଙ୍କ କବଳରୁ ମୁକ୍ତି ଦେବାରେ ଆମେରିକା ସଫଳ ହେଲା ସତ, କିନ୍ତୁ ସଦ୍ଦାମ୍ ଗୋପନୀୟ ଆଣବିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିବା ପ୍ରମାଣ କରିପାରିଲା ନାହିଁ। ଆମେରିକାର ଏହି ଉଦ୍ଦେଶ୍ୟ ପଛରେ ଯେ ମଧ୍ୟପ୍ରାଚ୍ୟର ବିଶାଳ ତୈଳ ଖଣି ଉପରେ କବ୍‌ଜା ଲକ୍ଷ୍ୟ ଥିଲା, ତାହାର ପ୍ରମାଣ କିନ୍ତୁ ବିଶ୍ୱବାସୀ ପାଇଗଲେ। ଏବେ ଆମେରିକାର ଆଖି ପୁଣି ଇରାନ୍‌ର ତୈଳ ଭଣ୍ଡାର ଉପରେ ପଡ଼ିନାହିଁ ଏବଂ ଇରାକ୍‌ର ଦଶା ଇରାନ୍ ଭୋଗିବ ନାହିଁ ବୋଲି ନିଶ୍ଚିତ କରିହେଉନାହିଁ।

ଯୁଦ୍ଧ ଘନଘଟା ସତ୍ତ୍ୱେ ମଧ୍ୟପ୍ରାଚ୍ୟ ପାଇଁ ଏକ ଆଶ୍ୱସ୍ତିର ବିଷୟ ଯେ ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଆକ୍ରମଣ ହୋଇଥିଲେ ମଧ୍ୟ ତେଜସ୍କ୍ରିୟ ବିକିରଣ ଆଶଙ୍କା କମ୍ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କିନ୍ତୁ ଯୁଦ୍ଧର ଘନଘଟା ଲାଗି ରହିଲେ ସମଗ୍ର ପଶ୍ଚିମଏସିଆ ସମେତ ଭାରତ ମଧ୍ୟ ପ୍ରଭାବିତ ହେବ। କୂଟନୈତିକ ଓ ବାଣିଜ୍ୟିକ ଦୃଷ୍ଟିକୋଣରୁ ଇରାନ୍ ସହିତ ଭାରତର ସମ୍ପର୍କ ଭଲ। ଚବାହାର ବନ୍ଦର ପ୍ରତିଷ୍ଠା କରି ଭାରତ ଇରାନ୍ ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କକୁ ଦୃଢ଼ କରିଛି। ଆମେରିକାର ଇରାନ୍ ବିରୋଧୀ କଟକଣା ପୂର୍ବରୁ ଭାରତର ସର୍ବବୃହତ୍ ଅଶୋଧିତ ତୈଳ ରପ୍ତାନୀକାରୀ ଥିଲା ଇରାନ୍। ଅପରପକ୍ଷରେ ଆତଙ୍କବାଦ ବିରୋଧରେ ଇସ୍ରାଏଲ୍ କାର୍ଯ୍ୟାନୁଷ୍ଠାନକୁ ଭାରତ ସମର୍ଥନ ଦେଇ ଆସୁଛି ଏବଂ ପ୍ରତିରକ୍ଷା ଉପକରଣ, ସାମରିକ-ବୈଷୟିକ ଜ୍ଞାନକୌଶଳ ହାସଲ କରିବା ପାଇଁ ଦୁଇ ରାଷ୍ଟ୍ର ଚୁକ୍ତିବଦ୍ଧ। ତେଣୁ ଏଭଳି ପରିସ୍ଥିତିରେ ଭାରତ ନିର୍ଦ୍ଦିଷ୍ଟ ଭାବେ କୌଣସି ପକ୍ଷ ନେଇପାରିବ ନାହିଁ।

ସାମ୍ପ୍ରତିକ ସ୍ଥିତିରେ ଭାରତ ପାଇଁ ସବୁଠାରୁ ଉଦ୍‌ବେଗ ହେଉଛି ମଧ୍ୟପ୍ରାଚ୍ୟରେ ପ୍ରବାସୀ ଭାରତୀୟଙ୍କ ସୁରକ୍ଷା। ସେହି ଅଞ୍ଚଳରେ ପ୍ରାୟ ୯୦ ଲକ୍ଷ ପ୍ରବାସୀ ଭାରତୀୟ ବସବାସ କରୁଛନ୍ତି। ଏବେ ମଧ୍ୟ ଭାରତର ମୋଟ ତୈଳ ଆମଦାନୀର ୮୦% ମଧ୍ୟପ୍ରାଚ୍ୟ ଉପରେ ନିର୍ଭରଶୀଳ। ଉଭୟ ଦେଶ କେହି କାହାର ଇନ୍ଧନ ଭିତ୍ତିଭୂମି ଉପରେ ଆକ୍ରମଣ କରିବେ ନାହିଁ ବୋଲି ଘୋଷଣା କରିଥିଲେ ମଧ୍ୟ ବିଶ୍ୱ ତୈଳ ଓ ଏଲ୍‌ଏନ୍‌ଜି ରପ୍ତାନୀ ପାଇଁ ବ୍ୟବହୃତ ପ୍ରମୁଖ ପଥ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଲାଇନ୍'କୁ ଯଦି ଇରାନ୍ ବନ୍ଦ କରିଦିଏ, ତେବେ ଭାରତର ତୈଳ ଆମଦାନୀ ପ୍ରଭାବିତ ହେବ ଏବଂ ଅର୍ଥନୈତିକ ସଙ୍କଟ ବଢ଼ିବ। ପଣ୍ୟବାହୀ ଜାହାଜଗୁଡ଼ିକ ମଧ୍ୟ ଲୋହିତ ସାଗର ପରିବର୍ତ୍ତେ 'କେପ୍ ଅଫ୍ ଗୁଡ୍ ହୋପ୍ ରୁଟ୍' ଦେଇ ଯିବାକୁ ପଡ଼ିବ, ଯାହା ବାଣିଜ୍ୟ ଖର୍ଚ୍ଚ ଓ ଅବଧିକୁ ବହୁଗୁଣା ବୃଦ୍ଧି କରିବ। ତେଣୁ ଯେତେଶୀଘ୍ର ମଧ୍ୟପ୍ରାଚ୍ୟରେ ଶାନ୍ତି ବାହାଲ ହେବ ତାହା ଭାରତ, ମଧ୍ୟପ୍ରାଚ୍ୟ ସମେତ ପଶ୍ଚିମ ଏସିଆ ପାଇଁ ମଙ୍ଗଳକର ହେବ।

## ଡିଜିପିନ: ଆଶୀର୍ବାଦ ନା ଆପଦ?

ବୃହସ୍ପତି ସାମଲ

ଭାରତ ସରକାର ୨୭ ମେ ୨୦୨୫ରେ ଏକ ଦଶ-ଅକ୍ଷର ବିଶିଷ୍ଟ ଅଲଫାନ୍ୟୁମରିକ କୋଡ୍ ଭାବରେ ଡିଜାଇନ ହେଇଥିବା ଡିଜିପିନ (ଡିଜିଟାଲ ପୋଷ୍ଟାଲ ଇଣ୍ଡେକ୍ସ ନମ୍ବର) ନାମରେ ଏକ ନୂଆ ଡିଜିଟାଲ ପ୍ରୟାସର ଉନ୍ମୋଚନ କରିଛନ୍ତି, ଯାହା ଦେଶର ପ୍ରତ୍ୟେକ ୪ଗୁଣା୪ ମିଟର ଅଞ୍ଚଳକୁ ଦ୍ରାଘିମା ଓ ଅକ୍ଷାଂଶ ଭିତ୍ତିରେ ସଠିକ୍ ଭାବେ ଚିହ୍ନଟ କରିବା ପାଇଁ ବ୍ୟବହାର କରାଯାଇପାରିବ। ଭାରତୀୟ ଡାକ ବିଭାଗ, ଆଇଆଇଟି ହାଇଦ୍ରାବାଦ ଓ ଇସ୍ରୋ ଅନ୍ତର୍ଗତ ଜାତୀୟ ରିମୋଟ୍ ସେନ୍ସିଂ କେନ୍ଦ୍ରଙ୍କ ସହଯୋଗରେ ବିକଶିତ ଏହି ଡିଜିପିନକୁ ଭାରତର ଡିଜିଟାଲ ଢାଞ୍ଚାରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏହାକୁ ଏକ ଗୋପନୀୟତାକେନ୍ଦ୍ରିକ ଓ ଜିଓକୋଡିଂ ଭିତ୍ତିକ ପଦ୍ଧତି ଭାବରେ ଉପସ୍ଥାପନ କରାଯାଇଛି, ଯାହା ଭାରତୀୟ ଡାକ ବିଭାଗ ଦ୍ୱାରା ୧୯୭୨ରୁ ପ୍ରଚଳିତ ହୋଇ ଆସୁଥିବା 'ପିନ୍‌କୋଡ୍' ବ୍ୟବସ୍ଥାକୁ ଏକ ଆଧୁନିକତାର ସ୍ପର୍ଶ ଦେବ। ଡିଜିପିନର ଏହି ସଠିକ ଭୌଗୋଳିକ ଟ୍ୟାଗିଂ ଦ୍ୱାରା ଲଜିଷ୍ଟିକ୍ସ, ଆପାତକାଳୀନ ସେବା, ଗ୍ରାମୀଣ ସେବା ପ୍ରଦାନ ଓ ଡିଜିଟାଲ ଶାସନ ପ୍ରଣାଳୀରେ ଲାଭ ମିଳିବ ବୋଲି କୁହାଯାଉଛି। ଅରଣ୍ୟ, ନଦୀ କୂଳ, ପାହାଡ଼ ଅଞ୍ଚଳ ଭଳି ସଠିକ୍ ଠିକଣା ନଥିବା ସ୍ଥାନଗୁଡ଼ିକୁ ଡିଜିପିନ୍ ଦ୍ୱାରା ଏବେ ଡିଜିଟାଲ ଉପାୟରେ ଚିହ୍ନଟ କରାଯାଇପାରିବ।

ଏକ ଡିଜିପିନ୍ ତିଆରି ପାଇଁ ବ୍ୟବହାରକାରୀଙ୍କୁ ନିଜର ରିଅଲ-ଟାଇମ୍ ଅବସ୍ଥାନ ତଥ୍ୟକୁ ଆକ୍ସେସ୍ କରିବା ଅନୁମତି ଦେବାକୁ ପଡ଼ିଥାଏ। ଯଦିଓ ଭାରତୀୟ ଡାକ ବିଭାଗ ଦାବି କରୁଛି ଯେ ଏହି ତଥ୍ୟ ସଂରକ୍ଷିତ ବା ରେକର୍ଡ ହେବ ନାହିଁ ଏବଂ କେବଳ କୋଡ୍ ସୃଷ୍ଟି ପାଇଁ ବ୍ୟବହୃତ ହେବ, ତଥାପି ଏହି ତଥ୍ୟ ଆକ୍ସେସ୍ କରିବା ଅଭିକ୍ରିୟା ଏକ ଭବିଷ୍ୟତ ତଥ୍ୟଚ୍ୟୁତିର ଦ୍ୱାର ଖୋଲିଦେଇପାରେ। ଏହି ନୂତନ ପଦକ୍ଷେପକୁ ଏକ ଡିଜିଟାଲ ଉନ୍ନତି ନାମରେ ପ୍ରଚାର କରାଯାଉଥିଲେ ମଧ୍ୟ ଦେଶରେ ଇଣ୍ଟରନେଟ ଆଧାରିତ ସାଇବର ଅପରାଧ ବୃଦ୍ଧି ପାଉଥିବା ବେଳେ ଏହା ବ୍ୟକ୍ତିଗତ ତଥ୍ୟର ଗୋପନୀୟତା, ନିରୀକ୍ଷଣ ଓ ଦୁରୁପଯୋଗ ବିଷୟରେ ଚିନ୍ତା ବୃଦ୍ଧି କରିଛି।

ଭାରତର ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ତଥ୍ୟ ଅନୁସାରେ, ୨୦୨୩ ମସିହାରେ ଭାରତରେ ୧.୫୫ ଲକ୍ଷରୁ ଅଧିକ ସାଇବର ଅପରାଧ ଘଟିଛି, ଯାହା ୨୦୨୦ର ୫୦, ୦୩୫ ଘଟଣାଠାରୁ ବହୁଗୁଣା ବେଶି। ସେଥିମଧ୍ୟରୁ ଅନେକଟି ଅର୍ଥ ଠକେଇ, ଫିସିଂ, ପରିଚୟ ଚୋରି ଓ ସିମ୍ କ୍ଲୋନିଂ ସହିତ ସଂପୃକ୍ତ, ଯେଉଁଥିରେ ଆଧାର, ମୋବାଇଲ ନମ୍ବର, ବ୍ୟାଙ୍କ ଖାତା ଓ ସରକାରୀ ଯୋଜନା ସହିତ ଜଡ଼ିତ ବ୍ୟକ୍ତିଗତ ତଥ୍ୟ ଦୁରୁପଯୋଗ ମୁଖ୍ୟ ଭୂମିକା ନେଇଥିଲା। ଆଧାର, ପ୍ୟାନ୍, ଫୋନ୍ ଓ ଅର୍ଥ ବିବରଣୀକୁ ବାଧ୍ୟତାମୂଳକ ଭାବେ ଯୋଡ଼ିବା ଦ୍ୱାରା ପ୍ରତ୍ୟେକ ଭାରତୀୟ ଏବେ ଏକ ଡିଜିଟାଲ ତଥ୍ୟ କ୍ଷେତ୍ରରେ ପରିଣତ ହୋଇଥିବା ଯୋଗୁଁ ବ୍ୟକ୍ତିଗତ ପ୍ରଦତ୍ତ ତଥ୍ୟର ଦୁରୁପଯୋଗ ହେବାର ଆଶଙ୍କା ଯଥେଷ୍ଟ ବଢ଼ି ଯାଇଛି। ଏପରି ପରିବେଶରେ, ବ୍ୟକ୍ତିଙ୍କ ନିଜସ୍ୱ ଅବସ୍ଥାନକୁ ସଠିକ ଭାବରେ ଚିହ୍ନଟ କରି ଡିଜିପିନ୍ ଲୋକମାନଙ୍କୁ ଏକ ନୂଆ ସ୍ତରର ବିପଦ ଭିତରକୁ ଟାଣି ନେବାକୁ ଉଦ୍ୟମରତ ବୋଲି ଅଭିଯୋଗ ହେଉଛି।

ସାଇବର ସୁରକ୍ଷା ବିଶେଷଜ୍ଞମାନଙ୍କ ମତରେ ସାଧାରଣ ଠିକଣା ତୁଳନାରେ ଡିଜିପିନ ବ୍ୟକ୍ତିଗତ ଗୋପନୀୟତାକୁ ପ୍ରାୟ ଶୂନ୍ୟ କରିଦେଇଥାଏ। ଯଦି ଏହା ଭୋଟର ତାଲିକା, ସ୍ୱାସ୍ଥ୍ୟ କାର୍ଡ, ଟେଲିକମ୍ ତଥ୍ୟ ଓ ଆଧାର ଲିଙ୍କ କ୍ଷେତ୍ର ଭଳି ଅନ୍ୟ ତଥ୍ୟ ସହ ଯୋଡ଼ି ଦିଆଯାଏ, ତେବେ ଏହା ଏକ ବ୍ୟକ୍ତିକୁ ନିର୍ଦ୍ଦିଷ୍ଟ ଭାବେ ଖୋଜି ବାହାର କରିବାର ଏକ ମଜବୁତ ହତିଆର ହୋଇପାରେ। ଯେଉଁ ପ୍ରତିରକ୍ଷା ସ୍ତର ଦିନେ ନାଗରିକଙ୍କୁ ଟ୍ରାକିଂରୁ ବଞ୍ଚାଉଥିଲା, ବର୍ତ୍ତମାନ ସେହି ସୁରକ୍ଷା ଭାଙ୍ଗିଯିବ, ଯାହା ଫଳରେ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ସହ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ (ଲୋକେସନ୍ ଟ୍ରେସିଂ) ପାଇଁ ଅତ୍ୟାଧୁନିକ ଡିଜିଟାଲ କୌଶଳ ଅବଲମ୍ବନ କରୁଥିବା ସାଇବର ଅପରାଧୀମାନେ ଡିଜିପିନକୁ ଏକ ଆପରାଧିକ ଅସ୍ତ୍ର ଭାବରେ ବ୍ୟବହାର କରିପାରିବେ। ଅଧିକନ୍ତୁ, ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ୍ ୨୦୨୩ର ଦୁର୍ବଳ ଓ ଅସ୍ପଷ୍ଟ ଧାରା ଏହି ସମସ୍ୟାକୁ ଆଉ ଗମ୍ଭୀର କରୁଛି।

ଏହି ପରିପ୍ରେକ୍ଷୀରେ ଆଉ ଏକ ଗଭୀର ଚିନ୍ତା ହେଉଛି ଡିଜିଟାଲ ବ୍ୟବସ୍ଥାର ବାଧ୍ୟବାଧକତାରୁ ସୃଷ୍ଟି ସାମାଜିକ ଅନିଚ୍ଛା। ବିଗତ ଦଶବର୍ଷ ଧରି ବିଶେଷତଃ ବୃଦ୍ଧ, ଗ୍ରାମୀଣ ଜନତା ଓ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ନାଗରିକମାନେ ନିରନ୍ତର ଡିଜିଟାଲ୍ ଉପକରଣ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଅଧିକାଂଶ ସମୟରେ ଆଧାର କାର୍ଡ ପ୍ରସ୍ତୁତିରେ ବିଳମ୍ବ, ବାୟୋମେଟ୍ରିକ୍ ଅମେଳ ଓ ପ୍ରକ୍ରିୟାଗତ ଉଦାସୀନତା ଦେଖିବାକୁ ମିଳିଛି। ପାନ୍ ସହ ଆଧାର ସଂଯୋଗକୁ ବାଧ୍ୟତାମୂଳକ କରି ଅନେକବାର ଜମାକାରୀଙ୍କ ଖାତାକୁ ବନ୍ଦ କରିଦେବାର ଭୟ ଦେଖାଯାଉଛି। 'ଆୟୁଷ୍ମାନ୍ ଭାରତ ଯୋଜନା'ର ଲାଭ ନେବା ପାଇଁ ବର୍ତ୍ତମାନ ଅନଲାଇନ୍ ପୋର୍ଟାଲ୍, ଓଟିପି ଓ ଜିଓ-ଭେରିଫିକେସନ୍ ଜରୁରୀ, ଯାହା ମିଳିନଥିବା ଲକ୍ଷ-ଲକ୍ଷ ଲୋକଙ୍କ ପାଇଁ ଏକ ଅସମ୍ଭବ ଆହ୍ୱାନ। ଭାରତ ସରକାରଙ୍କ ରେଳ ମନ୍ତ୍ରାଳୟ ତରଫରୁ ଜାରି ସଦ୍ୟତମ ସୂଚନା ଅନୁଯାୟୀ ଜୁଲାଇ ମାସରୁ ତତ୍କାଳ ରେଳ ଟିକେଟର ବୁକିଂ ପାଇଁ ଆଧାର କାର୍ଡ ତଥା ସେଥିରେ ସଂଯୋଜିତ ଟେଲିଫୋନ ନମ୍ବରର ଓଟିପି ବାଧ୍ୟତାମୂଳକ ହେବ। ଯଦି ଡିଜିପିନ୍ ଭବିଷ୍ୟତରେ ଆଧାର ଓ ପ୍ୟାନ ଭଳି ବ୍ୟାଙ୍କିଂ, ଜମିଜମା ପଞ୍ଜୀକରଣ, ବିଦ୍ୟୁତ୍ ସେବା, ରେଳ ଟିକେଟ ବୁକିଂ କିମ୍ବା ସରକାରୀ ଯୋଜନା ଦେବାରେ ଆବଶ୍ୟକ କରାଯିବ, ତେବେ ଏହା ଲୋକଙ୍କ ପାଇଁ ଅଧିକ ବିପଦ ଓ ଅନେକ ଜଟିଳ ସମସ୍ୟା ସୃଷ୍ଟି କରିବ। ଯେଉଁ ବ୍ୟବସ୍ଥାକୁ ଲୋକଙ୍କର ସୁବିଧା ପାଇଁ ପ୍ରସ୍ତୁତ କରାଯାଉଛି, ତାହା ଶେଷରେ ଏକ ଅନିଚ୍ଛାକୃତ ଆବଶ୍ୟକତା ହୋଇ କେବଳ ଏକ ପ୍ରସାଶନିକ ବୋଝ ହିସାବରେ ଜନସାଧାରଣଙ୍କ ପାଇଁ ଦୁର୍ବିସହ ହୋଇପଡ଼ିବ।

ପ୍ରକୃତ ବିପଦ କେବଳ ଡିଜିପିନ୍ କ'ଣ କରିବ ସେଥିରେ ନାହିଁ, ବରଂ ଏହା ଯାହା ସୂଚିତ କରେ ସେଥିରେ ଅଛି। ଆଇନଗତ ସୁରକ୍ଷା ଓ ସ୍ୱଚ୍ଛତା ନଥାଇ ନାଗରିକଙ୍କ ବିନା ପରାମର୍ଶରେ ସେମାନଙ୍କର ବ୍ୟକ୍ତିଗତ ତଥ୍ୟକୁ ନେଇ ସରକାରଙ୍କର ଏହା ଏକ କ୍ରମବର୍ଦ୍ଧିଷ୍ଣୁ ସମ୍ବେଦନଶୀଳ ଡିଜିଟାଲ ହସ୍ତକ୍ଷେପ। ନିହାତି ଭାବରେ ଏହା ଏକ ଏକତରଫା ଶୀର୍ଷସ୍ତରୀୟ ନୀତି ନିର୍ମାଣ ପ୍ରଣାଳୀକୁ ପ୍ରତିବିମ୍ବିତ କରେ, ଯାହା ଗ୍ରାମାଞ୍ଚଳରେ ରହୁଥିବା ଅଶିକ୍ଷିତ, ଗରିବ ତଥା ଡିଜିଟାଲ ଉପକରଣର ବ୍ୟବହାର ଜାଣି ନଥିବା ଜନସାଧାରଣଙ୍କୁ କିଭଳି ପ୍ରଭାବିତ କରିବ ବୁଝିବା ପୂର୍ବରୁ ସେମାନଙ୍କ ଉପରେ ଜୋରଜବରଦସ୍ତି ଲଦି ଦିଆଯାଉଛି। ଅନେକ ନାଗରିକଙ୍କ ପାଇଁ, ବିଶେଷକରି ଯେଉଁମାନେ ଆଧାର ନିବନ୍ଧନ ବିଳମ୍ବ, ବ୍ୟାଙ୍କ ସଂଯୋଜନ ବା ଡିଜିଟାଲ୍ ସୁଦୃଢ଼ୀକରଣର ବିଫଳତା ଦ୍ୱାରା ପୂର୍ବରୁ ହତାଶ ହୋଇଛନ୍ତି, ସେମାନଙ୍କ ପାଇଁ ଡିଜିପିନ୍ ଏକ ସଶକ୍ତୀକରଣର ଉପକରଣ ନୁହେଁ। ଆଶୀର୍ବାଦ ନୁହେଁ, ବରଂ ଏହା ଗୋଟିଏ ସମ୍ଭାବ୍ୟ ଆପଦ, ଏକ ଅତ୍ୟଧିକ ହସ୍ତକ୍ଷେପକାରୀ ଡିଜିଟାଲ୍ ଫାଶ।

ଏଠି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବର୍ତ୍ତମାନର ପିନ୍‌କୋଡ୍ ପ୍ରଣାଳୀ ଦ୍ୱାରା ଭାରତୀୟ ଡାକ ବିଭାଗ ଡାକ ପ୍ରେରଣ ଓ ବଣ୍ଟନ, ସ୍ଥାନ ପରିଚୟ ଓ ପ୍ରଶାସନିକ ବିଭାଜନ ପାଇଁ ପର୍ଯ୍ୟାପ୍ତ ଭାବେ ସୁରୁଖୁରୁରେ କାମ କରୁଥିବା ବେଳେ ଭାରତକୁ ଏକ ଅସୁରକ୍ଷିତ ଡିଜିପିନ୍ ବ୍ୟବସ୍ଥାର ଆବଶ୍ୟକତା ଅଛି କି? ଜର୍ମାନୀ, ଫ୍ରାନ୍ସ ଓ ଜାପାନ ଭଳି ବିକାଶଶୀଳ ଦେଶଗୁଡ଼ିକର ଡାକ ବିଭାଗ ଅତ୍ୟଧିକ ସୂକ୍ଷ୍ମ ଜିଓକୋଡିଂ ଯୋଗ କରି ନୁହେଁ, ବରଂ ତାଙ୍କର ପ୍ରଚଳିତ କୋଡ୍ ବ୍ୟବସ୍ଥା ମଧ୍ୟରେ ଜନସାଧାରଣଙ୍କୁ ସୁରକ୍ଷିତ ଡାକସେବା ପ୍ରଦାନ କରୁଛନ୍ତି। ଭାରତୀୟ ଡାକ, ଯାହା ୧.୬୫ ଲକ୍ଷରୁ ଅଧିକ ଡାକଘର ସହିତ ବିଶ୍ୱର ସବୁଠୁ ବଡ଼ ଡାକ ବ୍ୟବସ୍ଥା, ତା'ର ଅନେକ ନିଜସ୍ୱ ସମସ୍ୟା ସମାଧାନ ଅପେକ୍ଷାରେ ଅଟକି ରହିଛି। ଏଭଳି ପରୀକ୍ଷାନିରୀକ୍ଷାରୁ ବିରତ ରହି ସାମ୍ପ୍ରତିକ ତଥା ମୌଳିକ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଡାକ ବିଭାଗକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ଚିଠି ପ୍ରେରଣରେ ବିଳମ୍ବ, ଡାକଘରଗୁଡ଼ିକରେ ବିଶେଷକରି ଗ୍ରାମାଞ୍ଚଳରେ ଉତ୍ତମ ନେଟୱାର୍କ ଓ ଡିଜିଟାଲ୍ ଢାଞ୍ଚାର ଅଭାବ, ଗ୍ରାହକ ଅଭିଯୋଗ ଶୁଣାଣିରେ ଅବ୍ୟବସ୍ଥା ଭଳି ସମସ୍ୟାଗୁଡ଼ିକର ସମାଧାନ ଦିଗରେ ତୁରନ୍ତ ଧ୍ୟାନ ଦେଇ କର୍ମଚାରୀଙ୍କୁ ସଠିକ୍ ପ୍ରଶିକ୍ଷଣ ଦେବା, ବିତରଣ ବ୍ୟବସ୍ଥାରେ ଉନ୍ନତି ଆଣିବା, ଗ୍ରାମୀଣ ବ୍ୟାଙ୍କିଂକୁ ବିସ୍ତାର କରି ଡାକଘର ଠକେଇକୁ ରୋକିବା, ଭଡ଼ା ଓ ଭଙ୍ଗା ଦଦରା ଘରେ ତଥା ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ଚାଲୁଥିବା ଡାକଘରଗୁଡ଼ିକର ଉନ୍ନତିକରଣ ପାଇଁ ଉଚିତ୍ ପଦକ୍ଷେପ ନେଲେ ନାଗରିକମାନେ ଅଧିକ ଭଲ ସେବା ପାଇପାରିବେ। ଏକ ଅବାଞ୍ଛିତ ଡିଜିଟାଲ୍ ଯୋଜନା ଆଣିବା ପରିବର୍ତ୍ତେ ଏପରି ପଦକ୍ଷେପ ଲୋକମାନଙ୍କର ଭରସାକୁ ମଜଭୁତ କରିପାରିବ ଏବଂ ଏହି ପ୍ରତିଷ୍ଠାନର ଐତିହ୍ୟକୁ ପୁନର୍ଜୀବନ ଦେଇପାରିବ।

ଭାରତ ଏକ ସଙ୍କଟମୟ ସ୍ଥିତିରେ ଅଛି, ଯେଉଁଠାରେ ପ୍ରଯୁକ୍ତିଗତ ନବୋନ୍ମେଷ ଓ ନୈତିକ ଶାସନ ହାତକୁ ହାତ ମିଳେଇ ଚାଲିବା ଦରକାର। ସମସ୍ତ ଡିଜିଟାଲ୍ ନବୋନ୍ମେଷ ପ୍ରଗତି ନୁହେଁ। କେବେ କେବେ ସଂଯମ ଓ ସାବଧାନତା ହିଁ ସଠିକ୍ ପଥ ବୋଲି ବିଚାର କରାଯାଏ। ସାମ୍ପ୍ରତିକ ସମୟରେ ଡିଜିପିନ୍ ଭରସାଯୋଗ୍ୟ ନହୋଇ ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରିବାର ଆଗୁଆ ସୂଚନା ପ୍ରଦାନ କରୁଛି। ଯଦି ଶାସନର ଲକ୍ଷ୍ୟ ସୁରକ୍ଷା ଓ ସଶକ୍ତୀକରଣ, ତେବେ ଏହି ଡିଜିଟାଲ୍ ପ୍ରଣାଳୀର ପୁନର୍ବିଚାର ହେବା ଉଚିତ୍।

ଭୁବନେଶ୍ୱର, ମୋ: ୯୪୩୭୦୨୨୬୬୯

## ଧର୍ମ ବ୍ୟକ୍ତିଗତ ବ୍ୟାପାର ହେଉ

ନିରାକାର ଦାସ

ଦିନ ଥିଲା ମାନବ ସମାଜର ଏକ ଅବଲମ୍ବନ ଥିଲା ଧର୍ମ। ସମାଜ କଲ୍ୟାଣ ପାଇଁ ଓ ମାନବ ଜାତିର ଜୀବନଚର୍ଯ୍ୟାରେ ଶୃଙ୍ଖଳା ଓ ବ୍ୟବସ୍ଥିତତା ଆଣିବା ପାଇଁ ସୃଷ୍ଟି ହୋଇଥିଲା ଧର୍ମ। ଆମ ମୁନି, ଋଷି, ମହର୍ଷି, ସନ୍ୟାସୀମାନେ ଏକ ଶୃଙ୍ଖଳିତ ଓ ଉନ୍ନତ ସମାଜ ବ୍ୟବସ୍ଥା ଗଠନ ନିମନ୍ତେ ନୀତି, ନିୟମ ଓ ଅନୁଶାସନ ସୃଷ୍ଟି କରୁଥିଲେ। ସଭ୍ୟତା ଓ ମାନବ ସଂସ୍କୃତି ଆଗକୁ ବଢ଼ିବା ସହ ସୃଷ୍ଟ ବହୁ ନୀତି, ନିୟମ ପୁରୁଣା ବା ଅକାମୀ ହୋଇଗଲେ ଆମେ ପୁନଶ୍ଚ ସେହି ରଢ଼ିବାଦୀ ପରମ୍ପରାକୁ ଭାଙ୍ଗି ନୂତନ ନୀତି, ନିୟମ ଓ ସଂସ୍କାର ଯୋଡୁ ଏବଂ ଏହି ଯୋଡ଼ିଥିବା ଅସାଧାରଣ ମଣିଷ ଦିନେ ମହାମାନବରେ ପରିଣତ ହୁଅନ୍ତି। ସମୟକ୍ରମେ ବହୁ ଧର୍ମାଚରଣ ପରମ୍ପରାରେ ପରିଣତ ହୋଇଯାଏ ଏବଂ ଏହା ମାନବ ସମାଜକୁ କଷ୍ଟଦିଏ, ଯାହାର ପରିବର୍ତ୍ତନ ପାଇଁ ସ୍ୱର ଉଠେ ଏବଂ ତାହାର ପୁନଃ ପରିବର୍ତ୍ତନ ହୁଏ। ଏହି ପରିବବର୍ତ୍ତନ ହେଉଛି ବୈଜ୍ଞାନିକ ସତ୍ୟ।

ଧର୍ମ ବା ଆଧ୍ୟାତ୍ମିକ ଚେତନା ଉତ୍‌ଥାନ ଓ ପତନ ଦେଇ ଆଗକୁ ଆଗକୁ ବଢ଼ିଛି। ଆଧ୍ୟାତ୍ମିକ ଗୁରୁମାନେ ଧର୍ମାନ୍ଧତାରୁ ମାନବ ସମାଜକୁ ମୁକ୍ତି ପାଇଁ ବହୁ ସଂସ୍କାର ଆଣିଛନ୍ତି। ଆଧ୍ୟାତ୍ମିକତାର ଉତ୍ତରଣ ବହୁ ଘାତ-ସଂଘାତ ମଧ୍ୟ ଦେଇ କ୍ରମାନ୍ୱୟରେ ଆସିଛି। କିନ୍ତୁ ଏବେ ଆମେ ଏମିତି ଏକ ଆଧ୍ୟାତ୍ମିକ, ଧର୍ମୀୟ ଓ ସାଂସ୍କୃତିକ ସଙ୍କଟରେ ଉପନୀତ ହୋଇଯାଇଛୁ, ଯେଉଁଠି ଧର୍ମର ଉପସ୍ଥିତି ହିଁ ମାନବଜାତି ପାଇଁ ଅସହ୍ୟ ଅନୁଭବ ହେଉଛି। ଧର୍ମୀୟ ମୂଲ୍ୟବୋଧ ପରିବର୍ତ୍ତେ ଧର୍ମାନ୍ଧତା ବିଶାଳ ରୂପ ଧାରଣ କରି ବିଶ୍ୱମାନବ ପ୍ରଜାତିକୁ ଧ୍ୱଂସ ଆଡ଼କୁ ଟାଣି ନେଉଛି। ସେଥିପାଇଁ କୁହାଯାଇଛି - 'ଧର୍ମ ଯୋ ବାଧତେ ଧର୍ମଃ, ନ ସ ଧର୍ମଃ, କୁଧର୍ମ ତତ୍, ଅବିରୋଧୀ ତୁ ଯୋ ଧର୍ମଃ, ସ ଧର୍ମଃ ସତ୍ୟବିକ୍ରମଃ (ଯେଉଁ ଧର୍ମ ଅନ୍ୟ ଧର୍ମକୁ ବାଧା ଦିଏ, ସେ ଧର୍ମ ନୁହେଁ, ତାହାକୁ କୁଧର୍ମ ବୋଲାଯାଏ। ନିର୍ବିବାଦୀୟ ଧର୍ମ ହିଁ ପ୍ରକୃତ ସତ୍ୟନିଷ୍ଠ ଧର୍ମ)।' ଆଜି ସାରା ବିଶ୍ୱରେ ଯେତେ ଯୁଦ୍ଧ ହେଉଛି ବା ହୋଇଛି ସେଥିରୁ ଅଧିକାଂଶ ଧର୍ମ ଏବଂ ଧର୍ମ ମଧ୍ୟରେ ହିଂସା, ପ୍ରତିହିଂସା ଉପରେ ପର୍ଯ୍ୟବସିତ। ଆମ ଦେଶରେ 'ସର୍ବ ଧର୍ମ ସମନ୍ୱୟ' ନିମନ୍ତେ ଯେତେ ଚେଷ୍ଟାକଲେ ବି ଧର୍ମାନ୍ଧମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ଧର୍ମାନ୍ଧତାକୁ ରାଜନେତାମାନେ ଖୁବ୍ ସନ୍ତର୍ପଣରେ ଓ ପ୍ରାୟୋଜିତ ଭାବେ ଉତ୍ସାହିତ କରୁଛନ୍ତି କ୍ଷମତା ଦଖଲ ପାଇଁ, ଯାହା ସର୍ବାଦୌ ଅନୁଚିତ୍। ଏଠାରେ ସଆଦତ୍ ହସନ ମଂଟୋଙ୍କ ଉକ୍ତିକୁ ଉଲ୍ଲେଖ କରାଯାଇପାରେ - 'ଧର୍ମ ଯେତେବେଳେ ହୃଦୟରୁ ବାହାରି ମୁଣ୍ଡକୁ ଚଢ଼ିଯାଏ, ସେତେବେଳେ ତାହା ବିଷ ପାଲଟିଯାଏ।'

୧୯୩୯ ରେ ମୁମ୍ବାଇରେ ଫରୱାର୍ଡ ବ୍ଲକ ସମ୍ମିଳନୀରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ- 'ଧର୍ମକୁ ରାଜନୀତିଠାରୁ ସମ୍ପୂର୍ଣ୍ଣ ଭାବେ ଦୂରରେ ରଖାଯିବା ଉଚିତ୍। ଧର୍ମ ଜଣେ ବ୍ୟକ୍ତିର ବ୍ୟକ୍ତିଗତ ବିଷୟ ହେବା ଉଚିତ୍। ଜଣେ ମଣିଷ ହିସାବରେ ସେ ଚାହୁଁଥିବା ଯେକୌଣସି ଧର୍ମକୁ ମାନିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ଜଣେ ବ୍ୟକ୍ତିର ରହିବା ଉଚିତ୍। ମାତ୍ର ରାଜନୀତି ଧର୍ମ କିମ୍ବା ଅନ୍ୟ କୌଣସି ଅତିପ୍ରାକୃତିକ ଧାରଣା ଦ୍ୱାରା ପରିଚାଳିତ ହେବା ଉଚିତ୍ ନୁହେଁ।' ଦେଶ ସ୍ୱାଧୀନ ହେବାର ୪୮ ବର୍ଷ ପରେ ସମ୍ବିଧାନର ୪୨ ତମ ସଂଶୋଧନରେ ଧର୍ମନିରପେକ୍ଷ ଶବ୍ଦକୁ ସମ୍ବିଧାନର ପ୍ରସ୍ତାବନାରେ ଯୋଡ଼ାଗଲା। ଏହି ୪୮ ବର୍ଷ ଭିତରେ ଧର୍ମାନ୍ତରୀକରଣ ବଢ଼ିଚାଲିଲା। ଦେଶ ସ୍ୱାଧୀନ ହେବା ପୂର୍ବରୁ ମଧ୍ୟ ଧର୍ମାନ୍ତରୀକରଣ ବହୁ ପରିମାଣରେ ଚାଲିଥିଲା। ଆମ ଦେଶରେ ଅଶିକ୍ଷା, ଅଜ୍ଞାନତା ଓ ଦାରିଦ୍ର୍ୟତାର ସୁଯୋଗ ନେଇ ଶିକ୍ଷାର ପ୍ରସାର କରିବାକୁ ଯାଇ ମିଶନାରୀମାନେ ବହୁଳଭାବେ ଧର୍ମାନ୍ତରୀକରଣ କରାଇଲେ, ଯାହାର ଉଲ୍ଲେଖ ୧୯୫୪ ମସିହା ଏପ୍ରିଲ ୧୬ ତାରିଖରେ ମଧ୍ୟପ୍ରଦେଶ ସରକାର ବସେଇଥିବା ନିୟୋଗୀ କମିଟି (ନାଗପୁର ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଡଃ ଭବାନୀ ଶଙ୍କର ନିୟୋଗୀ ଥିଲେ ଏହି କମିଟିର ଅଧ୍ୟକ୍ଷ) ରିପୋର୍ଟରେ ପୁଙ୍ଖାନୁପୁଙ୍ଖ ଉଲ୍ଲେଖ ରହିଛି। ଧର୍ମର ତ୍ରୁଟିପୂର୍ଣ୍ଣ ବାଖ୍ୟା, ରାଜନୀତି, ଶିକ୍ଷାନୁଷ୍ଠାନ ଓ ପ୍ରଶାସନରେ ଧର୍ମର ଅନୁପ୍ରବେଶ ହିଁ ଆଜି ଭାରତବର୍ଷ ପରି ଏକ ପବିତ୍ର, ଶାନ୍ତ, ସ୍ନିଗ୍ଧ ଓ ମାନବିକ ମୂଲ୍ୟବୋଧର ରୂପକାର ଦେଶ ଧର୍ମାନ୍ଧତାର କାଠଗଡ଼ାରେ ଠିଆ ହୋଇଛି।

୧୯୬୭/୬୮ ମସିହାରେ ଓଡ଼ିଶା ଓ ମଧ୍ୟପ୍ରଦେଶ ସରକାର ଦେଶରେ ପ୍ରଥମ ଥର ପାଇଁ 'ଫ୍ରିଡମ୍ ଅଫ୍ ରିଲିଜିଅନ୍ ଆକ୍ଟ' ପ୍ରଣୟନ କରିଥିଲେ, ଯେଉଁଥିରେ ବାଧ୍ୟବାଧକତା, ତଞ୍ଚକତା କିମ୍ବା ଲୋଭ ଦେଖାଇ ଧର୍ମାନ୍ତରୀକରଣ କରିବା ଏକ ଅପରାଧ ବୋଲି ଅଭିହିତ କରାଗଲା। ଏହି ଆଇନ୍ ଦ୍ୱାରା ଧର୍ମାନ୍ତରୀକରଣ ବନ୍ଦ ହୋଇପାରିଥା'ନ୍ତା। କିନ୍ତୁ ତାହା ନାଲିଫିତା ଫାଇଲ୍ ତଳେ ରହିଯିବାରୁ ପରିଣାମ ଆଜି ଆମକୁ ଭୋଗିବାକୁ ପଡୁଛି। ବହୁ ପ୍ରଗତିଶୀଳ ଓ ଉନ୍ନତ ରାଷ୍ଟ୍ରଗୁଡ଼ିକରେ ଧର୍ମକୁ ରାଷ୍ଟ୍ରଠାରୁ ଅଲଗା ରଖାଯାଇଛି। କିନ୍ତୁ ଆମେ ଧର୍ମୀୟ କାର୍ଯ୍ୟକଳାପ, ଧର୍ମର ପ୍ରଚାର, ପ୍ରସାର ନିମନ୍ତେ ସବୁ ଧର୍ମକୁ ପ୍ରୋତ୍ସାହନ ଦେଇଚାଲିଛୁ। ଯାହାଦ୍ୱାରା ସବୁ ଧର୍ମ ଓ ସମ୍ପ୍ରଦାୟ ନିଜ ନିଜର ସାମାଜିକ ପ୍ରତିପତ୍ତି ବଢ଼େଇବାକୁ ଉଦ୍ୟମରତ। କିଏ ପାରମ୍ପାରିକ ତ କିଏ ରଢ଼ିବାଦୀ ତ କିଏ ଉଦାରବାଦୀ। ଯାହା ଫଳରେ ଧର୍ମ ଓ ସମ୍ପ୍ରଦାୟିକ ଉତ୍ତେଜନା ବଢୁଛି।

ଏହି ସଙ୍କଟରୁ ବଞ୍ଚିବା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନିମନ୍ତେ ଧର୍ମ ମଣିଷର ବ୍ୟକ୍ତିଗତ ବ୍ୟାପାର ହେଉ। ନିଜ ନିଜ ଧର୍ମ ଓ ଆଚରଣ ନିଜର ଘର, ପରିସର ଏବଂ ଧର୍ମାନୁଷ୍ଠାନ ପରିସର ମଧ୍ୟରେ ସୀମିତ ରହିବା ଜରୁରୀ। ଶିକ୍ଷାନୁଷ୍ଠାନ, ରାଜନୈତିକ କାର୍ଯ୍ୟକଳାପ, ପ୍ରଶାସନ, ବିଧି ଓ ବୈଧାନିକ ବ୍ୟବସ୍ଥା ମଧ୍ୟରେ ଧର୍ମ ଓ ସମ୍ପ୍ରଦାୟର ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ ହେଉ। ଡାକବାଜି ଯନ୍ତ୍ରର ବ୍ୟବହାର ସୀମିତ ପରିସରରେ ବ୍ୟବହୃତ ହେବା ସହ ଧର୍ମୀୟ ଶୋଭାଯାତ୍ରା ଓ ଧର୍ମୀୟ ସମାବେଶ ଇତ୍ୟାଦିକୁ ରାଷ୍ଟ୍ର ନିରୁତ୍ସାହିତ କରିବା ବିଧେୟ। ବିଶେଷ କରି ଶିକ୍ଷା କ୍ଷେତ୍ରରୁ ଧର୍ମ ଓ ଧର୍ମୀୟ ଚିନ୍ତା ଚେତନାକୁ ସମ୍ପୂର୍ଣ୍ଣ ମୁକ୍ତ ରଖାଯାଇ ପାରିଲେ ଏକ ସୁସ୍ଥ ସମାଜ ଗଠନ ହେବ।

ଭୁବନେଶ୍ୱର, ମୋ: ୯୪୩୭୦୩୧୩୧୯

## ଆମ ବୃକ୍ଷଲତା ଆମ ଜୀବନ

### ବିଛୁଆତି

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ବିଛୁଆତି ଭାରତର ପୂର୍ବଘାଟ ପର୍ବତମାଳାରେ ଏବଂ ଶ୍ରୀଲଙ୍କା, ଚୀନ୍, ମିଆଁମାର ଆଦି ପଡ଼ୋଶୀ ଦେଶଗୁଡ଼ିକରେ ପ୍ରାକୃତିକ ଭାବରେ ଦେଖାଯାଏ। ଏହା ଉଷ୍ମମଣ୍ଡଳୀୟ ଏବଂ ଉପ ଉଷ୍ମ ମଣ୍ଡଳୀୟ ଅଞ୍ଚଳରେ ଭଲ ବଢ଼େ ଏବଂ ନିକଟବର୍ତ୍ତୀ ବୃକ୍ଷଲତା ଉପରେ ମାଡ଼ିଥାଏ। ଏହା ଏକ ଜ୍ୱଳନ ଉଦ୍ଭିଦ ଭାବରେ ଲୋକପ୍ରିୟ। ଏହା ମଧ୍ୟ ବହୁବର୍ଷୀୟ ଦୁର୍ବଳ କାଣ୍ଡ ବିଶିଷ୍ଟ ଉଦ୍ଭିଦ, ଯାହାର ସାରା ଶରୀରରେ କେଶ ରହିଥାଏ। ଏହାକୁ ଇଂରାଜୀରେ ଇଣ୍ଡିଆନ୍ ଷ୍ଟିଙ୍ଗିଂ ନେଟଲ୍ କିମ୍ବା କ୍ଲାଇମ୍ବିଂ ନେଟଲ୍ କୁହାଯାଏ। କାରଣ ଏହାର ସଂସ୍ପର୍ଶରେ ଆସିଲେ ଚର୍ମରେ ଜଳା ପୋଡ଼ା ଓ କୁଣ୍ଡାଇ ହୁଏ। ଏହାର ପତ୍ରଗୁଡ଼ିକ ୬-୧୦ ସେମି ଲମ୍ବା, ୩-୫ ସେମି ଓସାରିଆ, ସରଳ, ଦନ୍ତୁରିତ ଧାର, ଡିମ୍ବାକାର। ଫୁଲଗୁଡ଼ିକ ପୁଷ୍ପୋଦ୍ଗମରେ ଡାଳର ଅଗ୍ର ଭାଗରେ ସଜ୍ଜିତ ଥାଏ। ସେଗୁଡ଼ିକ ଆକାରରେ ବହୁତ ଛୋଟ, ମୋନୋସିୟସ୍ ବା ଲିଙ୍ଗ ଭେଦରେ ପୃଥକ୍। ବିହନଗୁଡ଼ିକ ଗୋଲାକାର, ଧୂସର ମାଟିଆ, ମସୃଣ ଓ ହାଲୁକା ରଙ୍ଗର। ଫୁଲ ଫୁଟିବାର ସମୟ ହେଉଛି ଫେବୃଆରୀ, ମାର୍ଚ୍ଚ, ଜୁନ୍। ଫଳ ବର୍ଷସାରା ହୋଇଥାଏ।

ବିଛୁଆତିକୁ ଆୟୁର୍ବେଦ ଓ ଆଧୁନିକ ଏଲପାଥିକ ଔଷଧ ପ୍ରୟୋଗରେ ବହୁଳ ଭାବରେ ବ୍ୟବହାର କରାଯାଏ। ଓଡ଼ିଶାର ଆଦିବାସୀ ଲୋକମାନେ ଏହାର ମୂଳ ଓ ପତ୍ରକୁ ଶୁଖିଲା କାଶ ପାଇଁ ବ୍ୟବହାର କରନ୍ତି। ତାମିଲନାଡୁର କରନ୍ଦମାଲାଇର ଲୋକମାନେ କୋଷ୍ଠକାଠିନ୍ୟ ଦୂର କରିବା ପାଇଁ ଏହାର ମୂଳକୁ ବ୍ୟବହାର କରନ୍ତି। ପଶ୍ଚିମବଙ୍ଗରେ ବିଛା ଦଂଶନର ଚିକିତ୍ସା ପାଇଁ ମୂଳରୁ ତିଆରି ପେଷ୍ଟ ବ୍ୟବହାର କରାଯାଏ। କେଶ ଝଡ଼ିବା ରୋକିବା ପାଇଁ ଏହାର ମଞ୍ଜିରୁ ତିଆରି ପେଷ୍ଟ ମୁଣ୍ଡରେ ଲଗାଯାଇପାରେ। ଏହି ପେଷ୍ଟକୁ ଆଲୋପେସିଆ ଚିକିତ୍ସାରେ ମଧ୍ୟ ବ୍ୟବହାର କରାଯାଏ। ଉତ୍ତର-ପୂର୍ବ ଭାରତ ଏବଂ ଦକ୍ଷିଣ-ଏସୀୟ ଦେଶଗୁଡ଼ିକର ଲୋକମାନେ ଶତାବ୍ଦୀ ଧରି ମଧୁମେହ ଚିକିତ୍ସା ପାଇଁ ବିଛୁଆତିକୁ ବ୍ୟବହାର କରନ୍ତି। ଏହାକୁ ସ୍ତନ ଟ୍ୟୁମର ଚିକିତ୍ସା ପାଇଁ ମଧ୍ୟ ବ୍ୟବହାର କରାଯାଏ।

ଆୟୁର୍ବେଦର ତିନୋଟି ପ୍ରମୁଖ ଗ୍ରନ୍ଥ ଚରକ ସଂହିତା, ସୁଶ୍ରୁତ ସଂହିତା ଓ ଭାଗବତ୍ ସଂହିତାରେ ଏହା ବୃଷ୍‌ଚକାଳି ଭାବରେ ଉଲ୍ଲେଖିତ। ଚରକ ସଂହିତାରେ ଏହା ଅପସ୍ମାର ଚିକିତ୍ସା, ଶୁଶ୍ରୁତ ସଂହିତାରେ ଜ୍ୱର ଚିକିତ୍ସା ଏବଂ ଭାଗବତ୍/ଅଷ୍ଟାଙ୍ଗହୃଦ ସଂହିତାରେ ବିଦାର୍ୟାଦି ଗୃହର ଏକ ଉପାଦାନ ଭାବରେ ଉଲ୍ଲେଖ କରାଯାଇଛି, ଯାହା ଶ୍ୱାସକ୍ରିୟାର ଲକ୍ଷଣର ବିକାର ଉପଶମରେ ବ୍ୟବହୃତ ହୁଏ। ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍/ଆଣ୍ଟିମାଇକ୍ରୋବାୟଲ୍, ଡାଇବେଟିକ୍/ହାଇପୋଗ୍ଲାଇସେମିକ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ପ୍ରଦାହ-ପ୍ରତିରୋଧୀ, ଆଣ୍ଟିଫଙ୍ଗାଲ୍ ଭଳି ଅନେକ ଜୈବିକ କାର୍ଯ୍ୟକଳାପ ଅଛି। ଏହା ଫାଇଟୋକେମିକାଲ୍ସରେ ସମନ୍ୱିତ। ଏହା ମଧ୍ୟ ଆଲଜାଇମର ରୋଗ (ସ୍ମରଣ ଶକ୍ତି ହ୍ରାସ), କୋଏଡ୍-୧୯, ଆଣ୍ଟି-ଇନ୍‌ଫ୍ଲାମେଟୋରୀ, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିପାରାସାଇଟିକ୍, ଡାଇୟୁରେଟିକ୍, ଆଣ୍ଟି ଟ୍ୟୁମର, ହେପାଟୋପ୍ରୋଟେକ୍ଟିଭ୍ ପାଇଁ ବ୍ୟବହୃତ ହୁଏ। ବିଛୁଆତିରେ ପ୍ରଚୁର ପରିମାଣରେ ଆଲକାଲଏଡ୍, ଫେନୋଲ୍ସ, ଟେର୍ପେନୋଏଡ୍ସ, ଟାନିନ୍ ଫ୍ଲାଭୋନୋଏଡ୍ସ, ଷ୍ଟେରୋଲ୍ସ, ସାପୋନିନ୍ସ, ଗ୍ଲାଇକୋସାଇଡ୍ସ ଓ କ୍ୟାରିଓଫାଇଲିନ୍, ଇଥିଲିନ୍ ଗ୍ଲାଇକଲ୍ ମୋନୋ-ଟେର୍ଟ-ବ୍ୟୁଟାଇଲ୍ ଇଥର ଓ ଜେରାନିଲ୍ ଆସିଟୋନ୍ ଭଳି ଅତ୍ୟାବଶ୍ୟକ ତେଲ ରହିଛି। ଏଥିରେ ଥିବା କ୍ୟାଲସିୟମ୍ ଅକ୍ସାଲେଟ୍ ଓ ସେଲସୋଲ୍ ଜଳା ପୋଡା, କୁଣ୍ଡେଇ ହେବା ଭଳି ଦଂଶନକାରୀ ଗୁଣ ପାଇଁ ଦାୟୀ। ଏହା ହେଉଛି ନିଜର ପ୍ରାକୃତିକ ପ୍ରତିରକ୍ଷା ବ୍ୟବସ୍ଥା।

ଯେହେତୁ ଏହି ଗଛ ଏକ ଅନାବନା ଉଦ୍ଭିଦ, ଏହାର ଔଷଧୀୟ ମୂଲ୍ୟ ବିଷୟରେ ଜ୍ଞାନର ଅଭାବ ଯୋଗୁଁ ଏହାକୁ ବ୍ୟାପକ ଭାବରେ ନଷ୍ଟ କରିଦିଆଯାଉଛି ଅଜାଣତରେ। ତେଣୁ ଏହାର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବା ଆବଶ୍ୟକ। ବିଶେଷ ଭାବରେ ଭେଷଜ କମ୍ପାନୀମାନେ ଏବଂ ସଚେତନ ଜନସାଧାରଣ ଏହାର ରକ୍ଷଣାବେକ୍ଷଣ ଓ ଚାଷ ପାଇଁ ତତ୍ପରତା ପ୍ରକାଶ କରିବା ଉଚିତ୍। ସରକାରୀ ପ୍ରୋତ୍ସାହନର ଜରୁରୀ ଆବଶ୍ୟକତା ମଧ୍ୟ ଅନୁଭବ କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଇସ୍କନ ମୁଖ୍ୟଙ୍କୁ ପତ୍ର ଲେଖିଲେ ଗଜପତି ମହାରାଜା

ପୁରୀ,୧୫।୬(ସମିସ): ବାରମ୍ବାର ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅପମାନିତ କରୁଛି ଇସ୍କନ। ବିଧି, ପରମ୍ପରାକୁ ଭାଙ୍ଗି ଅଦିନିଆ ରଥଯାତ୍ରା କରୁଛି। ଏଭଳି ମନମାନି କରି କୋଟିକୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଖେଳୁଛି। ଏଭଳି ପରମ୍ପରା ବିରୋଧୀ କାମ ନକରିବା ପାଇଁ ପୂର୍ବରୁ ଅନେକଥର ଅବଗତ କରାଯାଇଥିଲେ ମଧ ନିଜ ଚରିତ୍ରରେ ସୁଧାର ଆଣୁନାହିଁ। ଏପରିକି ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜାଙ୍କ ଶାସ୍ତ୍ର ପୁରାଣ ପ୍ରାମାଣିକତାକୁ ବି ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରିନାହିଁ ଇସ୍କନ। ଏଭଳି ସ୍ଥିତିରେ ରବିବାର ପୁଣିଥରେ ଇସ୍କନ ମୁଖ୍ୟଙ୍କୁ ପତ୍ର ଲେଖିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ସମଗ୍ର ବିଶ୍ୱରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା, ରଥଯାତ୍ରା ଶାସ୍ତ୍ର ଅନୁମୋଦିତ ତିଥିରେ ପାଳନ ସମ୍ପର୍କରେ ପଦକ୍ଷେପ ନେବାକୁ ଇସ୍କନ ଗର୍ଭର୍ଣ୍ଣିଂ ବଡି କମିଶନର ଅଧକ୍ଷଙ୍କୁ ପତ୍ର ଲେଖିଛନ୍ତି।

ଗଜପତି ମହାରାଜା ନିଜ ପତ୍ର ରବିବାର (ଇ-ମେଲ୍ ମାଧ୍ୟମରେ) ଅତି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ ଭାରତ ବାହାରେ ବିଭିନ୍ନ ଦେଶର ଇସ୍କନ କେନ୍ଦ୍ର ତଥା ମନ୍ଦିରଗୁଡ଼ିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଏବଂ ରଥଯାତ୍ରା ଶାସ୍ତ୍ରରେ ଅନୁମୋଦିତ ନଥିବା

**ଶାସ୍ତ୍ର ଅନୁମୋଦିତ ତିଥିରେ ସ୍ନାନଯାତ୍ରା, ରଥଯାତ୍ରା ପାଳନ ପରାମର୍ଶ**

ତିଥିରେ ପାଳନ କରୁଥିବା ନଜରକୁ ଆସିଛି। ଏହା ସମ୍ପୂର୍ଣ୍ଣ ରୂପେ ଶାସ୍ତ୍ରବିରୋଧୀ କାର୍ଯ୍ୟ। ବିଭିନ୍ନ ଇସ୍କନ ମନ୍ଦିର ପକ୍ଷରୁ ଇଣ୍ଟରନେଟ୍‌ରେ ଏ ସମ୍ପର୍କରେ ଦିଆଯାଇଥିବା ଘୋଷଣାନାମାକୁ ମଧ ଚିଠି ସହିତ ସଂଲଗ୍ନ କରାଯାଇଛି। ଗଜପତି ମହାରାଜା ଲେଖିଛନ୍ତି ଯେ ଗତ ମାର୍ଚ୍ଚ ୨୦ରେ ଭୁବନେଶ୍ୱରଠାରେ ହୋଇଥିବା ଆଲୋଚନା ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକମାନେ ଦୃଢ଼ ଭାବେ ଇସ୍କନର ଯୁକ୍ତିକୁ ଖଣ୍ଡନ କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା କେବଳ ଜ୍ୟେଷ୍ଠ ପୂର୍ଣ୍ଣିମା ତିଥି (ଚଳିତ ବର୍ଷ ଜୁନ୍ ୧୧) ପାଳନ ହୋଇପାରିବ ଏବଂ ଆଷାଢ଼ ଶୁକ୍ଳ ଦ୍ୱିତୀୟା (ଏ ବର୍ଷ ଜୁନ୍ ୨୭)ଠାରୁ ଆଷାଢ଼ ଶୁକ୍ଳ ପକ୍ଷ ଦଶମୀ (ଏ ବର୍ଷ ଜୁଲାଇ ୫ ତାରିଖ) ପବିତ୍ର ନଅ ଦିନ ମଧ୍ୟରେ ହିଁ ରଥଯାତ୍ରା (ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ବାହୁଡ଼ା ଯାତ୍ରା) ପାଳନ କରାଯାଇପାରିବ ବୋଲି ସ୍ପଷ୍ଟ ଭାବେ କହିଥିଲେ। ମହାପ୍ରଭୁଙ୍କ ସବୁଠାରୁ ପବିତ୍ର ଏହି ଯାତ୍ରା ଅନ୍ୟ ତିଥି କିମ୍ବା ତାରିଖରେ ପାଳନ କରାଯିବା ଦ୍ୱାରା ଶାସ୍ତ୍ର ତଥା ପବିତ୍ର ଶ୍ରୀଜଗନ୍ନାଥ ପରମ୍ପରା ଉଲ୍ଲଂଘନ ହେବ। ଏନେଇ ଗବେଷକମାନଙ୍କ ବିସ୍ତୃତ ଶାସ୍ତ୍ରସମ୍ମତ ମତ ଖୁବ୍‌ଶୀଘ୍ର ଇସ୍କନକୁ ପଠାଯିବ।

## ୨୦ରେ ଖୋଲିବ ସ୍କୁଲ୍

ଭୁବନେଶ୍ୱର, ୧୫।୬ (ସମିସ): ପ୍ରାୟ ଦୁଇ ମାସର ଛୁଟି ପରେ ଆସନ୍ତା ୨୦ ତାରିଖରେ ଖୋଲିବ ସ୍କୁଲ୍। ଏଥିପାଇଁ ୧୯ ତାରିଖରେ ବିଦ୍ୟାଳୟ ପରିସର ସଫାସୁତୁରା କରାଯିବ। ସ୍କୁଲର ବୈଦ୍ୟୁତିକ ସରଞ୍ଜାମ ଓ ବିଦ୍ୟୁତ୍ ସଂଯୋଗ ଯାଞ୍ଚ କରାଯିବ। ପାଣି ଟାଙ୍କି ସଫା କରାଯିବ ଓ ପିଲାଙ୍କ ବସିବା ବେଞ୍ଚ୍ ଓ ଚେୟାରକୁ ପରିଷ୍କାର କରାଯିବ। ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ, ଡ଼ାଲି ଓ ଅନ୍ୟ ଖାଦ୍ୟ ପଦାର୍ଥର ଯାଞ୍ଚ ହେବ ଓ ୨୦ ତାରିଖଠାରୁ ପାଠପଢ଼ା ଚାଲିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଚଳିତବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବହୁ ପୂର୍ବରୁ ଖରାଛୁଟି ହୋଇଥିଲା। ମେ ୬ରୁ ଛୁଟି କରିବା ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲେ ମଧ ଖରା ପାଇଁ ଏପ୍ରିଲ୍ ୨୩ ତାରିଖରୁ ଖରାଛୁଟି ଘୋଷଣା କରିଥିଲେ ସରକାର। ଫଳରେ ପ୍ରାୟ ୧୩ ଦିନ ପାଠପଢ଼ା ବାଧାପ୍ରାପ୍ତ ହୋଇଥିଲା। ଆଗାମୀ ୨ ଦିନ ମଧ୍ୟରେ ରାଜ୍ୟରେ ମୌସୁମୀ ପୁନଃ ସକ୍ରିୟ ହେବାରୁ ଖରାଛୁଟି ବଢ଼ିବାର କୌଣସି ସମ୍ଭାବନା ନ ଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ

**ସଂଦିଗ୍ଧଙ୍କୁ ଉଦ୍ଧାର ବେଳେ ପୁଲିସ୍-ଗ୍ରାମବାସୀ ମୁହାଁମୁହିଁ; ୪ ଅଟକ**

ଡୁରୁମୁଙ୍ଗା, ୧୫।୬ (ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ଡଳଙ୍ଗମୁଣ୍ଡା ସାହି ପୋଖରୀରୁ ପୁଲିସ୍ ଆଜି ସନ୍ଦେହଜନକ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ, କଣ୍ଟିଆପଡ଼ା ଗ୍ରାମର ରୟା ବେହେରା(୫୪)। ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜଣେ କର୍ମଚାରୀ। ରୟାଙ୍କୁ ପିଟିପିଟି ହତ୍ୟା କରାଯାଇଛି ବୋଲି ତାଙ୍କ ପୁଅ ମନୋରଞ୍ଜନ ଅଭିଯୋଗ କରିବାରୁ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ୪ ଜଣଙ୍କୁ ଅଟକ ରଖିଛି। ଏହାସହ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଧିକ ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ରଜ ଛୁଟି ଅବସରରେ ରୟା ଗାଁକୁ ଆସିଥିଲେ। ଶନିବାର ରାତିରେ ସେ ପ୍ରଫୁଲ୍ଲ ମୁଣ୍ଡାଙ୍କ ଘରକୁ ଦେଶୀ ମହୁଲି ପିଇବାକୁ ଯାଇଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ତେବେ ଆଜି ସକାଳେ ତାଙ୍କ ଶବ ପୋଖରୀରେ ଭାସୁଥିବା ଦେଖି କିଛି ସ୍ଥାନୀୟ ଲୋକ ପୁଲିସ୍‌କୁ ଖବର ଦେଇଥିଲେ। ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ଏକ ପ୍ଲାଟୁନ ପୁଲିସ ଫୋର୍ସ ଉପସ୍ଥିତିରେ ଅଗ୍ନିଶମ ବାହିନୀ ମୃତଦେହକୁ ପୋଖରୀରୁ ଉଦ୍ଧାର କରିଥିଲେ। ଅପରପକ୍ଷେ, ରୟାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଗ୍ରାମବାସୀ ପ୍ରଫୁଲ୍ଲ ମୁଣ୍ଡା, ନନ୍ଦ ମୁଣ୍ଡା ଓ ସରେନ ମୁଣ୍ଡାଙ୍କ ପରିବାରଲୋକଙ୍କୁ ଘର ଭିତରେ ବନ୍ଦ କରି ରଖିଥିଲେ। ପୁଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ପୁଲିସ୍-ଗ୍ରାମବାସୀ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଗ୍ରାମବାସୀ ପୁଲିସ୍‌କୁ ଗୋଡ଼ାଇବା ସହ ଅଟକ ବ୍ୟକ୍ତିଙ୍କୁ ମାଡ଼ ମାରିଥିଲେ। ଏହି ଘଟଣାରେ ପୁଲିସ ୪ ଜଣଙ୍କୁ ଉଦ୍ଧାର କରି ଥାନାକୁ ଆଣି ଘଟଣା ତଦନ୍ତ କରୁଛି।

# ରଥଯାତ୍ରା ଭିଡ଼ ନିୟନ୍ତ୍ରଣ କରିବ ଏଆଇ କ୍ୟାମେରା

ଭୁବନେଶ୍ୱର,୧୫।୬(ସମିସ): ଏଥର ରଥଯାତ୍ରାରେ ଲାଗିବ ଏଆଇ କ୍ୟାମେରା। ଭିଡ଼ ଏବଂ ସନ୍ଦିଗ୍ଧଙ୍କ ଉପରେ ନଜର ରଖିବ ଏଆଇ କ୍ୟାମେରା। ଭୁବନେଶ୍ୱର ଉତ୍ତରା ଛକରୁ ପୁରୀ ଏବଂ ପୁରୀରୁ କୋଣାର୍କ ଯାଏଁ ଖଞ୍ଜାଯିବ ଏଆଇ କ୍ୟାମେରା। ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲର୍ ବ୍ୟବସ୍ଥା ଜରିଆରେ ଭିଡ଼ ନିୟନ୍ତ୍ରଣ କରାଯିବ। ଏଥିସହିତ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ପୁରୀରେ ଡ୍ରୋନ୍ ଏବଂ ଆଣ୍ଟି ଡ୍ରୋନ୍ ବ୍ୟବସ୍ଥା କରାଯାଇଥିବା ପୁଲିସ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି।

■ ଭୁବନେଶ୍ୱର ଉତ୍ତରା ଛକରୁ ପୁରୀ ଯାଏଁ ଲାଗିବ
■ ଆପ୍ ମାଧ୍ୟମରେ ଭିଡ଼ ଦେଖିପାରିବେ ଭକ୍ତ

ରଥଯାତ୍ରା ସୁରକ୍ଷା ନେଇ ଶନିବାର ଅନୁଷ୍ଠିତ ବୈଠକର ନିଷ୍ପତ୍ତି ସଂପର୍କରେ ସୂଚନା ଦେଇ ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି, ପୁରୀରୁ କୋଣାର୍କ ଯାଏଁ ସମସ୍ତ ଗତିବିଧି ଉପରେ ନଜର ରଖିବ ଇଓ କ୍ୟାମେରା। ଏହି ସମସ୍ତ ସ୍ଥାନ ସିସିଟିଭି ସର୍ଭେଲାନ୍ସରେ ରହିବ ଓ ଯେଉଁ ସ୍ଥାନରେ ଗହଳି ଅଧିକ ହେବ ବା ଭିଡ଼ ହେଉଥିବ ସେସବୁ ସ୍ଥାନର ଭିଡିଓ ଉତ୍ତୋଳନ କରିବ ଏଆଇ କ୍ୟାମେରା। ଏହାଦ୍ୱାରା ସେଠାରେ ମୁତୟନ ଥିବା ପୁଲିସଙ୍କୁ ଭିଡ଼ ନିୟନ୍ତ୍ରଣ ପାଇଁ ପଠାଯାଇ ପାରିବ। ଡ୍ରୋନ୍ ଏବଂ ଆଣ୍ଟି ଡ୍ରୋନ୍ ଦୁଇଟି ଯାକ ପୁରୀରେ ନିୟୋଜିତ କରାଯାଇଛି। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣର ଜବାବ ଦେବାକୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଓଡ଼ିଶା ପୁଲିସର ସ୍ୱତନ୍ତ୍ର ବୁଲେଟପ୍ରୁଫ୍ ରକ୍ଷକ ଏଥିରେ ସାମିଲ ହେବେ। ପୁରୀ ସହରରେ ପଇଁତରା ମାରିବାକୁ ରକ୍ଷକ ଓ ସେଣ୍ଟ୍ରାଲ ଏଜେନ୍ସି ଫୋର୍ସ ମୁତୟନ କରାଯାଇଛି।

ଏଥିସହିତ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଆପ୍ ପ୍ରସ୍ତୁତ କରାଯାଇଛି। ଯେଉଁଥିରେ ରଥଯାତ୍ରା ବେଳେ ପୁରୀକୁ ଯାଉଥିବା ସମସ୍ତ ଭକ୍ତ, ରାସ୍ତା ଉପରେ ଗତିବିଧି ସହ ଟ୍ରାଫିକ ସମସ୍ୟା ବାବଦରେ ଅବଗତ ହୋଇ ପାରିବେ। ଭିଡ଼ ଥିଲେ, ଶ୍ରଦ୍ଧାଳୁମାନେ କେମିତି ପୁରୀକୁ ଯିବେ ଏବଂ କେଉଁ ରାସ୍ତା ଦେଇ ଯିବାକୁ ପଡ଼ିବ ସେସବୁ ଏହି ଆପ୍ଲିକେସନରେ ପାଇ ପାରିବେ ଓ କେଉଁ ପାର୍କିଂରେ ଗାଡ଼ି ରଖିବେ ତାହା ମଧ ଜାଣି ପାରିବେ। ବୈଠକରେ ପୁଲିସ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଆନ୍ଦୋଳନରେ ବନ କର୍ମଚାରୀ ସାରା ରାଜ୍ୟରେ ପାଟ୍ରୋଲିଂ ବନ୍ଦ

ଭୁବନେଶ୍ୱର,୧୫।୬(ସମିସ): ସାରା ରାଜ୍ୟରେ ବନ କର୍ମଚାରୀଙ୍କ ଆନ୍ଦୋଳନ। ରାଜ୍ୟର ସମସ୍ତ ବନାଞ୍ଚଳରେ ଫରେଷ୍ଟଗାର୍ଡ, ଫରେଷ୍ଟର ଓ ଡେପୁଟି ରେଞ୍ଜରମାନେ ପ୍ରତୀକାତ୍ମକ ଅନଶନ ସ୍ୱରୂପ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ ଆରମ୍ଭ କରିଛନ୍ତି। ଫଳରେ ୧୫ତାରିଖଠାରୁ ସାରା ରାଜ୍ୟରେ ଜଙ୍ଗଲ ପାଟ୍ରୋଲିଂ ବନ୍ଦ ହୋଇଯାଇଛି। ଏହି ସମୟରେ ହାତୀ, ବାଘ ଓ ଅନ୍ୟ ବନ୍ୟଜନ୍ତୁମାନେ ଜନବସତିମୁହାଁ ହେଲେ ମଧ ବନ କର୍ମଚାରୀମାନେ ସେମାନଙ୍କୁ ଘଉଡ଼ାଇବା ପାଇଁ ଯିବେ ନାହିଁ ବୋଲି ଘୋଷଣା କରିଛନ୍ତି। ଫଳରେ ବନ ବିଭାଗର କ୍ଷେତ୍ର ସ୍ତରରେ ବର୍ତ୍ତମାନ ଅଚଳାବସ୍ଥା ସ୍ଥିତି ସୃଷ୍ଟି ହୋଇଛି। ବଡ଼ କଥା ହେଉଛି ଯେ ୨୨ ତାରିଖ ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଚାଲିବା ସହ ଯଦି ଏହି ସମୟ ମଧ୍ୟରେ ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ ନ କରନ୍ତି, ତେବେ ୨୨ରୁ ସମୂହ ଛୁଟିରେ ଯିବାକୁ ବନ କର୍ମଚାରୀମାନେ ନିଷ୍ପତ୍ତି ନେଇଛନ୍ତି।

ସୂଚନାଅନୁଯାୟୀ, ହିନ୍ଦୋଳ ରେଞ୍ଜ ରାଜମୋହନପୁର ଜଙ୍ଗଲରେ ପାଟ୍ରୋଲିଂ କରୁଥିବା ବେଳେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ପ୍ରହଲ୍ଲାଦ ପ୍ରଧାନଙ୍କୁ ଶିକାରୀମାନେ ଗୁଳି କରି ହତ୍ୟା କରିଥିଲେ। ଏହା ପୂର୍ବରୁ ମଧ ଶିକାରୀଙ୍କ ଗୁଳିରେ ବହୁ ବନକର୍ମଚାରୀ ପ୍ରାଣ ହରାଇଛନ୍ତି। ଏହାକୁ ନେଇ ଗତ ମେ' ୨୫ ତାରିଖରେ ଓଡ଼ିଶା ଅଣ-ଗେଜେଟେଡ୍ ବନସେବା ସଂଘର ଏକ ଜରୁରୀକାଳୀନ ବୈଠକ ବସିଥିଲା। ବୈଠକରେ ବନ କର୍ମଚାରୀଙ୍କ ହତ୍ୟା ଘଟଣାକୁ ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର କରିବା ସହ ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କା ପ୍ରଦାନ ନେଇ ବ୍ୟବସ୍ଥା କରିବାକୁ ଦାବି ହୋଇଥିଲା। ଏହା ସହ ରାଜ୍ୟ ସରକାର ଏକ "ଫରେଷ୍ଟ କମିଶନ' ଗଠନ କରି ଓଡ଼ିଶା ବନ ବିଭାଗରେ ସଂରଚନା-ପୁନର୍ଗଠନ, ସୁରକ୍ଷା ବ୍ୟବସ୍ଥା, କ୍ୟାଡର ପରିମାର୍ଜନ, ନିଯୁକ୍ତି ପ୍ରକ୍ରିୟା ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ସମ୍ବନ୍ଧରେ ବିଚାର କରି, ସରକାରଙ୍କୁ ଦୁଇମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏହା ବ୍ୟତୀତ ସମସ୍ତ ବନ/କ୍ଷେତ୍ର ଅଧିକାରୀଙ୍କୁ ଜାତୀୟ ବ୍ୟାଙ୍କ ଜରିଆରେ ପୁଲିସ୍ ଭଳି 'ସାଲାରୀ ପ୍ୟାକେଜ୍ ବୀମା' ପ୍ରଦାନ କରିବାକୁ ଦାବି କରାଯାଇଥିଲା। ମାତ୍ର ସରକାର ଏଥିପ୍ରତି କୌଣସି ପଦକ୍ଷେପ ନ ନେବା ପରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

ଏହି ୩ ଦଫା ଦାବି ସମ୍ବନ୍ଧରେ ସରକାର ଜୁନ୍ ୮ ତାରିଖ ସୁଦ୍ଧା ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ସାମୂହିକ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଆଧାରରେ ପ୍ରଥମେ ଜୁନ୍ ୯ରେ ପ୍ରତ୍ୟେକ ସର୍କଲ ଜୋନ୍ ତରଫରୁ ହେଡ୍‌କ୍ୱାର୍ଟରେ, ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପରେ ଜୁନ୍ ୧୫-୨୧ ତାରିଖ ମଧ୍ୟରେ ଯଦି ସରକାର ଅବହେଳା କରନ୍ତି, ତେବେ ପ୍ରତୀକାତ୍ମକ ଅନଶନ ସ୍ୱରୂପ ସମସ୍ତ ସଭ୍ୟସଭ୍ୟା କଳାବ୍ୟାଜ୍ ପିନ୍ଧି ବିରୋଧ ପ୍ରଦର୍ଶନ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଏହିକ୍ରମରେ ୧୫ ତାରିଖରୁ ବନ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳକୁ ଓହ୍ଲାଇଛନ୍ତି। ଦାବି ପୂରଣ ନ ହେଲେ ଜୁନ୍ ୨୨ ଠାରୁ ଦାବି ପୂରଣ ହେବା ପର୍ଯ୍ୟନ୍ତ ସଭ୍ୟ/ ସଭ୍ୟାମାନେ ସାମୂହିକ ଛୁଟିରେ ରହି ସର୍କଲ ଅଫିସ ସାମ୍ନାରେ ୟୁନିଫର୍ମ ପିନ୍ଧି ଧାରଣା ପ୍ରଦର୍ଶନ କରିବେ ବୋଲି ସଂଘ ଚେତାବନୀ ଦେଇଛି।

## ତଣ୍ଟି ଚିପି ହତ୍ୟା; ୨ଗିରଫ

ଖପ୍ରାଖୋଲ,୧୫।୬(ସମିସ): ମୋବାଇଲ୍ ଚୋରିକୁ କେନ୍ଦ୍ର କରି ଯୁବକକୁ ତଣ୍ଟି ଚିପି ହତ୍ୟା। ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ଥାନା ଦେଦର୍ହଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ଅଜୟ ପ୍ରଧାନ ଓରଫ୍ ଅଜ୍ଜୁ। ଖପ୍ରାଖୋଲ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ଗ୍ରାମର କରାଦୁ ମାଝୀ(୪୫) ଓ ଧରମୁ ମାଝୀ (୪୦)। ସୂଚନାନୁଯାୟୀ, ଶନିବାର ସଂଧ୍ୟାରେ ଅଜ୍ଜୁ ଗାଁ ନିକଟରେ ଥିବା ଏକ ଦେଶୀ ମଦ ଦୋକାନକୁ ଯାଇଥିଲେ। ସେଠାରେ କରାଦୁ ଏବଂ ଧରମୁ ବସି ମଦ ପିଉଥିଲେ। ଅଜ୍ଜୁ ସେମାନଙ୍କ ପାଖରୁ ଗୋଟିଏ ମୋବାଇଲ୍ ଚୋରି କରି ଫେରାର୍ ହୋଇଯାଇଥିଲେ। ଏହା ଦେଖି କରାଦୁ ଓ ଧରମୁ ପିଛା କରି ତାଙ୍କୁ ପୋଖରୀ କୂଳ ଉପରେ ଧରି ପକାଇଥିଲେ। ସେଠାରେ ସେମାନେ ଅଜୟଙ୍କ ତଣ୍ଟି ଚିପି ହତ୍ୟା କରିବା ପରେ ପୋଖରୀକୁ ଠେଲି ଦେଇଥିଲେ।

## ନୂଆପଡ଼ାର ୨ ବୃହତ୍ ଉଠାଜଳସେଚନ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୧୫।୬(ସମିସ): ନୂଆପଡ଼ା ଜିଲ୍ଲାରେ ୨ଟି ବୃହତ୍ ଉଠାଜଳସେଚନ ପ୍ରକଳ୍ପକୁ ଜଳସମ୍ପଦ ବିଭାଗ ପକ୍ଷରୁ ଅନୁମୋଦନ ମିଳିଛି। ଜିଲ୍ଲାର ଚାନ୍ଦପୋଲା-୧ ଏବଂ ଚାନ୍ଦପୋଲା-୨ ପ୍ରକଳ୍ପକୁ ବିଭାଗ ପକ୍ଷରୁ ପ୍ରଶାସନିକ ଅନୁମୋଦନ ମିଳିଥିବା ଜଣାପଡ଼ିଛି। ପ୍ରକଳ୍ପ ଦ୍ୱୟକୁ କାର୍ଯ୍ୟନ୍ୱୟନ କରିବା ପାଇଁ ଖୁବଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ପ୍ରକଳ୍ପ ଦ୍ୱୟ ନିର୍ମାଣ ପାଇଁ ମୋଟ ୧୪୭ କୋଟି ୫୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହାଦ୍ୱାରା ଜିଲ୍ଲାର ମୋଟ ୩୧୮୦ ହେକ୍ଟର ଚାଷଜମିରେ ଜଳସେଚନ ସୁବିଧା ଉପଲବ୍ଧ ହେବ।

## ପୋଲ୍ ଭଲ୍ଟରେ ଡୁପ୍ଲାଣ୍ଟିସଙ୍କ ଦ୍ୱାଦଶ ବିଶ୍ୱରେକର୍ଡ



ଷ୍ଟକହୋଲମ,୧୫।୬(ଏଜେନ୍ସି): ସ୍ୱିଡେନର ଆର୍ମାଣ୍ଡ ଡୁପ୍ଲାଣ୍ଟିସ ପୋଲ୍ ଭଲ୍ଟରେ ପୁଣିଥରେ ନୂଆ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଘରୋଇ ମାଟିରେ ରବିବାର ଅନୁଷ୍ଠିତ ଷ୍ଟକହୋଲମ୍ ଡାଏମଣ୍ଡ ଲିଗ୍‌ରେ ୨୫ ବର୍ଷୀୟ ଅର୍ମାଣ୍ଡ ୬.୨୮ ମିଟର ଉଚ୍ଚକୁ ଡେଇଁଥିଲେ। ଯାହାକି ପୁରୁଷ ପୋଲ୍ ଭଲ୍ଟରେ ନୂଆ ବିଶ୍ୱରେକର୍ଡ ହୋଇଛି। ଆମେରିକା ଜନ୍ମିତ ଡବଲ୍ ଅଲିମ୍ପିକ ଚାମ୍ପିଅନ ଡୁପ୍ଲାଣ୍ଟିସ ଏଥିସହ ୧୨ଥର ଲାଗି ନିଜ ନାମରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଫେବୃଆରୀ ୨୮ରେ ଫ୍ରାନ୍ସରେ ଅନୁଷ୍ଠିତ ଏକ ଇଭେଣ୍ଟରେ ସେ ୬.୨୭ ମିଟର ଡେଇଁ ନୂଆ ରେକର୍ଡର ଅଧିକାରୀ ରହିଥିଲେ। ୨୦୨୦ ମସିହାରେ ଡୁପ୍ଲାଣ୍ଟିସ ପ୍ରଥମଥର ଲାଗି ବିଶ୍ୱରେକର୍ଡ ନିଜ ନାମରେ ଲିପିବଦ୍ଧ କରିଥିଲେ। ସେତେବେଳେ ସେ ୬.୧୭ ମିଟର ଉଚ୍ଚକୁ ଡେଇଁଥିଲେ। ଏହାପରେ ସେ ୬.୧୮, ୬.୧୯, ୬.୨୦, ୬.୨୧, ୬.୨୨, ୬.୨୩, ୬.୨୪, ୬.୨୫, ୬.୨୭ ଓ ୬.୨୮ ମିଟର ଡେଇଁ ପର୍ଯ୍ୟାୟକ୍ରମେ ନିଜ ରେକର୍ଡକୁ ଭାଙ୍ଗିଛନ୍ତି।

## ସ୍ୱାମୀର ଗୋଇଠା ମାଡ଼ରେ ଗର୍ଭବତୀ ସ୍ତ୍ରୀ ମୃତ

ଭଦ୍ରକ, ୧୫।୬(ସମିସ): ଜଣେ ୪ମାସର ଅନ୍ତସତ୍ତ୍ୱା ମହିଳାଙ୍କୁ ତାଙ୍କ ସ୍ୱାମୀ ଗୋଇଠା ମାରି ହତ୍ୟା କରିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ତାଳପଦା ଗାଁରେ। ଗତ ଶନିବାର ରାତିରେ ତାଳପଦା ଗାଁର ପଞ୍ଚାନନ ଜେନାଙ୍କ ବିବାହିତ ଝିଅ ମୋନାଲିସା ଜେନା(୨୬)ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତିହିଡ଼ି ପୁଲିସ ମହିଳାଙ୍କ ସ୍ୱାମୀ ଶଙ୍କର୍ଷଣ ଜେନାକୁ ରବିବାର ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ତାଳପଦା ଗାଁର ମୋନାଲିସା ଶଙ୍କର୍ଷଣଙ୍କୁ ପ୍ରେମବିବାହ କରିଥିଲେ। କିନ୍ତୁ ବିବାହ ପରେ ମୋନାଲିସାଙ୍କୁ ଶ୍ୱଶୁରଘର ଲୋକେ ନିର୍ଯ୍ୟାତନା ଦେଇ ଆସୁଥିଲେ। ଗତ ରାତିରେ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହେବାରୁ ମୋନାଲିସାଙ୍କ ପେଟକୁ ଶଙ୍କର୍ଷଣ ଗୋଇଠା ମାରିଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଥିଲା।

## ବିସ୍ଫୋରକ ଲୁଟ୍ ଘଟଣା ମାଓବାଦୀଙ୍କ ମୁଖ୍ୟ ସହଯୋଗୀ ଗିରଫ

ରାଉରକେଲା, ୧୫।୬(ସମିସ): କେ. ବଲାଙ୍ଗ ଥାନା ଅନ୍ତର୍ଗତ ବଙ୍କୋ ପଥର ଖଣିକୁ ଚାଲାଣ ହେଉଥିବା ୫ଟନ୍ ବିସ୍ଫୋରକ ସାମଗ୍ରୀ ଲୁଟ୍ ଘଟଣାରେ ମାଓବାଦୀଙ୍କ ମୁଖ୍ୟ ସହଯୋଗୀଙ୍କୁ ରାଉରକେଲା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ, ବଙ୍କୋ ଗ୍ରାମର ଜର୍ଜ ମୁଣ୍ଡା ଓରଫ କୁଲୁ (୪୩)। ସେ ମାଓବାଦୀଙ୍କୁ ଆଗୁଆ ସୂଚନା ଦେଇ ସହଯୋଗ କରୁଥିଲେ ବୋଲି ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଏବଂ ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି।

ଡିଆଇଜି ଶ୍ରୀ ରାଏ କହିଛନ୍ତି, ଗତ ମେ' ୨୭ରେ ବାଙ୍କୋ ପଥରକ୍ୱାରୀ ନିକଟରୁ ୫ ଟନ୍ ବିସ୍ଫୋରକ ସାମଗ୍ରୀ ଲୁଟ୍ ହେବାରେ କେ. ବଲାଙ୍ଗ ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଓଡ଼ିଶା ଏବଂ ଝାଡ଼ଖଣ୍ଡ ପୁଲିସ ପକ୍ଷରୁ ଏନେଇ ବ୍ୟାପକ ତନାଘନା ଆରମ୍ଭ ହୋଇଥିଲା। ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଏକ ଏସ୍‌ଆଇଟି ଗଠନ କରାଯାଇ ଏସ୍‌ଡିପିଓ କେ. ବଲାଙ୍ଗ ଥାନା ଅଧିକାରୀ ତଦନ୍ତ କରିଥିଲେ। ଏସପି ନିତେଶ ୱାଧୱାନୀ ପୂରା ଘଟଣାର ମନିଟରିଂ କରିଥିଲେ। ସେ ଆହୁରି କହିଛନ୍ତି ଯେ ଗିରଫ ଜର୍ଜ ମୁଣ୍ଡା ଦୀର୍ଘ ଦିନ ଧରି ବାଙ୍କୋଠାରେ ଥିବା ବାଙ୍କୋ ଷ୍ଟୋନ୍ କ୍ୱାରୀକୁ ବିରୋଧ କରିଆସୁଥିଲା। ଏଥିସହ ସ୍ଥାନୀୟ ମାଓବାଦୀ ସଂଗଠନ ସହ ମଧ ତାର ସମ୍ପର୍କରେ ଥିଲା। ଯାହାକୁ ଆଧାର କରି ବିସ୍ଫୋରକ ସାମଗ୍ରୀ ଲୁଟ ଘଟଣାରେ ସେ ମାଓବାଦୀଙ୍କୁ ସହାୟତା କରିଥିଲା ବୋଲି ଡିଆଇଜି ଶ୍ରୀ ରାଏ କହିଛନ୍ତି।

# ଅବଶିଷ୍ଟାଂଶ

## ବାଡ଼ିବୁଢ଼ୀ ନେଲାଣି...

ମସିହାରେ ରାଜ୍ୟରେ ୩ଜଣ କଲେରାରେ ଆକ୍ରାନ୍ତ ବାହାରିଥିଲେ। ଏବେ ଦୀର୍ଘ ୭ ବର୍ଷ ପରେ ଯାଜପୁର ଜିଲ୍ଲାରେ କଲେରା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାହା ସରକାରଙ୍କ ପାରିବାପଣିଆ ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରାଜ୍ୟରେ ବଡ଼ ଧରଣର ଡାଇରିଆ ପଛରେ ଭିବ୍ରିଓ କଲେରା ବ୍ୟାକ୍ଟେରିଆ ରହିଛି ବୋଲି ବିଶେଷଜ୍ଞ କହୁଛନ୍ତି। ଦୀର୍ଘବର୍ଷ ପୂର୍ବରୁ ରାୟଗଡାର କାଶୀପୁର, ରାଉରକେଲାରେ ଏହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା। ଏବେ ଯାଜପୁରରେ ସେହି ଘଟଣାର ପୁନରାବୃତ୍ତି ହୋଇଥିବା କୁହାଯାଉଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ଜଳର ରାସାୟନିକ ପରୀକ୍ଷା କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଟେଷ୍ଟ କିଟ୍ ପ୍ରଦାନ କରାଯାଉଛି। ସେହିଭଳି ବୃହତ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକରେ ମଧ ଜଳ ବିଶୋଧନାଗାରରେ ମାନ ନିର୍ଦ୍ଧାରଣ ପାଇଁ ବ୍ୟବସ୍ଥା ରହିଛି। ଜଳର ଗୁଣବତ୍ତା ଯାଞ୍ଚ ପାଇଁ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ପରୀକ୍ଷାଗାର ରହିଛି। ସେହିପରି ଉପଖଣ୍ଡସ୍ତରରେ ମଧ ୪୬ଟି ସରକାରୀ ପରୀକ୍ଷାଗାର ରହିଛି। ପ୍ରତ୍ୟେକ ପରୀକ୍ଷାଗାରରେ ବର୍ଷକୁ ହଜାର ହଜାର ସଂଖ୍ୟାରେ ଜଳର ନମୁନା ପରୀକ୍ଷା କରାଯାଉଛି। ଜଳର ରାସାୟନିକ ପରୀକ୍ଷା ସହିତ ଜୀବାଣୁ ଜନିତ ପରୀକ୍ଷା କରାଯାଇ ଆବଶ୍ୟକ ପ୍ରତିଷେଧକ ନିଆଯାଉଛି। ତେବେ ଏତେ ସବୁ ବ୍ୟବସ୍ଥା ସତ୍ତ୍ୱେ ପୁଣି ଡାଇରିଆ ବ୍ୟାପିବା ସରକାରୀ କଳର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ବଦଳିବା ପରେ ରାଜ୍ୟରେ ପ୍ରଶାସନିକ ବ୍ୟବସ୍ଥା ଢିଲା ହୋଇ ଯାଇଥିବା ଓ ସ୍ୱାସ୍ଥ୍ୟ ବିଭାଗ ଗଭୀର ନିଦ୍ରାରେ ଶୋଇଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ଡାକ୍ତର ରମେଶ ଚନ୍ଦ୍ର ହୋତା କହିଛନ୍ତି, ଡାଇରିଆ ଏକ ଋତୁଭିତ୍ତିକ ରୋଗ(ସିଜିନାଲ୍ ଡିଜିଜ୍) ନୁହେଁ। ଏହା ଯେକୌଣସି ସମୟରେ ବି ହୋଇପାରେ। ଏହା ବିଶେଷକରି ଦୂଷିତ ପାଣି କିମ୍ବା ଖାଦ୍ୟ ଯୋଗୁଁ ବ୍ୟାପିଥାଏ। ପାଣିରେ ଦୀର୍ଘଦିନ ପର୍ଯ୍ୟନ୍ତ ଭିବ୍ରିଓ କଲେରା ରହିପାରେ। ତେଣୁ ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ ପ୍ରତି ବିଶେଷ ଦୃଷ୍ଟି ଦେଲେ ଏହାକୁ ପ୍ରତିହତ କରିହେବ। ସେହିଭଳି ପାଣି ପରୀକ୍ଷା କରିବାର ମଧ କିଛି ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନ ନାହିଁ। ଦୂଷିତ ପାଣି ସନ୍ଦେହ ଉପୁଜିଲେ, ତୁରନ୍ତ ଏହାର ପରୀକ୍ଷା କରାଇବା ଆବଶ୍ୟକ ବୋଲି ସେ କହିଛନ୍ତି।

## ଘମାଘୋଟ ଲଢ଼େଇ...

ଗତରାତିରେ ଇରାନର ପ୍ରତିରକ୍ଷା ବିଭାଗ ମୁଖ୍ୟାଳୟ ଉପରେ ମଧ ଇସ୍ରାଏଲ ଆକ୍ରମଣ କରିଥିବା ଖବର ମିଳିଛି। ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ଗତ ତିନି ଦିନ ମଧ୍ୟରେ ଇରାନର ୭୨ରୁ ଅଧିକ ସାମରିକ ଭିତ୍ତିଭୂମି ସହିତ ୧୭୦ଟି ସ୍ଥାନରେ କ୍ଷେପଣାସ୍ତ୍ର ଏବଂ ବୋମାମାଡ଼ କରାଯାଇଛି। ଏହି ଅଭିଯାନରେ ୨୦ରୁ ଅଧିକ ଲଢ଼ୁଆ ବିମାନ ସାମିଲ ହୋଇଥିଲେ। ଗତକାଲି ଇସ୍ରାଏଲ ଆକ୍ରମଣରେ ତେହରାନରେ ଏକ ଆବାସିକ କୋଠା ଭୁଶୁଡ଼ିବା ଯୋଗୁଁ ୨୯ ଶିଶୁଙ୍କ ସମେତ ୬୦ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ।

ଇସ୍ରାଏଲରୁ ମିଳିଥିବା ସୂଚନା ଅନୁଯାୟୀ ଇରାନ ଆକ୍ରମଣରେ ୧୩ ଜଣ ପ୍ରାଣ ହରାଇଥିବା ବେଳେ ୨୦୦ରୁ ଅଧିକ ଆହତ ହୋଇଛନ୍ତି। ଗତ ରାତିସାରା ଇରାନ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରଖିଥିବା ବେଳେ ଏଥିରେ ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଇସ୍ରାଏଲର ଆବାସିକ କୋଠାକୁ ଟାର୍ଗେଟ କରି ଇରାନ ଆକ୍ରମଣ ଚଳାଇଥିବା କୁହାଯାଉଛି। ଏଥିରେ ଅନେକ କୋଠା ଭୁଶୁଡ଼ି ପଡ଼ିଥିବା କୁହାଯାଉଛି। ଗତକାଲି ଇସ୍ରାଏଲର ସେନା ମୁଖ୍ୟାଳୟ ଉପରେ ମଧ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଇରାନର ଏଭଳି ଆକ୍ରମଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଚେତାବନୀ ଦେଇଛନ୍ତି ଯେ ଇରାନରେ ଆୟୋତୋଲ୍ଲା ପ୍ରଶାସନର ସବୁ ଟାର୍ଗେଟ ଉପରେ ଆକ୍ରମଣ କରାଯିବ।

ଅନ୍ୟପକ୍ଷରେ ଇରାନ ବୈଦେଶିକ ମନ୍ତ୍ରୀ ଅବ୍ବାସ ଅରାକଚି କହିଛନ୍ତି ଯେ ଇରାନ ଓ ଆମେରିକା ମଧ୍ୟରେ ପରମାଣୁ କଥାବାର୍ତ୍ତା ଚାଲିଥିଲା ଏବଂ ଚୁକ୍ତି ପାଇଁ ପଥ ପ୍ରସ୍ତୁତ ହେଉଥିବା ବେଳେ ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରି ଇସ୍ରାଏଲ ଭୟଙ୍କର ଭୁଲ କରିଛି। କଥାବାର୍ତ୍ତାକୁ ଭଣ୍ଡୁର କରିବା ସହିତ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବାତାବରଣ ସୃଷ୍ଟି କରିବାକୁ ଇସ୍ରାଏଲ ଚକ୍ରାନ୍ତ ଚଳାଇଛି। ସେ କହିଲେ ଯେ ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରି ଇସ୍ରାଏଲ ଯେଉଁ ଭୁଲ କରିଛି ତାର ପରିଣାମ ଭୋଗିବାକୁ ଇସ୍ରାଏଲ ପ୍ରସ୍ତୁତ ରହୁ। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ସେ ଚାହିଲେ ଯୁଦ୍ଧ କିଛି କ୍ଷଣ ମଧ୍ୟରେ ଶେଷ ହୋଇଯିବ। ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧର ଉଦାହରଣ ଦେଇ ସେ କହିଲେ ଯେ ତାଙ୍କ ଯୋଗୁଁ ଦୁଇ ଦେଶ ଅସ୍ତ୍ରବିରତି କରିଥିଲେ। ଇରାନ ଓ ଇସ୍ରାଏଲ ମଧ୍ୟରେ ମଧ ଯୁଦ୍ଧବିରତି ହୋଇଯିବ। ଏଥିପାଇଁ ବିଭିନ୍ନ ସ୍ତରରେ କଥାବାର୍ତ୍ତା ଚାଲିଥିବା ସେ କହିଛନ୍ତି।

## ବଜ୍ରପାତ ନେଲା...

ଜଗନ୍ନାଥଙ୍କୁ ବାଙ୍ଗରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି। ସେହିପରି ଗ୍ରାମର ମାଇଦି ସୋରେନ (୨୬) ଓ ରାମଚନ୍ଦ୍ର ସୋରେନ (୭) ମଧ ବଜ୍ରପାତରେ ଆହତ ହୋଇଛନ୍ତି। ଦୁହିଁଙ୍କୁ ବାଙ୍ଗରିପୋଷି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

କେନ୍ଦୁଝର ଜିଲ୍ଲା ବାଉଁଶୁଳି ଗ୍ରାମର ଦିଳେଶ୍ୱର ନାଏକଙ୍କ ପତ୍ନୀ ଶୈଳେନ୍ଦ୍ରୀ ଆଜି ଅପରାହ୍ଣରେ ବାଡ଼ିପଟକୁ ଯାଇଥିବା ବେଳେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ସେ ଟଳି ପଡ଼ିଥିଲେ। ସେହିପରି ପାଇକମାଳ ବ୍ଲକ୍, ବାରଫାଲିଆରେ ଆଜି ଅପରାହ୍ଣରେ ହଠାତ୍ ବର୍ଷା ହେବାରୁ ବଳଦେବ, ଧନସିଂ ଛତ୍ରିଆ (୩୦) ଓ ବୈକୁଣ୍ଠ ଛତ୍ରିଆ (୩୦) ଏକ ବରଗଛ ମୂଳେ ଆଶ୍ରୟ ନେଇଥିଲେ। ସେହି ସମୟରେ ଗଛ ଉପରେ ଏକ ବଜ୍ରପାତ ହେବାରୁ ବଳଦେବଙ୍କ ମୃତ୍ୟୁ ହୋଇଯାଇଥିଲା।

ଅନ୍ୟ ଏକ ଘଟଣାକ୍ରମେ, ମହାକାଳପଡ଼ା ବ୍ଲକ୍ ଚୌମୁହାଣି ଫେରିଘାଟରେ ଆଜି ମଧ୍ୟାହ୍ନରେ ବଜ୍ରପାତ ହେବାରୁ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ, ତେନ୍ତୁଳିକନ୍ଧା ଗ୍ରାମର ବାବାଜୀ ରାଉତ ଓ ମଙ୍ଗଳପୁର ପଞ୍ଚାୟତର ଦୁଷ୍ମନ୍ତ ରାଉତ। ସବୁଦିନ ଭଳି ଆଜି ମଧ୍ୟାହ୍ନରେ ପାରାଦୀପରୁ କାମ ସାରି ମହାକାଳପଡ଼ା ଅଞ୍ଚଳର ୩୦ଜଣ ଶ୍ରମିକ ଚୌମୁହାଣି ଫେରିଘାଟରେ ଡଙ୍ଗାରେ ନଦୀ ପାର୍ ହେଉଥିଲେ। ମଧ୍ୟାହ୍ନରେ ଡଙ୍ଗା ନଦୀ ଅତିକ୍ରମ କରି କୂଳଠାରୁ ମାତ୍ର ୩୦ଫୁଟ୍ ଦୂରରେ ଥିବା ବେଳେ ବ୍ରଜପାତ ହୋଇଥିଲା। ଏଥିରେ ପ୍ରଶାନ୍ତ, ବାବାଜୀ ଓ ଦୁଷ୍ମନ୍ତ ଆହତ ହୋଇଥିଲେ। ଡଙ୍ଗା କୂଳରେ ପହଞ୍ଚିବା ପରେ ସେମାନଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରଶାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ୬ ପଦ ପାଇଁ...

ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମୋହନ ସରକାରଙ୍କ ନୂଆ ମନ୍ତ୍ରିପରିଷଦର ନକ୍ସା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି। କେଉଁ ମନ୍ତ୍ରୀ ସରକାରରୁ ବାଦ ପଡ଼ିବେ, କାହାର ବିଭାଗ ପରିବର୍ତ୍ତନ ହେବ ସେ ସମ୍ପର୍କରେ ଆପାତତଃ ନିଷ୍ପତ୍ତି ହୋଇସାରିଛି। ତେବେ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବ ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଦୃଷ୍ଟିରୁ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ଗୋପନୀୟତା ଅବଲମ୍ବନ କରାଯାଉଛି। ଅନ୍ୟପକ୍ଷରେ ମନ୍ତ୍ରିପରିଷଦରେ ଖାଲି ପଡ଼ିଥିବା ୬ ପଦ ପାଇଁ ବିଭିନ୍ନ ଗୋଷ୍ଠୀର ୬୦ ନେତା ଆଶାୟୀ ଥିବାରୁ ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଅନେକ ବିଭାଗର ରିପୋର୍ଟ କାର୍ଡ ମୁଖ୍ୟମନ୍ତ୍ରୀଙ୍କୁ ସନ୍ତୁଷ୍ଟ କରିପାରିନାହିଁ। ଅଭିଜ୍ଞତାର ଅଭାବ, ଜଣେ ଜଣେ ମନ୍ତ୍ରୀଙ୍କ ଉପରେ ଏକାଧିକ ବିଭାଗର ଦାୟିତ୍ୱ ସେମାନଙ୍କ ପ୍ରଦର୍ଶନ ଉପରେ ନକରାତ୍ମକ ପ୍ରଭାବ ପକାଇଛି। ଏହି ଆଧାରରେ ଆଗାମୀ ସମ୍ପ୍ରସାରଣ ସମୟରେ ୨ରୁ ୩ ଜଣ ମନ୍ତ୍ରୀ ବାଦ୍ ପଡ଼ିବାର ସମ୍ଭାବନା ରହିଛି ଓ ଅନେକ ମନ୍ତ୍ରୀଙ୍କର ବିଭାଗ ପରିବର୍ତ୍ତନ ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ସେହିପରି ବଳକା ୬ଟି ମନ୍ତ୍ରୀ ପଦ ପାଇଁ ଆଶାୟୀ ନିଜ ନିଜସ୍ତରରେ ଲବି ଜାରି ରଖିଥିବା ବେଳେ ସବୁ ବିଧାୟକ ମନ୍ତ୍ରୀ ପଦ ପାଇଁ ଆଶାୟୀ ଅଛନ୍ତି। ପ୍ରଥମଥର ନିର୍ବାଚିତ ହୋଇଥିବା ଅନେକ ବିଧାୟକଙ୍କୁ ସରକାରରେ ମନ୍ତ୍ରୀ ପଦ ମିଳିଥିବାରୁ ସେମାନେ ମଧ ନିଜକୁ ଏଥିପାଇଁ ଯୋଗ୍ୟ ମନେ କରୁଛନ୍ତି। ତେବେ ଦଳର ବିଭିନ୍ନ ଗୋଷ୍ଠୀ ଓ ବଡ଼ ନେତାଙ୍କ ଅନୁଗତ କୁହାଯାଉଥିବା ପାଖାପାଖି ୨୦ରୁ ଊର୍ଦ୍ଧ୍ୱ ବିଧାୟକ ମନ୍ତ୍ରୀ ପଦ ପାଇବାକୁ ଆଶା ବାନ୍ଧି ବସିଛନ୍ତି। ସେହିପରି ନିଜ ନିଜ ଅନୁଗତଙ୍କ ପାଇଁ ରାଜ୍ୟ ବିଜେପିର କିଛି ଛାମୁଆ ନେତା ଉଭୟ ଓଡ଼ିଶା ଏବଂ ଦିଲ୍ଲୀସ୍ତରରେ ଲବି ଜାରି ରଖିଛନ୍ତି। ତେବେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ସର୍ବାଧିକ ଭୂମିକା ମୁଖ୍ୟମନ୍ତ୍ରୀଙ୍କର ହେବା ନେଇ ଦିଲ୍ଲୀ ନେତୃତ୍ୱ ସଙ୍କେତ ଦେଇଥିବା ବେଳେ ଏଥିଯୋଗୁଁ ଆଶାୟୀଙ୍କ ହୃଦସ୍ପନ୍ଦନ ବଢ଼ିଯାଇଛି। ସମ୍ପ୍ରସାରଣ ବେଳେ ଜିଲ୍ଲାୱାରୀ ସମୀକରଣ, ଦଳୀୟ ଆନୁଗତ୍ୟକୁ ମୁଖ୍ୟମନ୍ତ୍ରୀ ସର୍ବାଧିକ ଗୁରୁତ୍ୱ ଦେଇଥିବା ବେଳେ ଏଥିଯୋଗୁଁ ଅନେକ ଟାଣୁଆ ନେତାଙ୍କୁ ଆଗାମୀ ସମ୍ପ୍ରସାରଣରେ ନିରାଶ ହେବାକୁ ପଡ଼ିପାରେ ବୋଲି କୁହାଯାଉଛି। ସେହିପରି ମନ୍ତ୍ରିମଣ୍ଡଳରେ ମହିଳା ଭାଗିଦାରୀ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ଏକପ୍ରକାର ନିଷ୍ପତ୍ତି ନେଇଥିବା ବେଳେ ଯୁବ ଚେହେରାଙ୍କୁ ମଧ ସମାନ ସୁଯୋଗ ପ୍ରଦାନ କରିବାକୁ ଯାଉଛନ୍ତି। ସେହିପରି ଯେଉଁ ଜିଲ୍ଲାଗୁଡ଼ିକରୁ ସରକାରରେ ପ୍ରତିନିଧିତ୍ୱ ମିଳିନାହିଁ, ସେହି ଜିଲ୍ଲାଗୁଡ଼ିକୁ ଆଗାମୀ ସମ୍ପ୍ରସାରଣ ବେଳେ ସୁଯୋଗ ମିଳିପାରେ ବୋଲି ମଧ ଚର୍ଚ୍ଚା ହେଉଛି। ଏହାପରେ ମନ୍ତ୍ରିମଣ୍ଡଳରୁ ବାଦ ପଡ଼ିଥିବା ବରିଷ୍ଠ ନେତାଙ୍କୁ ନିଗମ, ବୋର୍ଡ ଓ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନରେ ଥଇଥାନ କରି ସନ୍ତୁଷ୍ଟ କରାଯିବାକୁ ଚେଷ୍ଟା କରାଯିବ ବୋଲି ସୂଚନା ମିଳିଛି।

## ଜଳଭଣ୍ଡାରକୁ ଡେଇଁ...

ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। କିନ୍ତୁ ପରିବାର ଲୋକେ ଏହାକୁ ବିରୋଧ କରିବାରୁ ସେମାନେ ଆତ୍ମହତ୍ୟା ପାଇଁ ନିଷ୍ପତ୍ତି ନେଇଥିଲେ। ଉଭୟଙ୍କର ମୋବାଇଲ୍ ଜଳଭଣ୍ଡାର ଭିତରୁ ମାଛ ଧରାଳି ଉଦ୍ଧାର କରି ଦେବା ପରେ ସେମାନେ ପାଣିରେ ବୁଡ଼ି ଯାଇଥିବା ଅନୁମାନ କରାଯାଉଥିଲା। ଅଗ୍ନିଶମ ବାହିନୀ ଖୋଜାଖୋଜି କରିବା ପରେ ପ୍ରେମୀଯୁଗଳଙ୍କ ହାତ ବନ୍ଧା ଯାଇଥିବା ଅବସ୍ଥାରେ ମୃତଶରୀର ଉଦ୍ଧାର କରାଯାଇଥିଲା। ସେମାନେ ପାଣିକୁ ଡେଇଁବା ପୂର୍ବରୁ ଉଭୟ ପରସ୍ପର ହାତକୁ ବାନ୍ଧି ଦେଇଥିବା ଅନୁମାନ କରାଯାଉଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ଉଭୟଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

**NOTICE**
**(above 18 years of age)**
By virtue of an affidavit sworn before Executive Magistrate(K), Udala, Mayurbhanj, dated 05-05-2025, I Bisal Sahu, Address At- Chotraypur, PO- Khaladi, PS- Udala, Dist- Mayurbhanj, Odisha, Pin- 757041 declare that I have changed my name from Bishal Kumar Sahu to Bisal Sahu. Henceforth, I shall be known as Bisal Sahu for all purposes.
Bisal Sahu

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 22/05/2025. I, **Laxman Sahu** (Applicant name) Son of Debendra Sahu, permanent resident of At- Sargiguda (Ram Mandir Road), P.O./P.S. Titilagarh, Dist- Bolangir, (Odisha), PIN- 767033 now residing at the same place affirm that I have changed my minor daughter name from **Monalisa Sahu** (old name) To **Payal Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Payal Sahu** (new name).
Laxman Sahu

### ଛୁରି ଭୁସି ସାଙ୍ଗକୁ ହତ୍ୟା ଘଟଣା

# ନିଶାରୁ ହତ୍ୟାକାଣ୍ଡ; ଡେମୋ ଦେଖାଇଲା ଅଭିଯୁକ୍ତ



ଗଣିଆ, ୧୫।୬(ସମିସ)

ନୟାଗଡ଼ ଜିଲ୍ଲା ଗଣିଆ ଥାନା ଅନ୍ତର୍ଗତ କିଶୋରପ୍ରସାଦ ପଞ୍ଚାୟତ ପାଣ୍ଡରାସିଂହା ଗ୍ରାମରେ ସାଙ୍ଗକୁ ସାଙ୍ଗ ଛୁରି ଭୁସି ହତ୍ୟା କରିବା ଘଟଣା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ରବିବାର ଅଭିଯୁକ୍ତ ଗଙ୍ଗାଧର ରାଉତକୁ ନେଇ ପୁଲିସ ସିନ୍ ରିକ୍ରିଏସନ କରିଛି। ନିଜ ଗ୍ରାମ ପାଣ୍ଡରାସିଂହାରେ କେଉଁଭଳି ହତ୍ୟା କରିଥିଲା ତାହା ଅଭିଯୁକ୍ତ ଦେଖାଇଛି। ପ୍ରଥମେ ଦୁଇ ସାଙ୍ଗ ମଦ ପିଇଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଗଙ୍ଗାଧର ସାଙ୍ଗ ପୁରୁଷୋତ୍ତମ ପ୍ରଧାନଙ୍କୁ ଏକ ଛୁରି ଭୁସି ଦେଇଥିଲା। ପୁରୁଷୋତ୍ତମଙ୍କ ଛାତିରେ ଛୁରି ବାଜିବା ପରେ ସେ ସେଠାରୁ ଯାଇ ନିଜ ବଡ଼ଭାଇଙ୍କ ଘରେ ଲୁଚି ରହିଥିଲା। ଛୁରିଟିକୁ ନିଜ ବଡ଼ଭାଇଙ୍କ ବାଡ଼ିରେ ଫିଙ୍ଗି ଦେଇଥିଲା। ଅଭିଯୁକ୍ତର ପୁତୁରା ଛୁରିଟିକୁ ତାଙ୍କ ବାସନ ମଜା ସ୍ଥାନକୁ ଫିଙ୍ଗି ଦେଇଥିଲା। ପରେ ଅଭିଯୁକ୍ତ ପୁରୁଷୋତ୍ତମଙ୍କ ନାବାଳକ ପୁଅ ୟୁଟ୍ୟୁବରୁ ଛୁରି ଭୁସି ହତ୍ୟା ଘଟଣାରେ କ'ଣ ସଜା ମିଳିବ ବୋଲି ଦେଖିଥିଲା। ବାପାକୁ ରକ୍ଷା କରିବାକୁ ଯାଇ ଛୁରିଟିକୁ ନେଇ ଗାଁଠାରୁ ୫୦୦ ମିଟର

- **କୂଅରେ ଛୁରି ଫିଙ୍ଗିଥିଲା ନାବାଳକ ପୁଅ**
- **ତହସିଲ୍‌ଦାରଙ୍କ ଉପସ୍ଥିତିରେ ପୁଲିସର ଛାନ୍‌ଭିନ୍**

ଦୂର ମନ୍ଦିର ନିକଟ କୂଅରେ ପକାଇ ଦେଇଥିଲା। ଏହି ଘଟଣାରେ ଅଭିଯୁକ୍ତର ପୁତୁରା, ପୁଅ ଓ ଭାଉଜଙ୍କୁ ଗଣିଆ ଥାନାକୁ ଆଣି ଅଧିକ ପଚରାଉଚରା ଜାରି ରଖିଥିବା ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା କହିଛନ୍ତି। ଘଟଣାସ୍ଥଳରେ ଗଣିଆ ତହସିଲ୍‌ଦାର ପ୍ରିତିବାଳା ରଣା, ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏସ୍‌ଆଇ ଶ୍ୟାମସୁନ୍ଦର ପ୍ରଧାନ, ଏଏସ୍‌ଆଇ ମନୋରଞ୍ଜନ ପ୍ରଧାନଙ୍କ ସମେତ ଥାନା କର୍ମଚାରୀମାନେ ଉପସ୍ଥିତ ଥିଲେ। ଗଣିଆ ଅଗ୍ନିଶମ ଅଧିକାରୀ ବିଜୟାନନ୍ଦ ପରିଡ଼ା ଓ ବିଶ୍ୱରଞ୍ଜନ ବଳିଆରସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦମକଳ ଗାଡ଼ି ନେଇ କୂଅରେ ପମ୍ପ ଲଗାଇ କୂଅରୁ ପାଣି ଖାଲି କରାଯାଇଥିଲା। ପରେ ଅଗ୍ନିଶମ ବିଭାଗର ଜଣେ କର୍ମଚାରୀ ଭିତରେ ପଶି ବହୁ ଖୋଜାଖୋଜି କରିବା ପରେ ହଳଦିଆ ବେଣ୍ଟ ଥାଇ ଏକ ଛୁରିକୁ ଉଦ୍ଧାର କରିଥିଲେ। ଏପରିକି ଅଭିଯୁକ୍ତ କେଉଁଭଳି ଭାବରେ ଦିନଦ୍ୱିପହରେ ପୁରୁଷୋତ୍ତମଙ୍କୁ ଯେଉଁ ସ୍ଥାନରେ ମାରିଥିଲା ତା'ର ଡେମୋ ମଧ୍ୟ ଦେଖାଇଥିଲା। ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ ପାଣ୍ଡରାସିଂହା ଗ୍ରାମରେ ପ୍ରଥମ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆଶଙ୍କା ସୃଷ୍ଟି କରିଛି। ସୋମବାର ଗଙ୍ଗାଧରକୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ତରଫରୁ ସୂଚନା ମିଳିଛି।

## ମାସକ ମଧ୍ୟରେ ୪ ହତ୍ୟାକାଣ୍ଡ

ନୟାଗଡ଼, ୧୫।୬(ସମିସ): ନୟାଗଡ଼ ଜିଲ୍ଲାରେ ମାସକ ମଧ୍ୟରେ ୪ଟି ହତ୍ୟାକାଣ୍ଡ ଭିନ୍ନ ବାର୍ତ୍ତା ଦେଇଛି। ଆଇନକୁ ଲୋକେ ହାତକୁ ନେବାକୁ ଭୟ କରୁ ନ ଥିବା ଜଣାପଡ଼ିଛି। ପୁଲିସ ପ୍ରଶାସନ ଯେତେ ତତ୍ପର ହେଲେ ବି ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଆଡ଼କୁ ଗତି କରୁଛି ବୋଲି ଚର୍ଚ୍ଚା ହେଉଛି। ପୁଲିସ କୋହଳ ମନୋଭାବ ନା ଲୋକଙ୍କ ମଧ୍ୟରେ ଅପରାଧିକ ମନବୃତ୍ତି ଦୃଢ଼ ହେଉଛି ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଗତ ୨୭ ତାରିଖରେ ନୟାଗଡ଼ ସଦର ଥାନା ଦୁରୁଦୁରା ଗାଁରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ହଣାକଟାରେ ଜଣକର ମୃତ୍ୟୁ ଘଟିଥିବାବେଳେ ୬ ଜଣ ଗୁରୁତର ହୋଇଥିଲେ। ଏହି ଘଟଣାରେ ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ୩ ଜଣ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିଭଳି ଭାବେ ଶରଣକୁଳ ଥାନା ଅନ୍ତର୍ଗତ ଗୋଛା ସଂରକ୍ଷିତ ଜଙ୍ଗଲରେ ଶିକାରୀ ଗୁଳିରେ ଆଉ ଜଣେ ଶିକାରୀର ମୃତ୍ୟୁ ଘଟିଥିଲା। ଏହି ହତ୍ୟାକାଣ୍ଡକୁ ଲୋକେ ପୁଲିସକୁ ଜଣାଇବା ପରିବର୍ତ୍ତେ କଙ୍ଗାରୁକୋର୍ଟ କରି ରଫାଦଫା କରି ସାରିଥିଲେ। ୪ ଲକ୍ଷ ଟଙ୍କା ଓ ୩ ମାଣ ଜମି ଅଭିଯୁକ୍ତମାନେ ମୃତକ ସନାତନ ପ୍ରଧାନ ଓରଫ ହୀନଙ୍କ ପରିବାରକୁ ଦେବାକୁ ସହମତି ପରେ ଗାଁ ଲୋକେ ଶବକୁ ଲୁଚାଇ ଜଙ୍ଗଲ ଭିତରେ ପୋଡ଼ି ଦେଇଥିଲେ। ପୁଲିସ ଦରପୋଡ଼ା ଶବ ଜବତ କରିବା ସହ ୮ ଜଣଙ୍କୁ ଗିରଫ କରିଛି। ଏହାର ପରଦିନ ଅର୍ଥାତ୍ ଗତ ୩୦ ତାରିଖ ବିଳମ୍ବିତ ରାତିରେ ନୟାଗଡ଼ ଟାଉନ୍ ଥାନା ଅନ୍ତର୍ଗତ ବାରମାସୀଦଣ୍ଡାରେ ବନପାଳ ଶିଶିର କୁମାର ସାହୁଙ୍କୁ ତାଙ୍କ ସ୍ତ୍ରୀ ଓ ପୁଅ ହତ୍ୟା କରିଛନ୍ତି। ପୁଲିସ ଶିଶିରଙ୍କ ସ୍ତ୍ରୀ ଓ ପୁଅକୁ ଗିରଫ କରିବା ସହ ଘଟଣାର ରହସ୍ୟ ଉନ୍ମୋଚନ କରିଛି। ଅଳ୍ପଦିନ ବ୍ୟବଧାନରେ ପୁଣି ଗଣିଆ ଥାନା ଅନ୍ତର୍ଗତ ପାଣ୍ଡେରାସିଂହା ଗ୍ରାମରେ ନିଶା ଖାଇ ହତ୍ୟା ଘଟଣା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ଗଙ୍ଗାଧରକୁ ଗିରଫ କରିଛି। ନୟାଗଡ଼ ଜିଲ୍ଲାରେ ପୁଲିସ ସକ୍ରିୟ ରହିଥିଲେ ମଧ୍ୟ ଲୋକେ ଆଇନକୁ ହାତକୁ ନେବାକୁ କୁଣ୍ଠାବୋଧ କରୁ ନ ଥିବା ଆଲୋଚନା ହେଉଛି। ଏହାର କାରଣ କ'ଣ ତାହା ବୁଝାପଡୁ ନାହିଁ।

## ଗୟଳ ଆକ୍ରମଣରେ ଜଣେ ଗୁରୁତର

ଗଣିଆ, ୧୫।୬(ସମିସ): ନୟାଗଡ଼ ଜିଲ୍ଲା ଛାମୁଣ୍ଡିଆ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ବାଇଶିପଲ୍ଲୀ ଅଭୟାରଣ୍ୟର ଡୁଇସିଂ ବିଟ୍ ଅଞ୍ଚଳରେ ଗତ ଶନିବାର ଅପରାହ୍ଣରେ ବଡ଼ଶିଲିଙ୍ଗା ପଞ୍ଚାୟତର ବାଙ୍କଝରି ଗ୍ରାମର ଜଗଦୀଶ ନାୟକ ଗୟଳ ଆକ୍ରମଣରେ ଗୁରୁତର ହୋଇଥିବା ଜଣାପଡ଼ିଛି। ଶନିବାର ଅପରାହ୍ଣରେ ଜଗଦୀଶ ଜଙ୍ଗଲକୁ ମଇଁଷି ଚରେଇବାକୁ ଯାଇଥିଲେ। ମଇଁଷି ଚରେଇବା ସମୟରେ ଜଙ୍ଗଲରୁ ଗୟଳଟି ହଠାତ୍ ଜଗଦୀଶଙ୍କ ଆଡ଼କୁ ମାଡ଼ି ଆସିଥିଲା। ଗୟଳକୁ ଦେଖି ଜଗଦୀଶ ଦୌଡ଼ିବା ସମୟରେ ଗୟଳଟି ଜଗଦୀଶଙ୍କ ଡାହାଣ ଗୋଡ଼କୁ ସିଙ୍ଗରେ ଆକ୍ରମଣ କରିଥିଲା। ଏପରିକି ଗୋଡ଼ ଭାଙ୍ଗିବା ସହିତ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଗୁରୁତର ଭାବେ ଜଙ୍ଗଲରେ ପଡ଼ିଥିବା ସମୟରେ ସ୍ଥାନୀୟ ଲୋକ ଖବର ପାଇ ତାଙ୍କୁ ଗ୍ରାମକୁ ଆଣିଥିଲେ ପରେ ବୌଦ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଗ୍ରାମର ଅଭିମନ୍ୟୁ ନାୟକ, ଗ୍ରାମରକ୍ଷୀ ବରୁଣ ନାୟକ ସୂଚନା ଦେଇଛନ୍ତି। ତେବେ ବନ୍ୟପ୍ରାଣୀ ବିଭାଗ ତରଫରୁ ଜଗଦୀଶଙ୍କୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବାଦୀପାଲା ମଞ୍ଚରେ ୭ ଜଣଙ୍କୁ 'ଗୁରୁ ଗୌରବ ସମ୍ମାନ'



ରଣପୁର, ୧୫।୬(ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଚାନ୍ଦପୁର ଥାନା ଅନ୍ତର୍ଗତ ଝାଡ଼ପଡ଼ା ଗ୍ରାମରେ ରଜପର୍ବ ପାଳନ ଅବସରରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ମା' ମଙ୍ଗଳା ଦେବୀଙ୍କ ପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ୪ଦିନ ଧରି ବାଦୀପାଲା ଆୟୋଜନ କରାଯାଇଛି। ଏହି ମଞ୍ଚରେ ପ୍ରଥମେ ଗ୍ରାମର ଗୁରୁଶ୍ରୀ ଭାସ୍କର ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ କୁମାର ବଳିୟାରସିଂହ, ଜଗବନ୍ଧୁ ରାଉତ, ରଘୁନାଥ ପରିଡ଼ା, ଜଟାଧାରୀ ପରିଡ଼ା, ଗୋପାଳକୃଷ୍ଣ ଭୋଳ, ପଞ୍ଚାନନ ରାଉତଙ୍କୁ ପାଲା କମିଟି ପକ୍ଷରୁ ଗୁରୁ ଗୌରବ ସମ୍ମାନରେ ସମ୍ମାନିତ କରାଯିବା ସହ ଏକ ଭିନ୍ନ ପରମ୍ପରା ସୃଷ୍ଟି କରାଯାଇଛି। ଗାୟିକା ଜ୍ଞାନଜ୍ୟୋତି ଭାରତୀ ସାହୁ ଓ ଗାୟିକା ସ୍ନେହଲତା ବେହେରାଙ୍କ ଗାୟନ ମଣ୍ଡଳୀ ଦ୍ୱାରା ପାଲା ପରିବେଷଣ ହେଉଛି। ଝାଡ଼ପଡ଼ା, ବୋକାଖାଇ, କାଞ୍ଚନପୁର, ବାରଙ୍ଗଗାଡ଼ିଆ, ନମଗାରିଆ, ଖଣ୍ଡିସ ଆଦି ବିଭିନ୍ନ ଗ୍ରାମର ବହୁ ଲୋକ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରୁଛନ୍ତି। କମିଟିର ସଭାପତି ପ୍ରଫୁଲ୍ଲ କୁମାର ବଳିୟାରସିଂହ, ସମ୍ପାଦକ ଭାସ୍କର ଚନ୍ଦ୍ର ପ୍ରଧାନ, ସମିତିସଭ୍ୟ ପ୍ରମୋଦ ରାଉତ, ହରିବନ୍ଧୁ ଜଗଦ୍ଦେବଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ପରିଚାଳିତ ହେଉଛି।

## ଆନ୍ଦୋଳନକୁ ଓହ୍ଲାଇଲା ବନସେବା ସଂଘ

ଖଣ୍ଡପଡ଼ା, ୧୫।୬(ସମିସ): ୩ ଦଫା ଦାବି ନେଇ ଅଣଗେଜେଟେଡ୍ ବନ ସେବା ସଂଘ ଆନ୍ଦୋଳନକୁ ଓହ୍ଲାଇଥିବା ନେଇ ସୂଚନା ମିଳିଛି। ରବିବାର ପୂର୍ବାହ୍ଣରେ ଖଣ୍ଡପଡ଼ା ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି ବନ କର୍ମଚାରୀ। ଅଣଗେଜେଟେଡ୍ ରାଜ୍ୟ ବନ ସେବା ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ୩ ଦଫା ଦାବି ପୂରଣ ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ଦୀର୍ଘଦିନ ବିତିଥିଲେ ମଧ୍ୟ ରାଜ୍ୟ ସରକାର କର୍ମଚାରୀଙ୍କ ଦାବି ପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି। ତେଣୁ ରାଜ୍ୟ ସରକାର ବନ କର୍ମଚାରୀଙ୍କ ସୁରକ୍ଷା ଓ ଫରେଷ୍ଟ କମିଶନ ଗଠନ ଦିଗରେ ବିଚାର କରିବାକୁ ଦାବି କରିଛନ୍ତି। ରାଜ୍ୟରେ ସ୍ପେସିଆଲ ଷ୍ଟ୍ରାଇକିଂ ଫୋର୍ସ ଓ ରାପିଡ୍ ରେସ୍‌ପନ୍ସ ଟିମ୍ ଗଠନ କରିବା, ରାଜ୍ୟର ରେଞ୍ଜ, ବିଟ୍ ହାଉସ ଅଞ୍ଚଳ ଓ ସେକ୍ସନଗୁଡ଼ିକ ପୁନର୍ଗଠନ କରିବା ସହ ମାଓ ଅଞ୍ଚଳ ଓ ମାଫିଆଙ୍କ ସହ ଲଢ଼ି ବିପଦପୂର୍ଣ୍ଣ ଭାବେ କାର୍ଯ୍ୟ କରୁଥିବା ଯୋଗୁଁ ପୁଲିସ ବିଭାଗ ଭଳି ଅନୁଦାନ ଅର୍ଥ ପ୍ରଦାନ ଆଦି ଦାବି ରହିଛି। ଗତ କିଛିଦିନ ତଳେ ଢେଙ୍କାନାଳରେ ଜଣେ ବନରକ୍ଷୀଙ୍କୁ ଶିକାରୀମାନେ ହତ୍ୟା କରିଥିବାବେଳେ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ସହ ନାବାଳିକା ଝିଅର ପାଠପଢ଼ା ଓ ପରିବାରର ଜଣଙ୍କୁ ଚାକିରି ଦାବି କରିଛି ସଂଘ। ଯଦି ସରକାର ୭ ଦିନ ମଧ୍ୟରେ ଦାବି ପୂରଣ ନ କରନ୍ତି, ତେବେ କର୍ମଚାରୀମାନେ ସାମୂହିକ ଛୁଟିରେ ଯିବେ ବୋଲି କହିଛନ୍ତି ସଂଘ ସମ୍ପାଦକ ସନାତନ ସ୍ୱାଇଁ।

## ବରିଷ୍ଠ ନାଗରିକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ନିରୋଧ ସଚେତନତା

ନୟାଗଡ଼, ୧୫।୬(ସମିସ): ନୟାଗଡ଼ ଜିଲ୍ଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶରେ ସଚିବ ଅଞ୍ଜଳି ମଚ୍ଛଖଣ୍ଡଙ୍କ ସଭାପତିତ୍ୱରେ ଲେଖନପୁରସ୍ଥିତ ସମର୍ପଣ ବୃଦ୍ଧାଶ୍ରମରେ ଅନ୍ତେବାସୀ ଏବଂ ଜନସାଧାରଣଙ୍କୁ ନେଇ ବିଶ୍ୱ ବରିଷ୍ଠ ନାଗରିକଙ୍କ ନିମନ୍ତେ ଦୁର୍ବ୍ୟବହାର ପ୍ରଦର୍ଶନ ନିରୋଧ ସଚେତନତା ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ଆଇନସେବା ପ୍ରାଧିକରଣ କର୍ମଚାରୀ ପଓନ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଚିବ ଅଞ୍ଜଳି ମଚ୍ଛଖଣ୍ଡ ବରିଷ୍ଠ ନାଗରିକଙ୍କୁ ସମ୍ମାନ କରିବା, ସ୍ନେହ, ଭଲ ପାଇବା ଦେଇ ସେମାନଙ୍କୁ ଆପଣାର କରିବାକୁ ପରାମର୍ଶ ଦେଇଥିଲେ। ଯେଉଁଠି ବରିଷ୍ଠ ନାଗରିକମାନଙ୍କୁ ଦୁର୍ବ୍ୟବହାର କରାଯାଉଛି ସେଠାରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଛି ଏବଂ ବରିଷ୍ଠ ନାଗରିକଙ୍କୁ ନ୍ୟାୟ ଦେବାକୁ ସଂକଳ୍ପବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ କଳା ପରିଷଦର ସମ୍ପାଦିକା ପ୍ରଭାସିନୀ ନନ୍ଦ, ପ୍ରାଧିକରଣ ସଦସ୍ୟା କ୍ଷଣପ୍ରଭା କର, ସମର୍ପଣ ବୃଦ୍ଧାଶ୍ରମର କୋଷାଧ୍ୟକ୍ଷ ସନ୍ତୋଷ କୁମାର ନାୟକ ପ୍ରମୁଖ ମତବ୍ୟକ୍ତ କରିଥିଲେ। ବରିଷ୍ଠ ନାଗରିକଙ୍କୁ ଦୁର୍ବ୍ୟବହାର ନ କରି ସମ୍ମାନ ଦେବା ଉଦ୍ଦେଶ୍ୟରେ ଏକ ଛୋଟ ସଚେତନତାଧର୍ମୀ ନାଟକ ଅଧିକାର ମିତ୍ରଙ୍କ ଦ୍ୱାରା ପରିବେଷଣ କରାଯାଇ ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଧିକାର ମିତ୍ର ପ୍ରଫୁଲ୍ଲ ବେହେରା, ମମତା ବେହେରା, ଶୁଭସ୍ମିତା ମିଶ୍ର, ପ୍ରକାଶ ଚନ୍ଦ୍ର ଦଳେଇ, ବାଣିବନ୍ଦନା ବିଶ୍ୱାଳ, ଆନନ୍ଦ ନାୟକ, ଜିତେନ୍ଦ୍ର ପ୍ରଧାନ, ରଶ୍ମିତା ଦେଇ, ସନ୍ଧ୍ୟାରାଣୀ ବେହେରା, ପ୍ରଣତି ପରିଡ଼ା, ତଅପୋଇ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ବୃଦ୍ଧାଶ୍ରମର ସମ୍ପାଦକ ଶ୍ରୀଧର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ଓଡ଼ଗାଁ କ୍ରିକେଟ୍ ଲିଗ୍

## ସେମି ଫାଇନାଲରେ ଏକ୍ସଟ୍ରିମ୍ ବ୍ଲାଷ୍ଟର୍ସ ଓ ଏସ୍‌ଆର୍‌ଏସି

ଓଡ଼ଗାଁ, ୧୫।୬(ସମିସ): ଓଡ଼ଗାଁ ମିନି ଷ୍ଟାଡିୟମ୍‌ରେ ରଘୁନାଥ ଆଥ୍‌ଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ୧୬ତମ ଓଡ଼ଗାଁ କ୍ରିକେଟ୍ ଲିଗ୍ ୮ମ ଦିନରେ ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ଏକ୍ସଟ୍ରିମ୍ ବ୍ଲାଷ୍ଟର୍ସ ଏବଂ ଏସ୍‌ଆରଏସି ଟିମ୍ ସେମି ଫାଇନାଲକୁ ଉନ୍ନିତ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଏକ୍ସଟ୍ରିମ୍ ବ୍ଲାଷ୍ଟର୍ସ ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୪ ରନ୍ ସଂଗ୍ରହ କରିଥିଲା। ଏହାକୁ ମୁକାବିଲା କରିବାକୁ ଯାଇ ଏଲାଇଟି ଇଗଲ ନିର୍ଦ୍ଧାରିତ ୧୦ ଓଭରରେ ୮ ୱିକେଟ୍ ହରାଇ ୮୦ ରନ୍ ସଂଗ୍ରହ କରି ୩୪ ରନ୍ ବ୍ୟବଧାନରେ ପରାସ୍ତ ହୋଇଥିଲା। ଫଳରେ ବିଜୟୀ ଦଳ ଏକ୍ସଟ୍ରିମ୍ ବ୍ଲାଷ୍ଟର୍ସ ସେମି ଫାଇନାଲକୁ ଉନ୍ନିତ ହୋଇଛି। ବିଜୟୀ ଦଳର ରାମେଶ୍ୱର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଏସ୍‌ଆର୍‌ଏସି ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୫ ୱିକେଟ୍ ବିନିମୟରେ ୧୪୭ ରନ୍ ସଂଗ୍ରହ କରିଥିଲା। ବ୍ରଦର୍ସ ଇଲେଭେନ ଏହାର ମୁକାବିଲା କରିବାକୁ ଯାଇ ୭ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୬୮ ରନ୍ ସଂଗ୍ରହ କରି ୭୦ ରନ୍ ବ୍ୟବଧାନରେ ମ୍ୟାଚ୍ ହାରି ଯାଇଥିଲା। ଫଳରେ ଏସ୍‌ଆର୍‌ଏସି ଦଳ ସେମି ଫାଇନାଲକୁ ଉନ୍ନିତ ହୋଇଥିବାବେଳେ ଦଳର ଲିଟି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ବିଜୟାନନ୍ଦ, ମିଥୁନ, ଶୁଭମ୍, ରୋହନ, ସୂର୍ଯ୍ୟକାନ୍ତ ଓ କିଶନ୍ ମ୍ୟାଚ୍ ପରିଚାଳନା କରିଥିଲେ। ରଘୁନାଥ ଆଥ୍‌ଲେଟିକ ଆସୋସିଏସନ୍ ସମ୍ପାଦକ ଖେଳ ମଣିଷ ଦିବାକର ନାୟକଙ୍କ ତତ୍ତ୍ୱାବଧାନରେ ଖେଳର ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା।

### ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା

# ଭଙ୍ଗା ଖଟିଆ ଓ ମଇଳା ବେଡ୍‌ସିଟ୍‌ରେ ଚିକିତ୍ସା

ଓଡ଼ଗାଁ, ୧୫।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନ ଧରି ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଜରୁରୀ ଚିକିତ୍ସା ସେବା। ବ୍ଲକ ସଦର ମହକୁମାରେ ଅବସ୍ଥିତ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୟାଗଡ଼-ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ରହିଥିବାବେଳେ ଏହି ଅଞ୍ଚଳର ୧୮ରୁ ଅଧିକ ପଞ୍ଚାୟତର ଜନସାଧାରଣଙ୍କ ସହିତ ଗଞ୍ଜାମ ଜିଲ୍ଲାର ପ୍ରାୟ ୭ରୁ ୮ ପଞ୍ଚାୟତ ଅଧିବାସୀ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚିକିତ୍ସା ନିମନ୍ତେ ନିର୍ଭର କରିଥାନ୍ତି। ଏଥି ସହିତ ଗୁରୁତର ରୋଗୀ ଏବଂ ରାଜପଥରେ ଦୁର୍ଘଟଣାଗ୍ରସ୍ତମାନେ ଦୈନନ୍ଦିନ ଏଠାକୁ ଜରୁରୀ ଚିକିତ୍ସା ସେବା ପାଇବାକୁ ବହୁ ସଂଖ୍ୟାରେ ରୋଗୀ ଆସିଥା'ନ୍ତି। ଦୁର୍ଘଟଣାରେ ଖଣ୍ଡିଆ ଖାବରା ଓ ଗୁରୁତର ଭାବେ ଆହତ ହୋଇ ଜୀବନ ବଞ୍ଚାଇବାକୁ ଦୌଡ଼ି ଆସୁଥିବା ରୋଗୀମାନଙ୍କ ଆଶୁ ଚିକିତ୍ସା ସମୟରେ ସଂକ୍ରମଣ ରହିତ ପରିଷ୍କାର ପରିଚ୍ଛନ୍ନ ବ୍ୟବସ୍ଥା ରହିବାର ଆବଶ୍ୟକତା ରହିଛି। ତେବେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜରୁରୀ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କ ନିମନ୍ତେ ବ୍ୟବହୃତ ଖଟିଆଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବାବେଳେ ଉପରେ ପଡ଼ିଥିବା ଶଯ୍ୟାଟି ପ୍ରାୟ ନଷ୍ଟ ହେବାକୁ ବସିଲାଣି। ଏଥି ସହିତ ଏହା ଉପରେ ପଡ଼ିଥିବା ବେଡ୍‌ସିଟ୍ ବଦଳାଯିବା ତ ଦୂରର କଥା ଦୀର୍ଘ ଦିନ ଧରି ଏଥିରେ ବେଡ୍‌ସିଟ୍‌ଟିଏ ପଡୁନଥିବା ମଧ୍ୟ ଦେଖାଯାଇଛି।

ଜରୁରୀ ଚିକିତ୍ସା ପାଇଁ ଆସୁଥିବା ରୋଗୀ ପାଇଁ ଏଠାରେ ଲାଗିଥିବା ଫ୍ୟାନ୍‌କୁ ସୁଇଚ୍ ଦେଇ ହାତରେ ବୁଲାଇଲେ କଷ୍ଟେମଷ୍ଟେ ଘୂରୁଛି। ଏଥି ସହିତ ଏଠାରେ ରହିଥିବା ଡ୍ରେସିଂ ବେଡ୍ କଥା ନ କହିବା ଭଲ। ଏହାରି ଉପରେ ଶୁଆଇ ଜରୁରୀକାଳୀନ ରୋଗୀଙ୍କର ଆଶୁ ଚିକିତ୍ସା କରାଯାଇଥାଏ। ଏଭଳି ସ୍ଥିତିର ପ୍ରତିକାର ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ସାଇନ୍ ଲଣ୍ଡ୍ରି ନାମକ ଏକ ସଂସ୍ଥା ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବେଡ୍‌ସିଟ୍ ଯୋଗାଇବା ସହିତ ବ୍ୟବହୃତ ବେଡ୍‌ସିଟ୍‌କୁ ସଫା କରି ପ୍ରତିଦିନ ବାର ଅନୁସାରେ ନିର୍ଦ୍ଧାରିତ ରଙ୍ଗର ବେଡ୍‌ସିଟ୍ ପକାଇବା ପାଇଁ ଦାୟିତ୍ୱ ନେଇଛନ୍ତି। କିନ୍ତୁ ଏହାର କୌଣସି ସୁଫଳ ପାଇପାରୁ ନାହାନ୍ତି ରୋଗୀ। ଏ ସମ୍ପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଗଲେ ମଧ୍ୟ ସମ୍ପୃକ୍ତ ସଂସ୍ଥା ଆଦୌ କର୍ଣ୍ଣପାତ କରୁନାହାନ୍ତି। କେବଳ ଓଡ଼ଗାଁ ନୁହେଁ, ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁରୂପ ଭାବେ ଏହି ସମସ୍ୟା ଲାଗି ରହିଛି ବୋଲି ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ନିଲାନ୍ ଦାସ କହିଛନ୍ତି। ସପ୍ତାହେରୁ ଦୁଇ ସପ୍ତାହ ମଧ୍ୟରେ ଆଶୁ ଚିକିତ୍ସା ବିଭାଗକୁ ନୂତନ ବିଲ୍‌ଡିଂକୁ ସ୍ଥାନାନ୍ତର କରାଗଲେ ଡ୍ରେସିଂ ବେଡ୍ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି।






## 'ସୃଜନିକା'ର ରଜ ସାରସ୍ୱତ ସମାରୋହ



ନୟାଗଡ଼, ୧୫।୬(ସମିସ): ସ୍ଥାନୀୟ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ସଭାଗୃହଠାରେ ସୃଜନିକା ସାରସ୍ୱତ ସମାରୋହ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ମତ୍ସ୍ୟ ଅଧିକାରୀ ତଥା ସ୍ତମ୍ଭକାର ପ୍ରକାଶ କୁମାର ତ୍ରିପାଠୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅଞ୍ଜନାର ସମ୍ପାଦିକା ଡ. ଗୀତାଞ୍ଜଳି ମହାପାତ୍ର, ସୁପ୍ରବଚିକା ପ୍ରିୟମ୍ବଦା ଦାଶ ଓ ବ୍ୟଙ୍ଗ କଳାକାର ରବୀନ୍ଦ୍ର କୁମାର ରାଉତ ଯୋଗଦେଇଥିଲେ। ତପନ କୁମାର ପଣ୍ଡାଙ୍କ କବିତା ପୁସ୍ତକ 'ଭକ୍ତି ନିବେଦନ ଶତକମ୍', ପୁରୁଷୋତ୍ତମ ନାୟକଙ୍କ କବିତା ପୁସ୍ତକ ଶ୍ରୀଶ୍ରୀ ପୁରୁଷୋତ୍ତମ ପଦ୍ୟାବଳୀ ଏବଂ ନୟାଗଡ଼ରୁ ପ୍ରକାଶିତ ସାପ୍ତାହିକ ସମ୍ବାଦପତ୍ର ସମ୍ବାଦ ପରମ୍ପରାକୁ ଅତିଥିମାନେ ଉନ୍ମୋଚନ କରିଥିଲା। ଅତିଥିମାନେ ହରିଶ୍ ପ୍ରଧାନଙ୍କୁ ଡ. କବି ଭୂଷଣ ଭାବେ, ସୁରେନ୍ଦ୍ର ପଣ୍ଡାଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନ ଏବଂ ପ୍ରମୋଦ ସେଠୀଙ୍କୁ ଆଦର୍ଶ ପରିବେଶବିତ୍ ସମ୍ମାନରେ ସମ୍ମାନିତ କରିଥିଲେ। ସମାଜସେବୀ ଓ ସାହିତ୍ୟ ସଂଗଠକ ପ୍ରମୋଦ ପଟ୍ଟନାୟକ ଏହି ସାରସ୍ୱତ ସମାରୋହରେ ସଭାପତିତ୍ୱ କରିଥିଲେ। କବି କ୍ଷଣପ୍ରଭା କର ଓ କବି ନୀଳମାଧବ ମିଶ୍ର କବିତାଗୁଡ଼ିକୁ ସଂଯୋଜନା କରିଥିଲେ। ସୃଜନିକା ସଚିବ ଡ. ନିର୍ମଳ ଚନ୍ଦ୍ର ଶୂରଦେଓ ଏହାକୁ ପରିଚାଳନା କରିଥିଲେ।

### ପାଣିରେ ପଡ଼ିଲା ଲକ୍ଷାଧିକ ଟଙ୍କା

# ବର୍ଷାରେ ଧୋଇଗଲା ବିକାଶ ମେଳା

ନୟାଗଡ଼, ୧୫।୬(ସମିସ)





ରାଜ୍ୟ ସରକାର ବର୍ଷ ଏକ ଉପଲବ୍ଧି ଅନେକ ନାଁରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅପବ୍ୟୟ କରିଛନ୍ତି। ଏହି ୫୦ ଲକ୍ଷ ଟଙ୍କାରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରାଯାଇ ପାରିଥା'ନ୍ତା। ଜିଲ୍ଲାସ୍ତରୀୟ ବିକାଶ ମେଳାକୁ ନା ଲୋକ ଆସୁଛନ୍ତି, ନା ଏହାର ଉଦ୍ଦେଶ୍ୟ ସାଧନ ହେଉଛି। ସ୍ଥିତି ଏଭଳି ଯେ, ଖୋଦ୍ ବିଜେପି ନେତା ମଞ୍ଚକୁ ଆସିବାକୁ କୁଣ୍ଠକୁଣ୍ଠ ହେଉଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ବିକାଶ ମେଳା ପ୍ରଥମ ଦୁଇ ଦିନ ଆଖିଦୃଶିଆ ଲୋକ ଆସିନଥିଲେ। ତୃତୀୟ ଦିନ ଯାହା କିଛି ଲୋକଙ୍କୁ ଅଣାଯାଇଥିଲା। କିନ୍ତୁ ମଞ୍ଚରେ କୌଣସି ନେତାଙ୍କୁ ଦେଖିବାକୁ ମିଳିନଥିଲା। ଡେପୁଟି କଲେକ୍ଟର ତପସ୍ୱିନୀ ହାଁସଦା ଏବଂ ପ୍ରାଧ୍ୟାପକ କୈଳାଶ ବାଣ୍ଟଙ୍କ ଉପସ୍ଥିତିରେ ସଭା ହୋଇଥିଲା। ଚତୁର୍ଥ ଦିନ ପୂରା ମାହୋଲକୁ ବର୍ଷା ଛାର୍‌ଖାର୍ କରିଦେଇଛି। ରବିବାର ଚତୁର୍ଥ ସନ୍ଧ୍ୟାରେ ବର୍ଷା ପାଇଁ ସଭାକୁ ବାତିଲ୍ କରାଯାଇଥିବାବେଳେ କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି।

ଦ୍ୱିପହରୁ ଆରମ୍ଭ ହୋଇଥିବା ବର୍ଷା ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହିଥିଲା। ଫଳରେ ମେଳା ପଡ଼ିଆ ଖାଲି ପାଣି ଓ କାଦୁଅ ପଚ ପଚ ଅବସ୍ଥା ହୋଇସାରିଛି। ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ଦୋକାନ ବନ୍ଦ ହୋଇଥିବାବେଳେ ପଡ଼ିଆ ଜନଶୂନ୍ୟ ହୋଇପଡ଼ିଛି। ରାଜ୍ୟ ସରକାରଙ୍କ ପ୍ରଚାର ମନୋଭାବକୁ ନେଇ ଯେଉଁ ଉଦ୍ୟମ କରାଯାଇଥିବା ତାହା ନୟାଗଡ଼ ଜିଲ୍ଲାରେ ଫସର ଫାଟିଥିବା ଚର୍ଚ୍ଚା ହେଉଛି। ଜିଲ୍ଲା ପ୍ରଶାସନ ବିକାଶ ମେଳାକୁ ସଫଳ କରିବାକୁ ଯଥାସମ୍ଭବ ଚେଷ୍ଟା କରିଥିଲେ ବି କାର୍ଯ୍ୟକ୍ରମ ବିଫଳର ଅନେକ କାରଣ ରହିଥିବା ଆଲୋଚନା ହେଉଛି। ତାହା ମଧ୍ୟରେ ବିଜେପି ଗୋଷ୍ଠୀ କନ୍ଦଳ ଅନ୍ୟତମ କାରଣ ବୋଲି ଶୁଣାଯାଉଛି। କାହା ସହିତ କାହାର ପଡୁ ନ ଥିବାରୁ କିଏ ମଞ୍ଚରେ ବସିବ, କିଏ ଲୋକ ଆଣିବ ତାହା ଦଳ ମଧ୍ୟରେ ଚୂଡ଼ାନ୍ତ ହୋଇପାରି ନାହିଁ। ଯାହା ଫଳରେ ଅନେକ ନେତା ବିକାଶ ମେଳାଠାରୁ ନିଜକୁ ଦୂରେଇ ରଖିଥିବା ଆଲୋଚନା ହେଉଛି। କିଛି ନେତା ନିଜର ବଡ଼ପଣିଆ ଦେଖାଇବାକୁ ଯାଇ ଏଭଳି ସ୍ଥିତି ଉପୁଜିଥିବା ମଧ୍ୟ ଶୁଣାଯାଉଛି। ଅନ୍ୟପକ୍ଷେ, ବିଜେପି ସରକାର ଉପରେ ଲୋକଙ୍କ ଆସ୍ଥା ଓ ଭରସା ନ ଥିବା ମଧ୍ୟ ଅନ୍ୟତମ କାରଣ ବୋଲି ମତ ପ୍ରକାଶ ପାଇଛି। ଯେନତେନ ପ୍ରକାରେ ବିଜେପି ଦଳ ସିନା ସରକାର କରିଛି, କିନ୍ତୁ ତଳସ୍ତରରେ ସଂଗଠନ ଅଭାବ ପାଇଁ ଦଳ ପ୍ରଭାବଶାଳୀ ହୋଇପାରୁ ନାହିଁ।

# ହଜରେ ଗୋଟିଏ ଗଛରେ ୪ ବ୍ରହ୍ମ କମଳ ଫୁଲ



ନିରାକାରପୁର,୧୫।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗିଆ ଥାନା ଅନ୍ତର୍ଗତ ହଜ ଗ୍ରାମର ବିଭୂତି ଭୂଷଣ ଦାଶଙ୍କ ବାସଭବନରେ ଶନିବାର ରାତିରେ ଗୋଟିଏ ଗଛରେ ୪ଟି ବ୍ରହ୍ମ କମଳ ଫୁଲ ଫୁଟିଥିଲା। ଏହାକୁ ରଜ ସଂକ୍ରାନ୍ତିରେ ପ୍ରଥମେ ନିଜ ଘରେ ଥିବା ନାରାୟଣଙ୍କୁ, ଦ୍ୱିତୀୟରେ ପ୍ରଭୁ ଅଲାରନାଥଙ୍କ ପାପଡ଼ୁରେ, ତୃତୀୟଟି ପ୍ରଭୁ ସିରୁଳି ମହାବୀରଙ୍କଠାରେ, ଚତୁର୍ଥଟି ପ୍ରଭୁ ଇନ୍ଦ୍ରେଶ୍ୱର ମହାଦେବଙ୍କ ମସ୍ତକରେ ପ୍ରଦାନ କରିଛନ୍ତି।

# ଟାଙ୍ଗୋଳ ମା' ତାରାଦେବୀଙ୍କ ପୀଠରେ ରଜ ମଉଜ ଦ୍ୱିତୀୟ ସନ୍ଧ୍ୟା

ନିରାକାରପୁର,୧୫।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୋଳ ମା' ତାରାଦେବୀଙ୍କ ପୀଠରେ ଅନୁଷ୍ଠିତ ରଜ ମଉଜର ଦ୍ୱିତୀୟ ସନ୍ଧ୍ୟା ରଜ ସଂକ୍ରାନ୍ତି ଅବସରରେ ବିଜେପି ବରିଷ୍ଠ ନେତ୍ରୀ ବାସନ୍ତୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ବିରେଶ କୁମାର ରାଜଗୁରୁ, ବୃନ୍ଦାବନ ବିଶ୍ୱାଳ, ପ୍ରଭାକର ଜୟସିଂହ ମଞ୍ଚ ମଣ୍ଡନ କରିଥିଲେ। ଗନ୍ଧର୍ବ ସେନ୍ ସାହୁ ମଞ୍ଚ ପରିଚାଳନା ସହିତ ରଜଦୋଳି, ଲଜଡିଆଁ, ପୁଚି, ଖେଟି, ଦଉଡ଼ି ଡିଆଁ ଆଦି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ। ଭାଗିରଥି ବେହେରା ଦାସ୍ ଖେଳ ପରିଚାଳନା କରିଥିଲେ। ରାମଲୀଳା ନାଟ୍ୟ ସଂସଦର କଳାକାରମାନେ ମହିରାବଣ ବଧ ପରିବେଷଣ କରିଥିଲେ। ଶେଷରେ ସୋମନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

■ ବରୁଣେଇ ରଜ ମହୋତ୍ସବ ଉଦ୍‌ଘାଟିତ

# ମନମୋହିଲା ଓଡ଼ିଶୀ ନୃତ୍ୟ ପରିବେଷଣ



ଖୋର୍ଦ୍ଧା,୧୫।୬(ସମିସ): ରବିବାରଠାରୁ ବରୁଣେଇ ପୀଠରେ ବିଶାନ୍ତ ଅନୁଷ୍ଠାନ ପକ୍ଷରୁ ଆରମ୍ଭ ହୋଇଛି ୧୭ତମ ରଜ ମହୋତ୍ସବ। ଓଡ଼ିଶାର ଲୋକକଳା, ସଂସ୍କୃତି, ଐତିହ୍ୟ ସମ୍ପର୍କରେ ସାଂସ୍କୃତିକ ଜାଗରଣ ସୃଷ୍ଟି ଉଦ୍ଦେଶ୍ୟରେ ଏ ମହୋତ୍ସବ ଆୟୋଜିତ ହୋଇଥିବାବେଳେ ଉଦ୍‌ଘାଟନୀ ସାଂସ୍କୃତିକ ମଞ୍ଚରେ କଟକର ନୃତ୍ୟ ପ୍ରତିଭା ଓଡ଼ିଶୀ ଡ୍ୟାନ୍ସର କଳାକାରଙ୍କ ନୃତ୍ୟ ମଞ୍ଚ ତଳେ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ପ୍ରାରମ୍ଭରୁ ବର୍ଷା ହୋଇଥିବାବେଳେ ପରେ କମିବାରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଏହା ପରେ ଭଜନ ସଙ୍ଗୀତ ସର୍ଜନା, ବିଶ୍ୱ ଡ୍ୟାନ୍ସ ଏକାଡେମୀ ଜଟଣୀ, ଖୋର୍ଦ୍ଧାର ରାୟଲ ସ୍କ୍ୱାଡ୍ ଡ୍ୟାନ୍ସ ଗ୍ରୁପ, ବରୁଣେଇ ସଙ୍ଗୀତ ଏକାଡେମୀ, ଉତ୍କଳ କଳିଙ୍ଗ ପାଇକ ଆଖଡ଼ା, ମଣିପାଲ ଡ୍ୟାନ୍ସ ଏକାଡେମୀ ଏବଂ କଟକର ନୃତ୍ୟ ପ୍ରତିଭା ଓଡ଼ିଶୀ ଡ୍ୟାନ୍ସ ଗ୍ରୁପ୍ ଯୋଗଦେଇ କଳା ପ୍ରଦର୍ଶନ କରିଥିଲେ। ମହୋତ୍ସବକୁ ଅନୁଷ୍ଠାନର ସମ୍ପାଦକ ଦିଲ୍ଲୀପ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ପ୍ରାଧାପିକା ମମତା ଦେ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉପସଭାପତି ନିରଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସହସମ୍ପାଦକ ସଞ୍ଜିବ କୁମାର ପରିଡ଼ା ପ୍ରମୁଖ ନିଜ ନିଜ ମନ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମକର୍ତ୍ତା ପରିଚାଳନା କରିଥିଲେ।

● କୁହୁଡ଼ି ରଜ ମହୋତ୍ସବର ଦ୍ୱିତୀୟ ଦିନ

# ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର

ଟାଙ୍ଗୀ,୧୫।୬(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ କୁହୁଡ଼ି ପଞ୍ଚାୟତ ସମ୍ମୁଖରେ ଥିବା ରଜପଡ଼ିଆଠାରେ ମା' ବ୍ୟାଘ୍ର ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ରଜ ମହୋତ୍ସବ ରବିବାର ଦ୍ୱିତୀୟ ଦିବସ ବେଶ୍ ଚିତାକର୍ଷକ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ସକାଳେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର କୁହୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା।



ଅନ୍ନପୂର୍ଣ୍ଣା ଫାଇନାନ୍ସ ସହଯୋଗରେ ଏହି ଶିବିରରେ ବିଭିନ୍ନ ବିଭାଗର ଡାକ୍ତରମାନେ ଲୋକଙ୍କୁ ପରୀକ୍ଷା ନିରୀକ୍ଷା ସହିତ ମାଗଣା ଔଷଧ ବଣ୍ଟନ କରିଥିଲେ। କୁହୁଡ଼ି ସରପଞ୍ଚଙ୍କ ପ୍ରତିନିଧି ଜୟଦେବ ବେହେରା, କମିଟି ସଭ୍ୟ ରଞ୍ଜନ ସିଂହ, ମନୋଜ ପରିଡ଼ା, ସୌମ୍ୟରଞ୍ଜନ ସିଂହ, ଅରୂପ ବେହେରା, ସୁରେନ୍ଦ୍ର ମହାରଣା, ଦିଲ୍ଲୀପ ସାମନ୍ତସିଂହାରଙ୍କ ସମେତ ଅନ୍ୟ ସଭ୍ୟମାନେ ସକ୍ରିୟ ସହଯୋଗ କରିଥିଲେ। ଅନ୍ୟ ପଟେ ଦର୍ଶକ ରଜ ପଡ଼ିଆରେ ବିଭିନ୍ନ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିବା ସହିତ ମିନାବଜାରର ଖାଦ୍ୟସ୍ଥଳରେ ବେଶ୍ ଭିଡ଼ ହୋଇଥିବା ଦେଖିବାକୁ ମିଳିଥିଲା। ସୋମବାର ତୃତୀୟ ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସକାଳ ୯ଟାରୁ କୁହୁଡ଼ି ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏଣୁ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ଯୋଗଦେବା ପାଇଁ ଅନୁଷ୍ଠାନର ସମ୍ପାଦକ ଶ୍ରୀମନ୍ତ ମହାପାତ୍ର ଓ ସଭାପତି ପ୍ରିୟମ୍ବଦା ବେହେରା ନିବେଦନ କରିଛନ୍ତି।

ମା' କୋଶଳାଶୁଣୀଙ୍କ ପୀଠରେ ରଜରେ ଭିନ୍ନ ଏକ ପରମ୍ପରା

# ସଂକ୍ରାନ୍ତିରେ ମା'ଙ୍କଠାରେ ମାଛ ତରକାରି ସମର୍ପିତ

ଖୋର୍ଦ୍ଧା,୧୫।୬(ସମିସ):

ଉତ୍କଳୀୟ ସଂସ୍କୃତି, ପରମ୍ପରାର ପ୍ରତୀକ ହେଉଛି ରଜ ପର୍ବ। ଓଡ଼ିଶାର ଏକ କୃଷିଭିତ୍ତିକ ପର୍ବ। ଏହି ପର୍ବ ଆମ ରାଜ୍ୟର ଏକ ବିଶେଷତ୍ୱ। ଏକ ଆଧ୍ୟାତ୍ମିକ ଓ ମମତା ଭାବଧାରାରେ ମାଟି ମା'ଙ୍କୁ ନାରୀଟିଏ ଭଳି କଳ୍ପନା କରାଯାଏ। ସେହି ମାଟି ମା' ଋତୁମତୀ ହେବାର ପରମ୍ପରା, ଆମ ମହାନ୍ ସଂସ୍କୃତିର ପରିଚୟ ବହନ କରେ ବୋଲି କୁହାଯାଏ। ପ୍ରତି ଓଡ଼ିଆ ପରିବାରରେ ରଜ ୪ଦିନ ଆନନ୍ଦ ଉଲ୍ଲାସରେ କଟେ। ଆମିଷଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ପିଠାପଣା ଖାଦ୍ୟ ପ୍ରତି ଘର ମହକି ଉଠେ। ମାତ୍ର ରଜର ଦ୍ୱିତୀୟ ଦିବସଟି ସଂକ୍ରାନ୍ତି ରହୁଥିବାରୁ ଆମିଷ ବାରଣ ହୋଇଥାଏ। ଏମିତି ଏକ ଗାଁ ରହିଛି ଯେଉଁଠି ରଜ ସଂକ୍ରାନ୍ତିରେ ହୁଏ ଆମିଷ ଭୋଗ। ତାହା ହେଉଛି ବୋଲଗଡ଼ ବ୍ଲକ୍ ଆରିକମା ଗ୍ରାମ। ଏଠାରେ ରଜ ସଂକ୍ରାନ୍ତିରେ ଗ୍ରାମବାସୀ ଆମିଷ ଖାଇବାର ପରମ୍ପରା କେଉଁ କାଳରୁ ରହି ଆସିଛି। ସଂକ୍ରାନ୍ତି ଦିନ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କୋଶଳାଶୁଣୀଙ୍କ ନିକଟରେ ଆମିଷ ସମର୍ପଣ ହୁଏ। ଏହି କ୍ରମରେ ରବିବାର ମା'ଙ୍କ ନିକଟରେ ଆମିଷ ତରକାରି ସମର୍ପଣ ହୋଇଛି। ଗ୍ରାମର ନେଳିଆ ପୋଖରୀରୁ ମାଛ ମରାଯାଇ ମା'ଙ୍କ ମନ୍ଦିରରେ ମହଣାଯାଇ ମା'ଙ୍କ ନିକଟରେ ଭୋଗ ସମର୍ପଣ କରାଯାଇଥାଏ। ପରେ ଗାଁ ଲୋକ ମା'ଙ୍କ ପୀଠରେ ରୋଷେଇ କରି ମାଛ ପ୍ରସାଦ ଖାଇ ଫେରନ୍ତି। ଏହାକୁ ହାଣ୍ଡିଭଙ୍ଗା ଯାତ୍ରା ମଧ୍ୟ କୁହାଯାଏ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି।



ଜନଶ୍ରୁତି ଅନୁଯାୟୀ, କୋଶଳ ରାଜ୍ୟର କିଛି ଲୋକ ଆରିକମାର ବୃହତ୍ ଶାଳ ଜଙ୍ଗଲ ମଧ୍ୟରେ କୌଣସି କାମରେ ଆସି କିଛି ଦିନ ରହିଥିଲେ। ସେମାନେ ତାଙ୍କ ସାଙ୍ଗରେ ଅଧିଷ୍ଠାତ୍ରୀ ଦେବୀ ମା' କନକ ଦୁର୍ଗାଙ୍କୁ ଧରି ଆସି ଉକ୍ତ ଜଙ୍ଗଲ ମଧ୍ୟରେ ସ୍ଥାପନ କରି ପୂଜା କରୁଥିଲେ। ସେମାନେ କାର୍ଯ୍ୟ ସାରି ନିଜ ଅଞ୍ଚଳକୁ ଫେରିବାବେଳେ ଠାକୁରାଣୀ ଯିବାକୁ ରାଜି ନ ହୋଇ ଉକ୍ତ ଜଙ୍ଗଲ ମଧ୍ୟରେ ରହିଥିଲେ। ପରେ ଗାଁର ଜଣେ ଗୋପାଳ ଲୋକଙ୍କୁ ସମସ୍ତ ଘଟଣା ସମ୍ପର୍କରେ ମା' ସ୍ୱପ୍ନାଦେଶ କରିଥିଲେ। ଠାକୁରାଣୀ କୋଶଳ ରାଜ୍ୟରୁ ଆସିଥିବାରୁ ମା'ଙ୍କୁ କୋଶଳାଶୁଣୀ ନାମରେ ଗାଁ ଲୋକ ପୂଜା କରିଥିଲେ। ମା'ଙ୍କ ପୀଠ ପରିସରରେ ଆମିଷ ଖାଦ୍ୟ ବାରଣ ନ ଥିବାବେଳେ ବର୍ଷସାରା କିନ୍ତୁ ମା'ଙ୍କ ନିକଟରେ ସାତ୍ତ୍ୱିକ ଖାଦ୍ୟ ଭୋଗ ଲାଗି ହୋଇଥାଏ। ମାତ୍ର ବର୍ଷକୁ ଥରେ ଅର୍ଥାତ୍ ରଜ ସଂକ୍ରାନ୍ତି ଦିନ ମା'ଙ୍କ ନିକଟରେ ଆମିଷ ଭୋଗ ସମର୍ପଣ ଲାଗି ଅନୁମତି ରହିଥିବା କହିଛନ୍ତି ପୂଜକ ପଞ୍ଚାନନ ମହାପାତ୍ର।

ପୂଜକ ଶ୍ରୀ ମହାପାତ୍ରଙ୍କ ସୂଚନା ମୁତାବକ, ଏକ ଲୋକକଥା ଅନୁଯାୟୀ ବହୁଦିନ ତଳେ କିଛି ଯୁବକ ରଜ ସଂକ୍ରାନ୍ତିରେ ମା'ଙ୍କ ପୀଠ ନିକଟ ଜଙ୍ଗଲରେ ଆମିଷ ରାନ୍ଧି ଭୋଜି କରି ରଜପର୍ବ ପାଳନ କରିଥିଲେ। ମା' ଜଣେ ପ୍ରତ୍ୟକ୍ଷ ଠାକୁରାଣୀ ହୋଇଥିବାବେଳେ ସେମାନଙ୍କ ପରିବାର ମା'ଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଥିଲେ। କିନ୍ତୁ ଏହି ସମୟରେ ଦିବ୍ୟବାଣୀ ହୋଇଥିଲା ପିଲାମାନେ କିଛି ଭୁଲ୍ କରିନାହାନ୍ତି, ସେମାନଙ୍କ ଆତ୍ମସନ୍ତୋଷ କାର୍ଯ୍ୟ ହୋଇଥିବାରୁ ମୁଁ ଏଥିରେ ଖୁସି। ସଂକ୍ରାନ୍ତି ଦିନ ସମସ୍ତ ଗ୍ରାମବାସୀ ମା'ଙ୍କ ନିକଟରେ ଆମିଷ ଭୋଗ କରି ରଜ ପର୍ବ ପାଳନ ଲାଗି ନିର୍ଦ୍ଦେଶ ଆସିଥିଲା। ସେହିଦିନଠାରୁ ଏଭଳି ଏକ ନିଆରା ପରମ୍ପରା ଚାଲିଆସୁଥିବା କହିଛନ୍ତି ଶ୍ରୀ ମହାପାତ୍ର। ମା'ଙ୍କର ଏହି ପର୍ବକୁ ଦେଖିବା ଲାଗି କେବଳ ଆରିକମା ଗାଁ ନୁହେଁ ବରଂ ଆଖପାଖ ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁ ଦେଖିବାକୁ ଆସନ୍ତି। ମା'ଙ୍କର ଏହି ପର୍ବକୁ ପୂଜକ ଶ୍ରୀ ମହାପାତ୍ରଙ୍କ ସମେତ ସହଯୋଗୀ ପୂଜକମାନେ ପରିଚାଳନା କରିଥିବାବେଳେ ଗ୍ରାମବାସୀମାନେ ଏଥିରେ ସହଯୋଗ କରିଛନ୍ତି।

# ଯାତ୍ରୀବାହୀ ବସ୍ ଓଲଟି ୩ ଗୁରୁତର, ୧୦ରୁ ଊର୍ଦ୍ଧ୍ୱ ଆହତ

ଖୋର୍ଦ୍ଧା,୧୫।୬(ସମିସ): ୧୬ନଂ ଜାତୀୟ ରାଜପଥ ପିତାପଲ୍ଲୀ ଛକ ଜୋର ଶଙ୍ଖ ନିକଟରେ ରବିବାର ଅପରାହ୍ଣରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ରାସ୍ତାରେ ଓଲଟିପଡ଼ିଲା। ଏଥିରେ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଆହତଙ୍କ ମଧ୍ୟରେ କବିରାଜ ବେହେରା (୩୨), ପତ୍ନୀ ରଶ୍ମିତା ମାତା (୨୮), କାହ୍ନା ସାମନ୍ତରାୟ (୧୯), କୁମାରୀ ବେହେରା (୬୦), ଶିବ ପ୍ରସାଦ ପଣ୍ଡା (୨୮), କନକ ବେହେରା (୫୫), ଅମିତ୍ କୁମାର ଗୌଡ଼ (୨୦), ପ୍ରଭାକର ପରିଡ଼ା (୫୪) ପ୍ରମୁଖ ରହିଥିବା ମେଡିକାଲ ସୂତ୍ରରୁ ଜଣାଯାଇଛି। ତେବେ କାହ୍ନା ଓ କୁମାରୀଙ୍କ ଅବସ୍ଥା ଗୁରୁତର ଥିବାରୁ ଏମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ଭୁବନେଶ୍ୱରରୁ ନୀଳକଣ୍ଠ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଯାତ୍ରୀଙ୍କୁ ନେଇ ଦିନ ପ୍ରାୟ ୧ଟାବେଳେ ଗଞ୍ଜାମ ଜିଲ୍ଲା ପୋଲସରା ଅଭିମୁଖେ ବାହାରିଥିଲା। ବସ୍‌ରେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ରହିଥିଲେ। ଅପରାହ୍ଣ ୨ଟାରୁ ସାଢ଼େ ୨ଟା ମଧ୍ୟରେ ବସ୍‌ଟି ପିତାପଲ୍ଲୀ ଛକ ଜୋର ଶଙ୍ଖ ନିକଟରେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ଓଲଟି ପଡ଼ିଥିଲା। ଘଟଣାସ୍ଥଳରୁ ବସ୍ ହେଲ୍‌ପର ଓ ଡ୍ରାଇଭର ଫେରାର ହୋଇଯାଇଥିଲେ। ଖବର ପାଇ ଶିଳ୍ପାଞ୍ଚଳ ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂ ଓ ଟିମ୍ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ମେଡିକାଲ୍ ପଠାଇଥିଲେ। ଏଥିରେ ୩ ଜଣ ଗୁରୁତର ଆହତ ହୋଇଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି। ଗୁରୁତରମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଶିଳ୍ପାଞ୍ଚଳ ପୁଲିସ ଘଟଣାସ୍ଥଳରୁ ବସ୍‌ଟିକୁ ଉଦ୍ଧାର କରି ତଦନ୍ତ ଜାରି ରଖିଛି।




# ବନ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

ନିରାକାରପୁର,୧୫।୬(ସମିସ): ଗତ ମେ' ମାସ ୨୩ ତାରିଖରେ ଢେଙ୍କାନାଳରେ ବନରକ୍ଷୀ ପ୍ରହଲ୍ଲାଦ ପ୍ରଧାନଙ୍କ ଶିକାରୀ ଗୁଳିରେ ମୃତ୍ୟୁ ଘଟଣାକୁ ନେଇ ବନ ବିଭାଗ ପକ୍ଷରୁ ୩ଦଫା ଦାବି ରଖି ଗତ ୯ ତାରିଖରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ମୃତକଙ୍କ ପରିବାରକୁ ୧ କୋଟିର ଅନୁକମ୍ପା, ପରିବାରର ଭରଣପୋଷଣ, ଫରେଷ୍ଟ କମିଶନ ଗଠନ, ବନ ବିଭାଗ କର୍ମଚାରୀମାନଙ୍କୁ ପୁଲିସ ଅଧିକାରୀଙ୍କ ଭଳି ଇନ୍ସୁରାନ୍ସ ପ୍ୟାକେଜ ଭଳି ଦାବି ରହିଛି। ଯଦି ସରକାର ଦାବି ପୂରଣ ନ କରନ୍ତି, ତେବେ ଆସନ୍ତା ୨୨ ତାରିଖଠାରୁ ସମସ୍ତ ବନ କର୍ମଚାରୀ ସମୂହ ଛୁଟିରେ ଯିବେ ବୋଲି ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ରବିବାର ବନ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଆରମ୍ଭ କରିଛନ୍ତି।



# ଉଚ୍ଛେଦ ହେଉନି ଜବରଦଖଲ; ସାଧାରଣରେ ଅସନ୍ତୋଷ

ବେଗୁନିଆ,୧୫।୬(ସମିସ): ବେଗୁନିଆ ବ୍ଲକ୍ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ତୁଳସୀପୁର ଗ୍ରାମରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ସୂଚନା ଅନୁଯାୟୀ, ବଡ଼ତୁଳସୀପୁର ଗ୍ରାମର ଖାତା ୩୨୭, ପ୍ଲଟ୍ ନମ୍ବର ୪୫୧, ୪୬୭, ୩୭୦, ସାନତୁଳସୀପୁର ଖାତା ୨୨୮, ପ୍ଲଟ୍ ୧୧୪ ଓ ଖାତା ୨୩୦, ପ୍ଲଟ୍ ୧୦୭ ଦଶଦୋଳ ପଡ଼ିଆର ପାଣ୍ୱର୍ ଓ ରାସ୍ତାକୁ କିଛି ଖଳ ପ୍ରକୃତିର ଲୋକ ଜବରଦଖଲ କରି ଆସୁଛନ୍ତି। ଏହାକୁ ହଟାଇବା ପାଇଁ ଗୋକୁଳା ନନ୍ଦ ତ୍ରିପାଠୀ, ଦୁର୍ଯ୍ୟୋଧନ ସାହୁ, ଦାଶରଥି ସାହୁ, ପ୍ରଶାନ୍ତ ସ୍ୱାଇଁ, କବିରାଜ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ପ୍ରତାପ କୁମାର ଦେବତା, ଆଶୁତୋଷ ଦେବତା ଓ ରାମ ଚନ୍ଦ୍ର ଦାଶଙ୍କ ସମେତ ଅନେକ ବ୍ୟକ୍ତି ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଗତ ଜାନୁଆରୀ ୯ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ଡେପୁଟି କଲେକ୍ଟର(ରାଜସ୍ୱ) ଅଭିଯୋଗ ଉପରେ ବେଗୁନିଆ ତହସିଲ୍‌ଦାରଙ୍କୁ ଗତ ଜାନୁଆରୀ ୩୦ ତାରିଖରେ ଜବରଦଖଲ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜବରଦଖଲ ଉଚ୍ଛେଦ ନିମନ୍ତେ ସ୍ଥାନୀୟ ପ୍ରଶାସନ କାହିଁକି ନିରବ ରହିଛି ତାହା ସମସ୍ତଙ୍କୁ ବିସ୍ମିତ କରିଛି।

# ଟାଙ୍ଗୀ ପୁଲିସ ପକ୍ଷରୁ ବ୍ୟାପକ ମଦ ଜବତ; ଜଣେ ଗିରଫ

ଟାଙ୍ଗୀ,୧୫।୬(ସମିସ): ଶନିବାର ବିଳମ୍ବିତ ରାତିରେ ଟାଙ୍ଗୀ ଥାନା ଆଇଆଇସି ରବୀନ୍ଦ୍ର କୁମାର ଭୂଜବଳଙ୍କ ନିର୍ଦ୍ଦେଶ କ୍ରମେ ଏହି ଥାନା ଅଧୀନସ୍ଥ କୁହୁଡ଼ି ଷ୍ଟେସନ ରୋଡ୍ ପ୍ରତ୍ୟୁଷ ନାୟକଙ୍କ ଘରେ ଚଢ଼ଉ କରି ବିପୁଳ ପରିମାଣର ଚୋରା ମଦ ଜବତ କରିବା ସହ ତାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ସମୁଦାୟ ୧୦୨ ଲିଟର ମଦ ଜବତ କରାଯିବା ସହ ଟାଙ୍ଗୀ ଥାନା ଆଇଆଇସି ଶ୍ରୀ ଭୂଜବଳ ସୂଚନା ଦେଇଛନ୍ତି।

# ରାମଚଣ୍ଡୀ ରଜ ମହୋତ୍ସବ ଉଦ୍‌ଘାଟିତ

ନିରାକାରପୁର,୧୫।୬(ସମିସ): ଓଡ଼ିଶାର କୃଷିଭିତ୍ତିକ ଗଣ ପର୍ବ ରଜ ଉପଲକ୍ଷେ ଖୋର୍ଦ୍ଧା ଜିଲ୍ଲା ଧଉଳିମୁହଁ ପଞ୍ଚାୟତ ରାମଚଣ୍ଡୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀ ପୀଠରେ ୪ ଦିନ ଧରି ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାମଚଣ୍ଡୀ ଗ୍ରାମ୍ୟ କମିଟି ସଭାପତି ମୃତ୍ୟୁଞ୍ଜୟ ଛୋଟରାୟ ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଳୁ ବଳିଆରସିଂହ, ହୃଷୀକେଶ ପାଲଟାସିଂହ, ଶୁଭ୍ରାଂଶୁ ରଞ୍ଜନ ପାଲଟାସିଂହ, ଶଶାଙ୍କ ବଳିଆରସିଂହ, ଗଙ୍ଗାଧର ଆଚାର୍ଯ୍ୟ, ବିରେନ୍ଦ୍ର ଗ୍ରହାଚାର୍ଯ୍ୟ ଓ ସୁରେଶ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଅଣ୍ଡା ହରିପୁର ଗ୍ରାମର ମା' ଯୋଗମାୟା ନାଟ୍ୟ ସଂସଦ ଅଶ୍ୱମେଧ ଯଜ୍ଞ ପରିବେଷଣ କରିଥିବାବେଳେ ଷଢ଼େଇଗଡ଼ର ମା' ମଙ୍ଗଳା ନାଟ୍ୟ ସଂସଦ ଓ ରାମଚଣ୍ଡୀର ରଘୁନାଥ କଳା ପରିଷଦ ଦ୍ୱାରା ରାମଲୀଳା ପରିବେଷଣ କାର୍ଯ୍ୟକ୍ରମ ରହିଛି। ଶେଷ ଦିବସରେ ଭଜନ ସମାରୋହ ଅନୁଷ୍ଠିତ ହେବ।



# କ୍ରୀଡ଼ା ଭାରତୀ ପକ୍ଷରୁ ପାରମ୍ପରିକ କ୍ରୀଡ଼ା ଉତ୍ସବ



ବାଣପୁର,୧୫।୬(ସମିସ): ଓଡ଼ିଶାର ଗଣପର୍ବ ରଜ ଗ୍ରାମଠାରୁ ସହରର ଚାରିଆଡ଼େ ଘରେ ଘରେ ଧୂମ୍‌ଧାମର ସହ ପାଳନ କରାଯାଉଛି। ଏହି ଅବସରରେ ଅଗ୍ରଣୀ ଅନୁଷ୍ଠାନ କ୍ରୀଡ଼ା ଭାରତୀ ଓଡ଼ିଶା, ବାଣପୁର ଶାଖା ତରଫରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଣପୁର ଅଞ୍ଚଳର ଏକ ସଂସ୍କୃତି ସମ୍ପନ୍ନ ଗ୍ରାମ ତୋରସିଓରେ ପାରମ୍ପରିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପୁଚି ଖେଳ, ଦଉଡ଼ି ଡିଆଁ, ସଂଗୀତ ନୃତ୍ୟ, ମ୍ୟୁଜିକ୍ ଚେୟାର, ଚିତ୍ରାଙ୍କନ, ସ୍ଲୋ ସାଇକେଲ ରେସିଙ୍ଗ୍ ଓ ପୀଠା ପ୍ରସ୍ତୁତି ଆଦି ବିଭିନ୍ନ ପାରମ୍ପରିକ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ତୋରସିଂ ଗ୍ରାମର ଯୁବକ ସଂଘର ତତ୍ତ୍ୱାବଧାନ ଓ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ତୋରସିଂ ସମେତ ଆଖପାଖ ଅଞ୍ଚଳର ପିଲାମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ରଜ ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତା



ବେଗୁନିଆ,୧୫।୬(ସମିସ): ବେଗୁନିଆ ସଦର ମହକୁମା ନୂଆସାହିସ୍ଥିତ ଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ର କାନନ ପରିସରରେ ପତିତପାବନ ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବର ଦ୍ୱିତୀୟ ଦିନରେ ବିଭିନ୍ନ ପ୍ରତିଯୋଗିତା ଆୟୋଜି ହୋଇଛି। ଏଥିରେ ଅନ୍ତାକ୍ଷରୀ, ଅନ୍ଧପୁଟୁଳି, ଦଉଡ଼ିଡିଆଁ ଓ ପିଠା ପ୍ରସ୍ତୁତି ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷାବିତ୍ ଭାଗିରଥି ପରିଡ଼ା, ପ୍ରତାପ ସାହୁ, ସୁବାସିନୀ ଜେନା ଓ ପ୍ରତିମା ଖାଡ଼ଙ୍ଗା ପ୍ରମୁଖ ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗଦେଇଥିଲେ। ଅପରାହ୍ଣରେ ସ୍ୱର୍ଗତ ଭକ୍ତି ଭୂଷଣ ତ୍ରିପାଠୀ ସ୍ମୃତି ସଂସଦ ପକ୍ଷରୁ କୁଇଜ୍ ପ୍ରତିଯୋଗିତା, ଭଜନ ସନ୍ଧ୍ୟା, ସାଇ ଆଲ୍‌ଫା ଡ୍ୟାନ୍ସ ଗ୍ରୁପ୍, ମେଲୋଡି ଓ ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଉପଦେଷ୍ଟା ତଥା ଶିକ୍ଷାବିତ୍ ଦିବାକର ସାହୁ, ସଭାପତି ରଶ୍ମି ଚାନ୍ଦ କର, ସମ୍ପାଦକ ଗଙ୍ଗାଧର ମାର୍ଥାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରଜ ସଂକ୍ରାନ୍ତି; ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ଖୋର୍ଦ୍ଧା,୧୫।୬(ସମିସ):

ପହିଲି ରଜର ମଉଜ ମସ୍ତି ପରେ ଶନିବାର ଜିଲ୍ଲାବାସୀ ଧୁମ୍‌ଧାମରେ ପାଳିଛନ୍ତି ରଜ ସଂକ୍ରାନ୍ତି। ପ୍ରଥମ ରଜରେ ଦୋଳିଖେଳ, ପାର୍କ ବୁଲା ଓ ଖେଳକୁଦ ପରେ ରବିବାର ଦ୍ୱିତୀୟ ଦିନକୁ ବେଶ୍ ନିଆରା ଢଙ୍ଗରେ ପାଳନ କରାଯାଇଥିଲା। ରଜ ଲାଗି କେହି କେହି ଦିନଯାକ ଘରେ ରହି ବିଭିନ୍ନ ଖେଳର ମଜା ନେଇଥିଲେ ତ ଆଉ କିଏ ସିନେମା ଦେଖା ଓ ସପିଙ୍ଗ୍ କରିବାରେ ସମୟ କାଟିଥିଲେ। ସେହିପରି ରଜ ସଂକ୍ରାନ୍ତିରେ ମହାଦେବଙ୍କୁ ଦର୍ଶନ କଲେ ପୁଣ୍ୟଫଳ ମିଳୁଥିବା ବିଶ୍ୱାସ ରହିଥିବାରୁ ସକାଳୁ ସକାଳୁ ମହିଳାମାନେ ମନ୍ଦିରରେ ଭିଡ଼ ଲଗାଇଥିବା ଦେଖିବାକୁ ମିଳିଥିଲା।

ରଜ ସଂକ୍ରାନ୍ତିରେ ଖୋର୍ଦ୍ଧା ସହର ସମେତ ଉପକଣ୍ଠ ମନ୍ଦିରଗୁଡ଼ିକରେ ଦେଖାଯାଇଥିଲା ପ୍ରବଳ ଭିଡ଼। ଶିବ ମନ୍ଦିରରେ ଅଧିକ ଭିଡ଼ ଲାଗିଥିବାବେଳେ ରାମ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିର ମଧ୍ୟରେ ଠାକୁରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ି ଲଗାଇଥିଲେ। ଧାଡ଼ିରେ ଅପେକ୍ଷା କରିବାକୁ ପଡୁଥିଲେ ମଧ୍ୟ ମହିଳାମାନେ ବେଶ୍ ଆଗ୍ରହର ସହ ଦର୍ଶନ ସାରି ଘରକୁ ଫେରିଥିଲେ। ସହରର ଗୁରୁଜଙ୍ଗସ୍ଥିତ ଧବଳେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ପଲ୍ଲାସ୍ଥିତ ଲୋକେଶ୍ୱର, ଜରିପୁଟସ୍ଥିତ ବାଲୁଙ୍କେଶ୍ୱର, ଲୋକନାଥ, ସ୍ୱପ୍ନେଶ୍ୱର, ସିଦ୍ଧେଶ୍ୱର, ଟିଏଲ୍‌ସିସ୍ଥିତ ତାରକେଶ୍ୱର, ଶ୍ରୀରାମ ନଗର ଦକ୍ଷେଶ୍ୱର, ବାଘମାରୀ ଅଟ୍ରୀସ୍ଥିତ ବାବା ହଟକେଶ୍ୱର, ବେଗୁନିଆ ଗୋଡ଼ାଲୋକନାଥ, ନିରାକାରପୁର ନୀଳକଣ୍ଠେଶ୍ୱର ଦେବ, ରାମ ମନ୍ଦିରସ୍ଥିତ ଚନ୍ଦ୍ରଶେଖର ଦେବ, ପାଣ୍ଡବପାଟଣା ନୀଳକଣ୍ଠେଶ୍ୱର ଦେବ, ଡିଆ କପିଳେଶ୍ୱର ଦେବ, ଲେଣ୍ଡୁ ସିଦ୍ଧେଶ୍ୱର ଦେବ, ସିକୋର ଚନ୍ଦ୍ରଶେଖରଦେବ ପ୍ରମୁଖ ଶୈବପୀଠରେ ଶ୍ରଦ୍ଧାଳୁମାନେ ଆରାଧନା କରୁଥିବା ଦେଖିବାକୁ ମିଳିଛି। ସେହିପରି ଜରିପୁଟ, ଦଳେଇପୁଟ, ଗଡ଼ଖୋର୍ଦ୍ଧା, ଶ୍ରୀରାମନଗର ଆଦିରେ ଥିବା ହନୁମାନ ମନ୍ଦିରରେ ମଧ୍ୟ ସଂକ୍ରାନ୍ତି ଯୋଗୁଁ ଭିଡ଼ ହୋଇଥିଲା। ଏହା ବ୍ୟତୀତ ବିଭିନ୍ନ ସ୍ଥାନରେ କେତେକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ କୁନି କୁନି ପିଲା, ଯୁବତୀ ଓ ମହିଳାମାନେ ଦୋଳି ଖେଳର ମଜା ନେଇଥିଲେ। ପୋଡ଼ପିଠା ଓ ରଜପାନ ଖିଆ ସାଙ୍ଗକୁ ସଙ୍ଗୀତ, ନୃତ୍ୟର ଆସର ବି ଜମିଥିଲା। ବେଶୀ ଖରା ନ ଥିବାରୁ ପାଗ ବି ବେଶ୍ ସୁହାଇଥିଲା। ରଜଦୋଳି, ତାସ୍, ଚେସ୍ ଖେଳରେ ମଧ୍ୟ ଲୋକଙ୍କ ସମୟ ବିତିଥିଲା। ସହର ଏବଂ ଏହାର ଉପକଣ୍ଠରେ ଖୋଲିଥିବା ରଜପାନ ଦୋକାନ ଆଗରେ ଦିନ ତମାମ ଭିଡ଼ ରହିଥିଲା। ପାର୍କ ଆଦିରେ ଯଦିଓ ଭିଡ଼ ରହିଥିଲା, ତଥାପି ପହିଲି ରଜ ଭଳି ଭିଡ଼ ପରିଲକ୍ଷିତ ହୋଇନାହିଁ। ବରୁଣେଇ, ଭୂଷଣ୍ଡପୁରସ୍ଥିତ ଉଗ୍ରତାରା, ଗଡ଼ମାଣତ୍ରୀସ୍ଥିତ ରାମଚଣ୍ଡୀ ଶକ୍ତିପୀଠ ପ୍ରଭୃତିରେ ରଜ ମହୋତ୍ସବ ପାଇଁ ଅଧିକ ଜନସମାଗମ ପରିଲକ୍ଷିତ ହୋଇଛି।



# ନାଇଜେରିଆରେ ଶହେ ଜଣଙ୍କୁ ଗୁଳିକରି ହତ୍ୟା

## ଅନେକଙ୍କୁ ଘରେ ବନ୍ଦ କରି ଜିଅନ୍ତା ଜାଳିଦେଲେ

ଅବୁଜା, ୧୫।୬ (ଏଜେନ୍ସି): ନାଇଜେରିଆ ବେନ୍ୟୁ ରାଜ୍ୟର ଗୁମା ଅନ୍ତର୍ଗତ ୟେଲେୱାଟାଠାରେ ଆତଙ୍କବାଦୀ ନରସଂହାର କରିଛନ୍ତି। ସଶସ୍ତ୍ର ଆକ୍ରମଣକାରୀ ଗ୍ରାମବାସୀଙ୍କୁ ଚାରିପଟୁ ଘେରି ଗୁଳିମାଡ଼ କରିଛନ୍ତି। ଏଥିରେ ଶହେରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଶତାଧିକ ଆହତ ହୋଇଛନ୍ତି। ଅନେକ ଲୋକ ନିଖୋଜ ମଧ୍ୟ ଅଛନ୍ତି। କିନ୍ତୁ ଦୁଃଖର ବିଷୟ ଏହି କି ଯେ ଆହତଙ୍କୁ ଏ ପର୍ଯ୍ୟନ୍ତ ଜରୁରୀ ଚିକିତ୍ସା ସୁବିଧା ମିଳିପାରି ନାହିଁ। ଶୁକ୍ରବାର ରାତିରେ ଏହି ଆକ୍ରମଣ ହୋଇଥିବାବେଳେ ରବିବାର ଏହା ସାମ୍ନାକୁ ଆସିଛି। ମାନବାଧିକାର ଗୋଷ୍ଠୀ ଆମେନିଷ୍ଟି ଇଣ୍ଟରନ୍ୟାସନାଲ ନାଇଜେରିଆ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦିଆଯାଇଛି। ଏହି ଗୋଷ୍ଠୀବଦ୍ଧ ଆକ୍ରମଣରେ ଆକ୍ରମଣକାରୀ ଗାଁର ଅନେକ ପରିବାରକୁ ତାଙ୍କ ଘରେ ବନ୍ଦ କରି ଜିଅନ୍ତା ଜାଳି ଦେଇଥିଲେ। ଏଥିରେ ଲୋକେ ଏଭଳି ଭାବେ ଜଳି ଯାଇଛନ୍ତି ଯେ ମୃତଦେହ ଚିହ୍ନଟ କରିବା ମଧ୍ୟ କଷ୍ଟସାଧ୍ୟ ହୋଇଯାଇଛି। ବେନ୍ୟୁ ପୁଲିସ ଏହି ମାମଲାର ସୂଚନା ଦେଇଛି। କିନ୍ତୁ କିଏ ଓ କାହିଁକି ଆକ୍ରମଣ କରିଥିଲା ଏବଂ କେତେ ଜଣ ପ୍ରାଣ ହରାଇଛନ୍ତି ତାହାର ତଥ୍ୟ ଦେଇ ନାହିଁ। ବେନ୍ୟୁ ନାଇଜେରିଆର ମଧ୍ୟ ବେଲ୍ଟରେ ରହିଛି। ଏହାର ଉତ୍ତରରେ ମୁସଲମାନ ସଂଖ୍ୟାଗରିଷ୍ଠ। କିନ୍ତୁ ଦକ୍ଷିଣରେ ଅଧିକାଂଶ ଖ୍ରୀଷ୍ଟିଆନ ରହୁଛନ୍ତି। ଜମି ଏବଂ ପାଣିକୁ ନେଇ ଉଭୟ ସମ୍ପ୍ରଦାୟ ମଧ୍ୟରେ ସବୁବେଳେ ସଂଘର୍ଷ ହେଉଛି। ଜନଜାତି ଏବଂ ଧାର୍ମିକ ଭାଗବଣ୍ଟା ଯୋଗୁଁ ଝଗଡ଼ା ଦିନକୁ ଦିନ ବଢ଼ିବାରେ ଲାଗିଛି। ଜମିକୁ ନେଇ ମୁସଲମାନ ଏବଂ ଖ୍ରୀଷ୍ଟିଆନ ପଶୁପାଳକ ଓ କୃଷକଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଛି।



# ଚିହ୍ନଟ ହେଲା ରୂପାଣୀଙ୍କ ମୃତଦେହ, ଅନ୍ତ୍ୟେଷ୍ଟି ଆଜି

## ଚିହ୍ନଟ ହେଲାଣି ୪୭ ମୃତଦେହ

## ୨୪ ମୃତଦେହ ସମ୍ପର୍କୀୟଙ୍କୁ ହସ୍ତାନ୍ତର

ଅହମଦାବାଦ, ୧୫।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ମୃତଦେହ ଚିହ୍ନଟ କରାଯାଇଛି। ରବିବାର ତାଙ୍କ ଡିଏନଏ ମିଶିଛି। ସୋମବାର ଅପରାହ୍ଣ ୩ଟାରେ ରାଜକୋଟରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଗତଚ ୧୨ ତାରିଖରେ ହୋଇଥିବା ଏହି ବିମାନ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ୨୭୫ରେ ପହଞ୍ଚି ଯାଇଛି। ଅହମଦାବାଦ ସିଭିଲ ହସ୍ପିଟାଲ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଏ ପର୍ଯ୍ୟନ୍ତ ୨୩୦ ପରିବାର ସହ ଯୋଗାଯୋଗ କରାଗଲାଣି। ଆଜି ସକାଳ ସୁଦ୍ଧା ୨୪୮ ମୃତଦେହର ଡିଏନଏ ନମୁନା ସଂଗ୍ରହ କରାଯାଇଛି। ୪୭ ମୃତଦେହ ଚିହ୍ନଟ କରାଯାଇଛି। ମୃତ୍ୟୁ ପ୍ରମାଣପତ୍ର ସହିତ ୨୪ଟି ମୃତଦେହ ସମ୍ପର୍କୀୟଙ୍କୁ ପ୍ରଦାନ କରାଯାଇଛି। ଆମ୍ବୁଲାନ୍ସ ମାଧ୍ୟମରେ ମୃତଦେହକୁ ପଠା ଯାଉଛି। ଏଥିପାଇଁ ୨୩୦ ଟିମ୍ ଗଠନ କରାଯାଇଛି। ଏମାନେ ମୃତକଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରୁଛନ୍ତି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୧ ବିଦେଶୀ ନାଗରିକଙ୍କ ସମ୍ପର୍କୀୟ ଆଜି ଅହମଦାବାଦରେ ପହଞ୍ଚି ପାରନ୍ତି। ସେହିପରି ମୃତଦେହ ରଖିବା ପାଇଁ ଭଦୋଦରାରୁ ୧୦୦ କଫିନ ଅହମଦାବାଦ ଅଣାଯାଇଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ଟିମ୍ ଏବଂ ବୋଇଂ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ରା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ଅହମଦାବାଦ ହସ୍ପିଟାଲକୁ ଯାଇ ଆହତଙ୍କ ସହ ମଧ୍ୟ କଥା ହୋଇଛନ୍ତି। ଏହି ଦୁର୍ଘଟଣା ଗଭୀର ଆଘାତ ଦେଇଛି ବୋଲି ସେ କହିଛନ୍ତି।



# ଏୟାର ଇଣ୍ଡିଆକୁ ଶନିଦଶା



## ଭଦୋଦରାରେ ଜରୁରୀ ଅବତରଣ

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ଏୟାର ଇଣ୍ଡିଆର ସଙ୍କଟ ଥମିବାର ନା ଧରୁନି। ଅହମଦାବାଦ ବିମାନ ଦୁର୍ଘଟଣା ପରେ ରବିବାର ସନ୍ଧ୍ୟାରେ ନୂଆଦିଲ୍ଲୀରେ କମ୍ପାନୀର ଆଉ ଏକ ବିମାନ ଜରୁରୀ ଅବତରଣ କରିଛି। ସୂଚନା ଅନୁଯାୟୀ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର (ଆଇଜିଆଇ)ରୁ ସନ୍ଧ୍ୟା ୬ଟା ୫୧ରେ ଦିଲ୍ଲୀ-ଭଦୋଦରା (ଏଆଇ-୮୧୯) ବିମାନ ଉଡ଼ାଣ ଆରମ୍ଭ କରିଥିଲା। ମାତ୍ର ଏହା ପରେ ପାଇଲଟ୍ ଲ୍ୟାଣ୍ଡିଂ ଗିୟରରେ ସମସ୍ୟା ଥିବା ଆଶଙ୍କା କରିଥିଲେ। ଏହା ପରେ ଦିଲ୍ଲୀ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ସୂଚନା ଦେଇଥିଲେ। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହାକୁ ଦିଲ୍ଲୀ ଫେରାଇ ଅଣା ଯାଇଥିଲା। ଉଡ଼ାଣର ଅଧଘଣ୍ଟା ପରେ ୭ଟା୨୦ରେ ଆଇଜିଆଇରେ ବିମାନ ଜରୁରୀ ଅବତରଣ କରିଥିଲା। ଏଥିପାଇଁ ବିମାନବନ୍ଦରରେ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ସବୁ କିଛି ଯାଞ୍ଚ କରିବା ପରେ ଏହା ରାତିରେ ଉଡ଼ାଣ ଭରିବ।

## ଏସି ନାହିଁ, ଗରମରେ ୫ ଘଣ୍ଟା ସିଝିଲେ ଯାତ୍ରୀ

ଦୁବାଇ, ୧୫।୬ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆ କମ୍ପାନୀର ପିଛା ଛାଡୁ ନାହିଁ। ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନ ଆଇଏକ୍ସ-୧୯୬ରେ ଏସି କାମ କରିନାହିଁ। ଏଥିପାଇଁ ଯାତ୍ରୀ ବିନା ଏସିରେ ୫ ଘଣ୍ଟା ପର୍ଯ୍ୟନ୍ତ ଗରମରେ ସିଝିଥିଲେ। ଯାତ୍ରୀଙ୍କୁ ବିମାନବନ୍ଦରକୁ ଯିବାକୁ ମଧ୍ୟ ଦିଆଯାଇ ନ ଥିଲା। ବିମାନ ଭିତରେ ରହିବାକୁ ବାଧ୍ୟ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ଗତ ୧୩ ତାରିଖରେ ଦୁବାଇରୁ ରାଜସ୍ଥାନର ଜୟପୁର ଆସୁଥିବା ବିମାନରେ ଏହି ସ୍ଥିତି ଦେଖା ଯାଇଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ବିମାନ ୫ ଘଣ୍ଟା ବିଳମ୍ବରେ ଉଡ଼ାଣ କରିଥିଲା। ଏହି ବିମାନର ଭିଡିଓ ଭାଇରାଲ ହେବାରେ ଲାଗିଛି। ୪୦ ଡିଗ୍ରୀ ତାପମାତ୍ରାରେ ଯାତ୍ରୀ ବିମାନ ଭିତରେ ରହି ହାତରେ କାଗଜ ଧରି ବିଞ୍ଚି ହେଉଥିବାର ଦେଖାଯାଉଛି। ଏଥିଯୋଗୁଁ କିଛି ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ବିଗିଡି ଯାଇଥିଲା। ବିମାନରେ ପର୍ଯ୍ୟାପ୍ତ ପାଣି ବି ନ ଥିଲା। ଏଥିପାଇଁ ବିମାନ କମ୍ପାନୀର ପରିଚାଳକଙ୍କୁ ଦାୟୀ କରିବାକୁ ଡିଜିସିଏ ନିକଟରେ ଯାତ୍ରୀ ଦାବି କରିଛନ୍ତି।

## ଗୌହାଟୀ-କୋଲକାତା ବିମାନ ୧୮ ଘଣ୍ଟା ବିଳମ୍ବ

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନ ଆଇଏକ୍ସ-୧୨୨୬ ବିମାନ ଯାତ୍ରୀଙ୍କ ପାଇଁ ଖରାପ ସ୍ୱପ୍ନ ସଦୃଶ ହୋଇଛି। ଗୌହାଟୀରୁ କୋଲକାତା ଯାତ୍ରା କରିବାକୁ ଥିବା ଏହି ବିମାନର ଉଡ଼ାଣରେ ୧୮ ଘଣ୍ଟା ବିଳମ୍ବ ହୋଇଛି। ଯାନ୍ତ୍ରିକ ତ୍ରୁଟି ଦେଖାଯିବା ଯୋଗୁଁ ବିମାନକୁ ଦୁଇ ଦୁଇ ଥର ଅଟକାଇ ଦିଆଯାଇଛି। ଏହି ବିମାନରେ ୧୭୦ ଯାତ୍ରୀ ଯାତ୍ରା କରୁଥିଲେ। ଏହା ଶନିବାର ରାତି ୯ଟା ୨୦ରେ ଲୋକପ୍ରିୟ ଗୋପୀନାଥ ବରୋଦୋଲୋଇ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଛାଡ଼ିବାର ଥିଲା। ଯାତ୍ରୀ ବସି ସାରିଥିବା ସତ୍ତ୍ୱେ ବିମାନକୁ ମଧ୍ୟରାତ୍ରିରେ ଅନେକ ଘଣ୍ଟା ପର୍ଯ୍ୟନ୍ତ ଅଟକାଇ ଦିଆଯାଇଥିଲା। ରାତି ୧ଟା୩୦ରେ ଯାତ୍ରୀଙ୍କୁ ପ୍ରଥମେ ଲାଉଞ୍ଜ ଏବଂ ପରେ ହୋଟେଲକୁ ନିଆଯାଇଥିଲା। ଏଠାରେ ଜଳଖିଆ କରିବାକୁ ମଧ୍ୟ ଦିଆଯାଇ ନ ଥିଲା। ଏହା ପରେ ସକାଳେ ପୁଣି ଯାତ୍ରୀଙ୍କୁ ବିମାନବନ୍ଦରକୁ ନିଆଯାଇ ସମାନ ସମସ୍ୟା ଲାଗି ଫେରାଇ ଅଣା ଯାଇଥିଲା। ଶେଷରେ ଅନ୍ୟ ଏକ ବିମାନରେ ରବିବାର ଅପରାହ୍ଣ ୩ଟା ୩୪ରେ ଯାତ୍ରୀଙ୍କୁ ଗନ୍ତବ୍ୟସ୍ଥଳକୁ ପଠା ଯାଇଥିଲା।

# ଜନ୍ମଦିନରେ ଟ୍ରମ୍ପଙ୍କ ବିରୋଧରେ ବିକ୍ଷୋଭ



ୱାଶିଂଟନ, ୧୫।୬ (ଏଜେନ୍ସି): ସାରା ବିଶ୍ୱକୁ ଗଣତନ୍ତ୍ରର ଶିକ୍ଷା ଦେଉଥିବା ଆମେରିକା ଉପରେ ଏକଛତ୍ରବାଦର ଅଭିଯୋଗ ଲାଗିଛି। ଆମେରିକା ସେନାର ୨୫୦ତମ ପ୍ରତିଷ୍ଠା ଦିବସ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜନ୍ମଦିନ (ଶନିବାର)କୁ ନେଇ ଖୁସିର ମାହୋଲ ଥିବାବେଳେ ରବିବାର ହଜାର ହଜାର ଲୋକ ରାଷ୍ଟ୍ରପତିଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ଗୋଟିଏ ପଟେ ଟ୍ରମ୍ପ ସେନାକୁ ସମ୍ବୋଧନ କରିଥିବାବେଳେ ଅନ୍ୟପଟେ ତାଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଉଗ୍ର ହୋଇଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକଛତ୍ରବାଦର ଶାସନ ଚାଲିଛି ବୋଲି ବିକ୍ଷୋଭକାରୀ ଅଭିଯୋଗ କରିଛନ୍ତି। କଥା କଥାରେ ଅନ୍ୟ ଦେଶକୁ ଗଣତନ୍ତ୍ରର ପରାମର୍ଶ ଦେଉଥିବା ଆମେରିକା ଆଜି ନିଜେ ଏଥିରେ ଛନ୍ଦି ହୋଇଯାଇଛି। ଲୋକଙ୍କ ଅଧିକାରକୁ ଟ୍ରମ୍ପ ପ୍ରଶାସନ ଦଳିଚକଟି ଦେଉଥିବା ଅଭିଯୋଗ କରି ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ଟ୍ରମ୍ପଙ୍କ ନୀତି ବିଶେଷ କରି ପ୍ରବାସୀଙ୍କ ବିରୋଧରେ ହେଉଥିବା କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଶନିବାର ଦେଶରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଆଜି ମଧ୍ୟ ଏହା ଜାରି ରହିଛି। ଅନେକ ସହରରେ ବିକ୍ଷୋଭ କରାଯାଇଛି। ରାଜା ଶାସନ ଚାଲିବ ନାହିଁ ବୋଲି ବିକ୍ଷୋଭକାରୀ ସ୍ଲୋଗାନ ଦେଇଛନ୍ତି। ଆଟଲାଣ୍ଟା, ଫିଲାଡେଲଫିଆ, ସିକାଗୋ, ନ୍ୟୁୟର୍କ, ଅଷ୍ଟିନ, ଲସ୍ ଆଞ୍ଜେଲସ ଏବଂ ହ୍ୟୁଷ୍ଟନ ସମେତ ଅନ୍ୟ ସହର ଗୁଡିକରେ ଲୋକେ 'ନୋ କିଙ୍ଗ୍ସ: ଡେ ଅଫ୍ ଡିଫାୟନ୍ସ' ନାମରେ ବିରୋଧ କରାଯାଇଛି। ସଡ଼କ, ପାର୍କ ଏବଂ ପୁଲିସ ପୋଷ୍ଟ ଗୁଡିକର ବିକ୍ଷୋଭ କରାଯାଇଛି। ଏଥିରେ ଲକ୍ଷାଧିକ ଲୋକ ସାମିଲ ହୋଇଥିଲେ। ଟ୍ରମ୍ପ ଗଣତାନ୍ତ୍ରିକ ସଂସ୍ଥାକୁ ଦୁର୍ବଳ କରି ରାଜା ଭଳି ବ୍ୟବହାର କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏକଛତ୍ରବାଦ ଚଳିବ ନାହିଁ ଏବଂ ପ୍ରବାସୀଙ୍କ ଅଧିକାର ଜିନ୍ଦାବାଦ ସ୍ଲୋଗାନ ଦିଆଯାଇଛି।

ଆଜି ଆମେରିକା ସମାଜର ୨ଟି ଝଲକ ଦେଖିବାକୁ ମିଳିଥିଲା। ଗୋଟିଏ ପଟେ ସେନା ଶୌର୍ଯ୍ୟ ପ୍ରଦର୍ଶନ କରି ଇତିହାସ ସୃଷ୍ଟି କରିଥିବାବେଳେ ଅନ୍ୟପଟେ ଗଣତାନ୍ତ୍ରିକ ଏବଂ ଲୋକଙ୍କ ଅଧିକାର ପାଇଁ ସ୍ୱର ଉଠିଛି। ଟ୍ରମ୍ପଙ୍କ ଏହି ପରେଡ ତାଙ୍କ ସମର୍ଥକଙ୍କ ପାଇଁ ଉତ୍ସବ ଆଣିଥିବାବେଳେ ବିରୋଧୀଙ୍କ ତାଙ୍କୁ ଚେତାବନୀ ଦେଇଛନ୍ତି। ଏହି ପ୍ରଦର୍ଶନ ସମୟରେ କିଛଇ ସ୍ଥାନରେ ହିଂସା ହୋଇଛି। ଲସ୍ ଆଞ୍ଜେଲସ ଏବଂ ପୋର୍ଟଲାଣ୍ଡରେ ପୁଲିସ ପ୍ରଦର୍ଶନକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଆନ୍ଦୋଳନକାରୀଙ୍କୁ ଘଉଡାଇବା ପାଇଁ ଲୁହବୁହା ଗ୍ୟାସ ମାଡ କରାଯାଇଛି। ଏଥିରେ ଅନେକ ଆହତ ହୋଇଛନ୍ତି। ସଲ୍ଟ ଲେକ୍ ସିଟିରେ ପୁଲିସ ଫାଙ୍କା ଗୁଳିଚାଳନା କରିଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି।

# ଦୁଇ ଭାଇ ଠକିନେଲେ ୨୬୭୬ କୋଟି



ଜୟପୁର, ୧୫।୬ (ଏଜେନ୍ସି): ରାଜସ୍ଥାନରୁ ବଡ଼ ଠକେଇ ମାମଲା ସାମ୍ନାକୁ ଆସିଛି। ସିକର ଜିଲ୍ଲାର ଦୁଇ ଭାଇ ସୁଭାଷ ବିଜାରାନୀ ଏବଂ ରଣବୀର ବିଜାରାନୀ ସ୍ମାର୍ଟ ସିଟି ନାମରେ ଲୋକଙ୍କୁ ଠକି ସର୍ବସ୍ୱାନ୍ତ କରିଦେଇଛନ୍ତି। ଦୁହେଁ ଅଧିକ ରିଟର୍ଣ୍ଣ, ଫ୍ଲାଟ୍, ପ୍ଲଟ୍‌ର ପ୍ରତିଶ୍ରୁତି ଦେଇ ସାରା ଦେଶରୁ ପ୍ରାୟ ୭୦ ହଜାର ଲୋକଙ୍କଠାରୁ ୨,୬୭୬ କୋଟି ଟଙ୍କା ଠକି ନେଇଛନ୍ତି। ଏହି ଠକେଇ ପାଇଁ ସେ ସଂସ୍ଥା ମଧ୍ୟ ଗଢ଼ିଥିଲେ। ନିଯୁକ୍ତି ଦେଇ ଲୋକଙ୍କୁ ଠକିବାର ପ୍ରଶିକ୍ଷଣ ଦେଉଥିଲେ। ଯେତେ ଅଧିକ ନିବେଶକ ଯୋଡିବେ ସେତେ ଅଧିକ କମିଶନ ସହିତ ବାଇକ୍, ଲ୍ୟାପ୍‌ଟପ୍, କାର୍ ଆଦି ଦେବାକୁ ଏଜେଣ୍ଟମାନଙ୍କୁ ପ୍ରତିଶ୍ରୁତି ଦେଉଥିଲେ। ଶେଷରେ ନିବେଶକ ବିପୁଳ ଟଙ୍କା ଧରି ଦୁଇ ଭାଇ ଅଫିସ ବନ୍ଦ କରି ଫେରାର ହୋଇ ଯାଇଥିଲେ। ରାଜସ୍ଥାନ ଯୋଧପୁର ପୁଲିସ ଏହି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଇଡି ମଧ୍ୟ ମାମଲା ହାତକୁ ନେଇଛି। ଗତ ଗୁରୁବାର ଏଜେନ୍ସି ଏହି ମାମଲାରେ ୨୫ ଠିକଣାରେ ଚଢ଼ଉ କରିଥିଲା।

ସୂଚନା ଅନୁଯାୟୀ ସୁଭାଷ ଏବଂ ରଣବୀର ୨୦୨୧ରେ 'ନେକ୍ସା ଏଭରଗ୍ରୀନ୍' ନାମରେ କମ୍ପାନୀ ଖୋଲିଥିଲେ। ଏହାକୁ ଅହମଦାବାଦରେ ପଞ୍ଜିକୃତ କରିଥିଲେ। ଗୁଜୁରାଟର 'ଧୋଲେରା ସ୍ମାର୍ଟ ସିଟି' ପ୍ରକଳ୍ପର ଫଟୋ ଦେଖାଇ ନିବେଶକଙ୍କୁ ଆକୃଷ୍ଟ କରିଥିଲେ। ରଣବୀର ପ୍ରଥମେ ୨୦୧୪ରେ ଏବଂ ପରେ ଅବସରପ୍ରାପ୍ତ ସେନା କର୍ମଚାରୀ ସୁଭାଷ ୩୦ ଲକ୍ଷ ଟଙ୍କା ଦେଇ ଧୋଲେରାରେ ଜମି କିଣିଥିଲେ। ଏଠାରେ ନିଜର ୧୩୦୦ ବିଘା ଜମି ରହିଛି ଏବଂ ଏହା ବିଶ୍ୱସ୍ତରୀୟ ସସ ସ୍ମାର୍ଟସିଟି ହେବାକୁ ଯାଉଥିବା କହି ଲୋକଙ୍କୁ ଭୁଆଁ ବୁଲାଇ ଥିଲା। ଏଥିରେ ଦୁଇ ଭାଇଙ୍କୁ ସଲିମ୍ ଖାନ, ସମୀର, ଦାତାର ସିଂହ, ରକ୍ଷାପାଲ, ଓମପାଲ ଏବଂ ସନୱାରମାଲ ଆଦି ସହଯୋଗ କରିଥିଲେ। ଏମାନଙ୍କ ମାଧ୍ୟମରେ ଏଜେଣ୍ଟ ନିଯୁକ୍ତ କରି ୧୫୦୦ କୋଟି ଟଙ୍କାର କମିଶନ ବାଣ୍ଟି ନେଇଗଲେ। ଠକେଇ ଅର୍ଥରୁ ୧୩୦୦ ବିଘା ଜମି, ରାଜସ୍ଥାନରେ ବିଳାସପୂର୍ଣ୍ଣ କାର, ଖଣି ଏବଂ ହୋଟେଲ, ଅହମଦାବାଦରେ ଫ୍ଲାଟ୍ ଏବଂ ଗୋଆରେ ୨୫ଟି ରେସ୍ତୋରାଁ କିଣିଥିଲେ। ନଗଦ ଆକାରରେ ୨୫୦ କୋଟି ନେଇଥିଲେ। ଅବଶିଷ୍ଟ ଟଙ୍କାକୁ ୨୭ଟି ସେଲ୍ କମ୍ପାନୀକୁ ହସ୍ତାନ୍ତର କରିଥିଲେ।

## ■ ଜେସିବିରେ ମାଟିଖୋଳା | ଏକାସଙ୍ଗେ ଭୁଶୁଡ଼ିଲା ୬ କୋଠା; ୩ ମୃତ

ମଥୁରା, ୧୫।୬ (ଏଜେନ୍ସି): ଉତ୍ତର ପ୍ରଦେଶ ମଥୁରାର ଗୋବିନ୍ଦ ନଗର ଅଞ୍ଚଳରେ ରବିବାର ଦ୍ୱିପହରେ ବଡ଼ ଅଘଟଣ ଘଟିଛି। ଜେସିବିରେ ମାଟି ଖୋଳା ଚାଲିଥିବାବେଳେ ୬ଟି କୋଠା ଏକାଥରକେ ଭୁଶୁଡ଼ି ଯାଇଛି। ଏହି ଦୁର୍ଘଟଣାରେ ୩ ଜଣଙ୍କ ଜୀବନ ଯାଇଛି। ୪ ଜଣଙ୍କୁ ଅବଶେଷ ତଳୁ ଉଦ୍ଧାର କରାଯାଇଛି। ଆହୁରି ୬-୭ ଜଣ ଅବଶେଷ ତଳେ ଫସି ରହିଥିବା କୁହାଯାଉଛି। ଏହାର ସୂଚନା ପାଇବା ପରେ ପୁଲିସ, ନଗର ନିଗମ, ପ୍ରଶାସନ ଏବଂ ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚି ଥିଲା। ପରେ ଏନଡିଆରଏଫ ଏଥିରେ ସାମିଲ ହୋଇଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତକଙ୍କ ମଧ୍ୟରେ ତୋତାରାମ (୩୮), ଦୁଇ ଭଉଣୀ ଯଶୋଦା (୬) ଏବଂ କାବ୍ୟ (୬) ସାମିଲ ଅଛନ୍ତି। ସୂଚନା ଅନୁଯାୟୀ ଭୁଶୁଡି ଯାଇଥିବା ସମସ୍ତ ୬ଟି ଘର ମାଟିର ଢିପି ଉପରେ ନିର୍ମିତ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ଏଠାରେ ଥିବା ଖାଲି ଜମିରେ ଜେସିବି ଖୋଳୁଥିଲା। ହଠାତ୍ ମାଟି ଭୁଶୁଡ଼ି ପଡ଼ିଲା ଏବଂ ଗୋଟିଏ ପରେ ଗୋଟିଏ ସମସ୍ତ ଘର ଭଗ୍ନାଂଶରେ ଅବଶେଷରେ ପରିଣତ ହୋଇଗଲା। ଏହି ସମୟରେ ଭୂମିକମ୍ପ ହୋଇଥିବା ପରି ଅନୁଭବ ହୋଇଥିଲା।

# ସାଇପ୍ରସରେ ମୋଦୀ; ସ୍ୱାଗତ କଲେ ରାଷ୍ଟ୍ରପତି

ନିକୋସିଆ, ୧୫।୬ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ସାଇପ୍ରସରେ ପହଞ୍ଚିଛନ୍ତି। ସାଇପ୍ରସ ରାଷ୍ଟ୍ରପତି ନିକୋସ କ୍ରିଷ୍ଟୋଡୌଲିଡେସ ତାଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଛନ୍ତି। ମୋଦୀଙ୍କ ହାତ ଧରି ନିକୋଶ ପାଛୋଟି ନେଇଛନ୍ତି। ଏହା ପରେ ମୋଦୀ ସାଇପ୍ରସର ଲିମାସୋଲ ଯାଇଥିଲେ। ହୋଟେଲ ବାହାରେ ଭାରତୀୟ ସମୁଦାୟର ଲୋକଙ୍କୁ ଭେଟିଥିଲେ। ଦୁଇ ଦେଶ ମଧ୍ୟରେ ବ୍ୟାପାର ବୃଦ୍ଧିକୁ ନେଇ ମୋଦୀ ଏବଂ ନିକୋଶଙ୍କ ମଧ୍ୟରେ ବୈଠକ ହୋଇଥିଲା। ଏଥିରେ ବ୍ୟବସାୟୀକ ବର୍ଗ ମଧ୍ୟ ସାମିଲ ହୋଇଥିଲେ। ସାଇପ୍ରସ ପରେ ମୋଦୀ କାନାଡ଼ା ଗସ୍ତ କରି ଜି-୭ ଶିଖର ସମ୍ମିଳନୀରେ ସାମିଲ ହେବେ।

# ଆଜି ଜାରି ହେବ ବିଜ୍ଞପ୍ତି

## ଜନଗଣନାକୁ ନେଇ ଶାହାଙ୍କ ସମୀକ୍ଷା ବୈଠକ

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ରବିବାର ଏକ ବୈଠକ କରି ଆଗାମୀ ଜନଗଣନା ପାଇଁ ଚାଲିଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହି ବୈଠକରେ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ଏବଂ ରେଜିଷ୍ଟ୍ରାର ଜେନେରାଲ ଆଣ୍ଡ ସେନ୍‌ସସ୍ କମିଶନର ମୃତ୍ୟୁଞ୍ଜୟ କୁମାର ନାରାୟଣ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଭାରତର ୧୬ତମ ଜନଗଣନା ୨୦୨୭ ମାର୍ଚ୍ଚ ୧ରେ ଆରମ୍ଭ ହେବ। ତେବେ ଲଦାଖ ଭଳି ବରଫ ଆଚ୍ଛାଦିତ ଅଞ୍ଚଳରେ ଏହା ୨୦୨୬ ଅକ୍ଟୋବରରୁ ପ୍ରାରମ୍ଭ ହେବ। ପ୍ରଥମ ଥର ପାଇଁ ଜନଗଣନାରେ ଜାତିଗତ ତଥ୍ୟ ସଂଗ୍ରହ କରାଯିବ। ଏ ନେଇ ସୋମବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହେବ ବୋଲି ସୂଚନା ମିଳିଛି। ଏହି ଜନଗଣନା ଦୁଇଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ହାଉସଲିଷ୍ଟିଂ ଅପରେସନ (ଏଚ୍‌ଏଲ୍‌ଓ) ଏବଂ ପରେ ଜନସଂଖ୍ୟା ଗଣନା ହେବ। ଜନଗଣନା କାପାଇଁ, ପ୍ରାୟ ୩୪ ଲକ୍ଷ ଗଣନାକାରୀ ଓ ପର୍ଯ୍ୟବେକ୍ଷକ ଏବଂ ପ୍ରାୟ ୧.୩ ଲକ୍ଷ ଜନଗଣନା କାର୍ଯ୍ୟକର୍ତ୍ତାଙ୍କୁ ନିୟୋଜିତ କରାଯିବ।

# କାଳ ପାଲଟିଛି ପରକୀୟା ପ୍ରୀତି | ୫ ବର୍ଷରେ ନିଜ ସିନ୍ଦୂର ପୋଛିଛନ୍ତି ୭୮୫ ପତ୍ନୀ

## ବର୍ଷକୁ ୨୭୫ ସ୍ୱାମୀଙ୍କୁ କରାଯାଉଛି ହତ୍ୟା

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି):



ପରକୀୟାପ୍ରୀତି କାଳ ପାଲଟି ଯାଉଛି। ପତ୍ନୀଙ୍କ ଅବୈଧ ସମ୍ପର୍କ ଲାଗି ଅନେକ ସ୍ୱାମୀଙ୍କ ଜୀବନ ଯାଉଛି। ରାଜା ରଘୁବଂଶୀ ହୁଅନ୍ତୁ ଅବା ମିରଠର ସୌରଭ ରାଜପୁତ କିମ୍ବା ଭିୱାନୀର ପ୍ରବୀଣ ହତ୍ୟାକାଣ୍ଡ ସବୁଥିରେ ପତ୍ନୀ ଏବଂ ତାଙ୍କ ପ୍ରେମିକଙ୍କ ହାତ ରହିଛି। ପରକୀୟାପ୍ରୀତି ପାଇଁ ସମାଜ, ସଂସ୍କୃତି ଏବଂ ସଂସ୍କାରକୁ ବି ଦେଖୁନାହାନ୍ତି। ପ୍ରେମ ପାଇବା ପାଇଁ ଛଳ କରୁଛନ୍ତି। ମିଛ କହୁଛନ୍ତି। ଏପରିକି ଅନ୍ୟର ଜୀବନ ନେବାକୁ ମଧ୍ୟ ପଛାଉ ନାହାନ୍ତି। ଗତ କିଛି ବର୍ଷ ହେଲା ଏଭଳି ମାମଲା ଅଧିକ ବୃଦ୍ଧି ପାଇଛି। କାହାର ବିବାହ ପୂର୍ବରୁ ତ ଆଉ କାହାର ବିବାହ ପରେ ପ୍ରେମ ହେଉଛି। ଏହାର ଫଳ ନିରୀହ ସ୍ୱାମୀଙ୍କୁ ଭୋଗିବାକୁ ପଡୁଛି। ହାତ ଧରି ଘରକୁ ଆଣିଥିବା ପତ୍ନୀ ହିଁ ସ୍ୱାମୀ ପାଇଁ କାଳ ପାଲଟି ଯାଉଛି। କେଉଁଠି ନୀଳ ଡ୍ରମରେ ମୃତଦେହ ମିଳୁଛି ତ ଆଉ କେଉଁଠି ହତ୍ୟାକରି ନାଳରେ ଫୋପାଡ଼ି ଦିଆଯାଉଛି। ଏଭଳି ଅନେକ ମାମଲା ଦେଶରେ ଚର୍ଚ୍ଚାରେ ରହିଛି।

କ୍ରାଇମ ଡାଟା ଏବଂ ରିପୋର୍ଟ ଅନୁଯାୟୀ ଗତ ୫ ବର୍ଷରେ ଦେଶର ୫ ରାଜ୍ୟରେ ୭୮୫ ପତ୍ନୀ ନିଜେ ନିଜ ସିନ୍ଦୂର ପୋଛିଛନ୍ତି। ପରକୀୟାପ୍ରୀତି ପାଇଁ ସ୍ୱାମୀଙ୍କୁ ମାରି ଦିଆଯାଇଛି। ଏହି ରାଜ୍ୟ ମଧ୍ୟରେ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ବିହାର, ରାଜସ୍ଥାନ ଏବଂ ମହାରାଷ୍ଟ୍ର ସାମିଲ ରହିଛି। ସେହିପରି ଦେଶରେ ବର୍ଷକୁ ୨୭୫ ସ୍ୱାମୀଙ୍କୁ ହତ୍ୟା କରାଯାଉଛି। ଏହି ତଥ୍ୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ମହିଳା କାହିଁକି ଚାହୁଁଛନ୍ତି ବୋଲି ପ୍ରଶ୍ନ ଉଠୁଛି।

ରିପୋର୍ଟ ଅନୁଯାୟୀ ସ୍ୱାମୀଙ୍କ ହତ୍ୟାରେ ୟୁପି ଆଗରେ ରହିଛି। ଏଠାରେ ୨୦୨୦ରେ ୨୦ ଜଣ, ୨୦୨୧ରେ ୫୨ ଜଣ, ୨୦୨୨ରେ ୬୦ ଜଣ, ୨୦୨୩ରେ ୫୫ ଜଣ ଏବଂ ୨୦୨୪ରେ ୬୨ ଜଣ ସ୍ୱାମୀଙ୍କୁ ହତ୍ୟା କରାଯାଇଥିଲା। ଏହି କ୍ରମରେ ବିହାରରେ ୩୦ ଜଣ, ୩୫ ଜଣ , ୪୦ ଜଣ, ୩୯ ଜଣ ଏବଂ ୪୨ ଜଣ ସ୍ୱାମୀଙ୍କୁ ମାରି ଦିଆଯାଇଥିଲା। ସେହିପରି ରାଜସ୍ଥାନରେ ଗତ ୫ ବର୍ଷରେ ୨୦ ଜଣ, ୨୫ ଜଣ, ୨୮ ଜଣ, ୩୦ ଜଣ, ୩୫ ଜଣ, ମହାରାଷ୍ଟ୍ରରେ ୧୫ଜଣ, ୧୮ ଜଣ, ୨୦ ଜଣ, ୨୨ ଜଣ ଏବଂ ୨୫ ଜଣ, ମଧ୍ୟପ୍ରଦେଶରେ ୧୨ ଜଣ, ୧୫ ଜଣ, ୧୮ ଜଣ, ୨୦ ଜଣ ଏବଂ ୨୨ ଜଣ ସ୍ୱାମୀଙ୍କୁ ହତ୍ୟା କରାଯାଇଥିଲା। ୨୦୨୨ର ଏନ୍‌ସିଆରବି ରିପୋର୍ଟ ଅନୁଯାୟୀ ହତ୍ୟାରେ ପ୍ରେମ ବ୍ୟାପାର ତୃତୀୟ ବଡ଼ କାରଣ ହୋଇଛି। ଏକ ଯାଞ୍ଚରୁ ଜଣାପଡ଼ିଛି ଯେ ଭାରତରେ ପ୍ରତି ବର୍ଷ ୨୭୫ ସ୍ୱାମୀଙ୍କୁ ସ୍ତ୍ରୀ ହତ୍ୟା କରୁଛନ୍ତି। ବ୍ରିଟିଶ ମେଡିକାଲ ଜର୍ଣ୍ଣାଲ 'ଦ ଲାନସେଟ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ମହିଳାଙ୍କ ସମ୍ବନ୍ଧିତ ୬୦ ପ୍ରତିଶତ ହତ୍ୟା ପଛରେ ତାଙ୍କର ବର୍ତ୍ତମାନ କିମ୍ବା ପୂର୍ବତନ ପ୍ରେମିକର ହାତ ରହିଛି। ଦେଶରେ ୧୦ରୁ ଗୋଟିଏ ହତ୍ୟା ପଛରେ ପ୍ରେମିକ, ପତି କିମ୍ବା ପତ୍ନୀ ଦ୍ୱାରା କରାଯାଇଥାଏ। ୨୦୧୦ରୁ ୧୦୧୪ ମଧ୍ୟରେ ପ୍ରେମ ସମ୍ବନ୍ଧ ଏବଂ ସମ୍ପର୍କ ସମ୍ବନ୍ଧିତ ହତ୍ୟାର ଅନୁପାତ ୭ରୁ ୮ ପ୍ରତିଶତ ମଧ୍ୟରେ ଥିଲା। ମାତ୍ର ୨୦୧୫ରୁ ୨୦୨୨ ମଧ୍ୟରେ ଏହା ୧୦ରୁ ୧୧ ପ୍ରତିଶତରେ ପହଞ୍ଚି ଯାଇଛି।

# ୨୪ ଘଣ୍ଟାରେ ୧୦ କରୋନା ରୋଗୀଙ୍କ ମୃତ୍ୟୁ

## ଚିକିତ୍ସାଧୀନ ରୋଗୀସଂଖ୍ୟା ୭୩୮୩କୁ ବୃଦ୍ଧି

ନୂଆଦିଲ୍ଲୀ, ୧୫।୬ (ଏଜେନ୍ସି): ଦେଶରେ କରୋନା ମହାମାରୀ ଦ୍ରୁତଗତିରେ କାୟା ମେଲାଇବାରେ ଲାଗିଛି। ସଂକ୍ରମିତଙ୍କ ସଂଖ୍ୟା ଏବଂ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୨୫ ଘଣ୍ଟା ମଧ୍ୟରେ ୧୦ ଜଣ ଲୋକ ପ୍ରାଣ ହରାଇଛନ୍ତି। କରୋନାର ଏହି ନୂଆ ପ୍ରଜାତି ଦିନକରେ ସର୍ବାଧିକ ଜୀବନ ନେଇଛି। ମୃତକଙ୍କ ମଧ୍ୟରେ କେରଳରେ ୫ ଜଣ, ଦିଲ୍ଲୀରେ ୩ ଜଣ ଏବଂ ମହାରାଷ୍ଟ୍ରରେ ଜଣେ ସାମିଲ ଅଛନ୍ତି। ଜାନୁଆରୀ ପରଠାରୁ ଏ ପର୍ଯ୍ୟନ୍ତ ୯୭ ଜଣ ରୋଗୀଙ୍କ ପ୍ରାଣ ହରାଇଲେଣି। ସେହିପରି ଦେଶର ୩୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ସକ୍ରିୟ ମାମଲା ସଂଖ୍ୟା ୭୩୮୩ରେ ପହଞ୍ଚି ଯାଇଛି। ତେବେ ଆଶ୍ୱସ୍ତିର ବିଷୟ ଏହି କି ଯେ ରବିବାର କୌଣସି ନୂଆ ରୋଗୀ ଚିହ୍ନଟ ହୋଇନାହାନ୍ତି। ଏହି ସମୟରେ ୧୭ ଜଣ ରୋଗୀ ସୁସ୍ଥ ହୋଇଛନ୍ତି। କେରଳରେ ସର୍ବାଧିକ ୨୦୦୭ ଜଣ, ଗୁଜରାଟରେ ୧୪୪୧ ଏବଂ ପଶ୍ଚିମବଙ୍ଗରେ ୭୪୭ ରୋଗୀ ଚିକିତ୍ସାଧୀନ ଅଛନ୍ତି।



ଏହା ମଧ୍ୟରେ କରୋନା ମାମଲା ବୃଦ୍ଧିକୁ ଦେଖି ଉତ୍ତର ପ୍ରଦେଶ ସରକାର ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଆବଶ୍ୟକୀୟ ଔଷଧ, ପିପିଇ କିଟ୍, ପରୀକ୍ଷା ସୁବିଧା, ଆଇସୋଲେସନ୍ ବେଡ୍, ଅକ୍ସିଜେନ୍ ସିଲିଣ୍ଡର, ଆଇସିୟୁ ଏବଂ ଭେଣ୍ଟିଲେଟର ପ୍ରସ୍ତୁତ ରଖିବାକୁ ସବୁ ଡାକ୍ତରଖାନାଗୁଡିକୁ କୁହାଯାଇଛି। ସେହିପରି କେରଳ ସରକାର କରୋନା ଏବଂ ଇନଫ୍ଲୁଏଞ୍ଜାର ଲକ୍ଷଣ ଥିବା ରୋଗୀଙ୍କୁ ଚିକିତ୍ସା କରିବା ୨୦୨୩ ଜୁନ୍‌ରେ ଜାରି ହୋଇଥିବା କୋଭିଡ୍ ନିର୍ଦ୍ଦେଶାବଳୀ ପାଳନ କରିବାକୁ ହସ୍ପିଟାଲଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ହସ୍ପିଟାଲରେ ସମସ୍ତଙ୍କ ପାଇଁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏହା ସହିତ, ଥଣ୍ଡା, କାଶ ଏବଂ ଜ୍ୱର ଭଳି ଲକ୍ଷଣ ଥିବା ରୋଗୀଙ୍କ ପାଇଁ କୋଭିଡ୍ ପରୀକ୍ଷା ବାଧ୍ୟତାମୂଳକ ହୋଇଛି।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ନିଜକୁ କମଜୋର ଭାବନ୍ତୁ ନାହିଁ । ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡ଼ିବେ । ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ । ରାଜନେତାଙ୍କ ପାଇଁ ଭଲ ସମୟ ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ଧନପ୍ରାପ୍ତି ଯୋଗ ରହିଛି । ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ । କିଣା-ବିକାରେ ସମୟ ବିତିବ । ବୈବାହିକ ଜୀବନ ସୁଖମୟ ହେବ ।

**କନ୍ୟା:** ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିପାରେ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ ।

**ବିଛା:** କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ । ସାମାଜିକ କାର୍ଯ୍ୟରେ ସାମିଲ ହେବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି ।

## ଆଜିର ଇତିହାସ

- ୧୭୭୯ - ସ୍ପେନ୍ ଗ୍ରେଟ୍ ବ୍ରିଟେନ୍ ବିରୋଧରେ ଯୁଦ୍ଧ ଆରମ୍ଭ କଲା ।
- ୧୯୧୧ - ନ୍ୟୁୟର୍କରେ ଆଇବିଏମ୍ କମ୍ପାନିର ସ୍ଥାପନା ହେଲା ।
- ୧୯୨୫- ରାଷ୍ଟ୍ରବାଦୀ ନେତା ଚିତ୍ତରଞ୍ଜନ ଦାସଙ୍କ ଦେହାନ୍ତ ।
- ୨୦୦୭ - ଭାରତୀୟ ବଂଶୋଦ୍ଭବ ସୁନିତା ୱିଲିୟମ୍ସ ମହାକାଶରେ ଅଧିକ ଦିନ ରହିଥିବା ମହିଳା ମହାକାଶଚାରୀ ହେବାର ଗୌରବ ଅର୍ଜନ କରିଥିଲେ ।
- ୨୦୧୯ - ନାଇଜେରିଆରେ ବୋମା ବିସ୍ଫୋରଣରେ ୩୦ ଲୋକଙ୍କ ପ୍ରାଣହାନି ।

# ଇଲେକଟ୍ରୋନିକ୍ ଟାଟୁ ମାନସିକ ଥକ୍କାକୁ ଚିହ୍ନଟ କରିବ



ଆମେରିକାର ବୈଜ୍ଞାନିକମାନେ ଏକ ଇଲେକଟ୍ରୋନିକ୍ ଟାଟୁ ବିକଶିତ କରିଛନ୍ତି । ଯାହାକି ମସ୍ତିଷ୍କର ଥକ୍କାପଣକୁ ମାପିବ । ଏହି ଟାଟୁକୁ ମଥାରେ ଲଗାଯିବ । ସେହିପରି ଉକ୍ତ ଟାଟୁ ଟ୍ରକ୍ ଚାଳକ ଏବଂ ଅନ୍ୟ କର୍ମଚାରୀଙ୍କୁ ସାହାଯ୍ୟ କରିବା ଆଶା କରାଯାଉଛି । ଏହା ହେଉଛି ଏକ ଅସ୍ଥାୟୀ ଟାଟୁ । ଟାଟୁଟି ମସ୍ତିଷ୍କର ବୈଦ୍ୟୁତିକ ଗତିବିଧିକୁ ମାପିଥାଏ । ଏହାର ବଡ଼ ବିଶେଷତ୍ୱ ହେଉଛି ଟାଟୁ ତୁରନ୍ତ ଫଳାଫଳ ପ୍ରଦାନ କରିଥାଏ । ଯାହାକୁ ଇଲେକଟ୍ରୋଏନସେଫେଲୋଗ୍ରାଫି (ଇଇଜି) ଏବଂ ଇଲେକଟ୍ରୋଓକୁଲୋଗ୍ରାଫି (ଇଓଜି) କୁହାଯାଏ । ଉକ୍ତ ଟାଟୁ ଚକ୍ଷୁର ଗତିକୁ ମଧ୍ୟ ଟ୍ରାକ୍ କରିଥାଏ । ବୈଜ୍ଞାନିକଙ୍କ ମତରେ, ଟେକ୍ନିକ୍ ଏବେ ମଣିଷଠାରୁ ଅଧିକ ବିକଶିତ ହେଉଛି । ଫଳରେ ମସ୍ତିଷ୍କ ଏହାର ସାଥ୍ ଦେଇ ନ ପାରି ସହଜରେ ଥକ୍କିଯାଏ । ମଣିଷ ଏକ ସନ୍ତୁଳିତ ମାନସିକ ଅବସ୍ଥାରେ ଭଲ କାମ କରିଥାଏ । ଏହାକୁ ଗୋଲଡିଲକ୍ସ ଜୋନ୍ କୁହାଯାଏ । ଏଥିରେ ଅଧିକ ଚିନ୍ତା କି ବିରକ୍ତିକର ପରିସ୍ଥିତି ନ ଥାଏ । ଏହି ସନ୍ତୁଳନ ପ୍ରତ୍ୟେକ ବ୍ୟକ୍ତିଙ୍କ ଲାଗି ଭିନ୍ନ ହୋଇଥାଏ । ତେବେ ପୂର୍ବରୁ ମାନସିକ ଥକ୍କାପଣକୁ ମାପିବା ପାଇଁ ନାସା ଟାସ୍କ ଲୋଡ୍ ଇଣ୍ଡେକସର ଉପଯୋଗ କରାଯାଉଥିଲା । ଏହା ଥିଲା ଏକ ଲମ୍ବା ସର୍ଭେ । ଲୋକେ ଏହାକୁ କାମ ପରେ ପୂରଣ କରୁଥିଲେ । ହେଲେ ଇଲେକ୍ଟ୍ରୋନିକ୍ ଟାଟୁ ଏହାକୁ ଆହୁରି ଅଧିକ ସହଜ କରିଛି । ଏହି ଟାଟୁ ହାଲୁକା ଏବଂ ଏଥିରେ ପତଳା ଷ୍ଟିକର୍ ଭଳି ସେନସର୍ ଅଛି । ସେହିପରି ପ୍ରତ୍ୟେକ ମଣିଷଙ୍କ ମସ୍ତିଷ୍କ ଅଲଗା ହୋଇଥାଏ । ତେଣୁ ମୁହଁର ଆକାରକୁ ମାପି ଏହି ଟାଟୁ ତିଆରି କରାଯାଏ । ଗବେଷକମାନେ ଛଅଜଣଙ୍କ ଉପରେ ଏହାର ପରୀକ୍ଷା କରିଥିଲେ । ଏହି ଟାଟୁ ମସ୍ତିଷ୍କର ଥକ୍କାପଣକୁ ସଠିକତାର ସହ ଅନୁମାନ ଲଗାଇଥାଏ ବୋଲି ବୈଜ୍ଞାନିକମାନେ କହିଛନ୍ତି । କେବଳ ସେତିକି ନୁହେଁ ଏହା ଅଲଗା ଅଲଗା ସ୍ତରର ଥକ୍କାକୁ ଚିହ୍ନଟ କରିବାରେ ମଧ୍ୟ ସକ୍ଷମ । ସେମାନେ ଏକ କମ୍ପ୍ୟୁଟର ମଡେଲ ତିଆରି କରିଛନ୍ତି । ଏହି ମଡେଲ ଟାଟୁ ସିଗ୍ନାଲରୁ ମାନସିକ ଥକ୍କାକୁ ଚିହ୍ନଟ କରିଥାଏ । । କେଶ ନ ଥିବା ତ୍ୱଚାରେ ଏହି ଟାଟୁ କାମ କରେ । ଗବେଷକମାନେ ଏବେ ଏହାକୁ ଇଙ୍କ ଆଧାରିତ ସେନସର୍ ସହ ଯୋଡ଼ିବା ପାଇଁ ଚେଷ୍ଟା ଚଳାଇଛନ୍ତି ଯଦ୍ୱାରା ଏହା କେଶଯୁକ୍ତ ତ୍ୱଚା ଉପରେ ମଧ୍ୟ କାମ କରିବ । ଏହାଦ୍ୱାରା ପୂରା ମସ୍ତିଷ୍କ ଉପରେ ନଜର ରଖିବା ସହଜ ହେବ । ସେହିପରି ପାରମ୍ପରିକ ଇଇଜି ଉପକରଣର ଦାମ୍ ୧୩ ଲକ୍ଷ ଟଙ୍କା ହୋଇଥିବାବେଳେ ଏହି ଟାଟୁର ବ୍ୟାଟେରି ପ୍ୟାକ୍ ୧୭ ହଜାର ଟଙ୍କା ଏବଂ ଉକ୍ତ ଟାଟୁର ଡିସପୋଜେବଲ ସେନସର୍‌ର ଦାମ୍ ୧୭୦୦ ଟଙ୍କା ରହିଛି । ଏଣୁ ଏହା ଶସ୍ତା ହୋଇଥିବାରୁ ଏହି ଟେକ୍ନିକ ସମସ୍ତଙ୍କ ପାଇଁ ସୁଲଭ ହୋଇପାରିବ । ଅନ୍ୟପକ୍ଷରେ ଏହି ଗବେଷଣା ଡିଭାଇସ୍ ଜର୍ଣ୍ଣାଲରେ ପ୍ରକାଶ ପାଇଛି ।



# 'ମେଟ୍ରୋ ଇନ୍ ଦିନୋ'

## ସାରାଙ୍କୁ ଦେଖି ସୈଫ୍‌ଙ୍କୁ ମନେ ପକାଇଲେ ଦର୍ଶକେ

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ଏବେ ଅନୁରାଗ ବସୁଙ୍କ ଫିଲ୍ମ 'ମେଟ୍ରୋ ଇନ୍ ଦିନୋ'ରେ ନଜର ଆସିବେ । ଏଥିରେ ତାଙ୍କ ବିପକ୍ଷରେ ଆଦିତ୍ୟ ରାୟ କପୁର ଦେଖାଯିବେ । ଇତିମଧ୍ୟରେ ଫିଲ୍ମର କଳାକାରମାନଙ୍କ ଲୁକ୍ ସାମ୍ନାକୁ ଆସିଛି । ଫିଲ୍ମରେ ସବୁଠୁ ଅଧିକ ସାରାଙ୍କ ଲୁକ୍‌କୁ ନେଇ ଚର୍ଚ୍ଚା ହେଉଛି । ଏଥିରେ ସେ ପୂରା ଅଲଗା ଅନ୍ଦାଜରେ ଦେଖାଯାଇଛନ୍ତି । କିଛି ଦିନ ପୂର୍ବରୁ ଫିଲ୍ମର ଟ୍ରେଲର୍ ଆସିଥିଲା । ଟ୍ରେଲର୍‌ରେ ଫିଲ୍ମରେ ଏକାଧିକ କାହାଣୀକୁ ଦେଖାଯାଇଛି ବୋଲି ସ୍ପଷ୍ଟ ହୋଇଛି । ତେବେ ଫିଲ୍ମରେ ସାରାଙ୍କ ଲୁକ୍ ଦେଖି ଦର୍ଶକେ ତାଙ୍କ ବାପା ସୈଫ୍ ଅଲ୍ଲୀ ଖାନ୍‌ଙ୍କ ଏକ ଫିଲ୍ମର ଲୁକ୍ ସହ ତୁଳନା କରୁଛନ୍ତି । ୨୦୧୪ରେ ଆସିଥିବା 'ହମ୍‌ସକଲ୍' ଫିଲ୍ମରେ ସୈଫ୍‌ଙ୍କ ଲୁକ୍ ସାରାଙ୍କ ଲୁକ୍ ସହ ମେଳ ଖାଉଛି ବୋଲି ଦର୍ଶକେ ମତ ଦେଇଛନ୍ତି । ଏହି ଫିଲ୍ମରେ ରୀତେଶ ଦେଶମୁଖ ଓ ସୈଫ୍ ଉଭୟ ଝିଅ ବେଶରେ ଦେଖାଯାଇଥିଲେ । ତେବେ ସାରା ଓ ସୈଫ୍‌ଙ୍କ ଏହି ଫଟୋ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି ।

## ଦେଶଭକ୍ତି ଓ ଚମତ୍କାରର ପ୍ରତୀକ ତନୋଟ ମାତା ମନ୍ଦିର

ରାଜସ୍ଥାନ, ଜୈସଲମେର ଠାରୁ ୧୨୦ କିଲୋମିଟର ଦୂରରେ ତନୋଟ ମାତାଙ୍କ ମନ୍ଦିର ରହିଛି । ଏହି ମନ୍ଦିରଟି ଭାରତ-ପାକିସ୍ତାନ ସୀମାରେ ଅବସ୍ଥିତ । ଏହା ଏବେ ଦେଶଭକ୍ତି ଓ ଚମତ୍କାରର ପ୍ରତୀକ ପାଲଟିଛି । ତନୋଟ ମାତାଙ୍କୁ ଦେବୀ ଦୁର୍ଗାଙ୍କ ଅବତାର ବୋଲି କୁହାଯାଏ । ଦ୍ୱାଦଶ ଶତାବ୍ଦୀରେ ଜୈସଲମେରର ରାଜପୁତ ଶାସକ ମହାରାୱାଲ ଲୋନକାବତ ଏହାକୁ ନିର୍ମାଣ କରିଥିଲେ । ୧୯୬୫ ଓ ୧୯୭୧ ଭାରତ-ପାକ୍ ଯୁଦ୍ଧ ସମୟରେ ଏହି ମନ୍ଦିରର ଚମତ୍କାରକୁ ନେଇ ଆଜିବି ଚର୍ଚ୍ଚା ହୁଏ । ପାକିସ୍ତାନୀ ସେନା ଅନେକ ଥର ମନ୍ଦିରକୁ ଟାର୍ଗେଟ୍ କରିଥିବାବେଳେ ପ୍ରତିଥର ମାତାଙ୍କ କୃପାରୁ ସେମାନଙ୍କ ଯୋଜନା ପଣ୍ଡ ହୋଇଯାଇଛି । ମାତାଙ୍କ କୃପାରୁ ମନ୍ଦିରର କୌଣସି କ୍ଷତି ହୋଇ ନ ଥାଏ । ସ୍ଥାନୀୟ ଲୋକଙ୍କ ସହ ଭାରତୀୟ ସେନାର ଯବାନମାନଙ୍କ ମଧ୍ୟରେ ମନ୍ଦିରକୁ ନେଇ ଅତୁଟ ବିଶ୍ୱାସ ରହିଛି । ୧୯୬୫ ଭାରତ-ପାକ୍ ଯୁଦ୍ଧ ସମୟରେ ଏହି ମନ୍ଦିର ବେଶ୍ ଚର୍ଚ୍ଚାକୁ ଆସିଥିଲା । ପାକିସ୍ତାନ ପକ୍ଷରୁ ତନୋଟରେ ଭାରୀ ମାତ୍ରାରେ ଗୁଳିଗୋଳା ବର୍ଷଣ କରାଯାଇଥିଲା । ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳରେ ୩୦୦୦ ବୋମା ବର୍ଷଣ କରାଯାଇଥିଲେ ମଧ୍ୟ ମନ୍ଦିରର କୌଣସି କ୍ଷତି ହୋଇ ନ ଥିଲା । ଯେଉଁ ବୋମାଗୁଡ଼ିକ ଫୁଟି ନ ଥିଲା ସେଗୁଡ଼ିକ ଆଜିବି ମନ୍ଦିର ମଧ୍ୟରେ ଏକ କାଚ ବାକ୍ସ ଭିତରେ ରଖାଯାଇଛି । 'ବର୍ଡର' ଫିଲ୍ମରେ ମଧ୍ୟ ଏହି ମନ୍ଦିରକୁ ଦେଖାଯାଇଛି । ଭାରତୀୟ ସୀମା ସୁରକ୍ଷା ବଳ(ବିଏସ୍ଏଫ୍)ର ଯବାନମାନେ ଏହି ମନ୍ଦିରର ଦେଖାଶୁଣା କରି ଥାଆନ୍ତି ।





# ଅଣସର ପଞ୍ଚମୀ

**ଆଜି ହେଉଛି ମହାପ୍ରଭୁଙ୍କ ଅଣସର ସେବାର ପଞ୍ଚମ ଦିନ ବା ଅଣସର ପଞ୍ଚମୀ । ସ୍ନାନ ବେଦୀରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ମହାପ୍ରଭୁ ଜଗନ୍ନାଥ, ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରା ଜ୍ୱରରେ ପୀଡ଼ିତ ଅଛନ୍ତି । ସେଥିପାଇଁ ୧୫ ଦିନ ଅଣସର ଘରେ ଅଛନ୍ତି ତିନିଠାକୁର । ଅଙ୍ଗଲାଗି ସେବକ, ଦଇତାପତି ସେବାୟତମାନେ ଠାକୁରଙ୍କ ସୁସ୍ଥତା ପାଇଁ ବିଭିନ୍ନ ଉପଚାର ଆରମ୍ଭ କରିଛନ୍ତି । ଏହି ସମୟରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେଉ ନ ଥିବାରୁ ପଟିଦିଅଁ ପୂଜା ପାଉଛନ୍ତି ।**

ଦେବସ୍ନାନ ପୂର୍ଣ୍ଣିମାରେ ଦେବସ୍ନାନ ମଣ୍ଡପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ସୁଦର୍ଶନଙ୍କୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥାଏ । ଏହାପରେ ସେମାନେ ଜ୍ୱରରେ ପୀଡ଼ିତ ହୋଇଥାନ୍ତି । ସେଥିପାଇଁ ଦେବସ୍ନାନ ପୂର୍ଣ୍ଣିମା ପରଦିନଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ରତ୍ନସିଂହାସନରେ ତିନିଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇ ନ ଥାନ୍ତି । ଏହି କାଳକୁ ଅଣସର ବା ଅନବସର କୁହାଯାଏ । ଏହି ସମୟରେ ତିନିଠାକୁରଙ୍କର ଦଇତାପତି ସେବକ ୧୫ ଦିନ ପର୍ଯ୍ୟନ୍ତ ଗୁପ୍ତ ସେବା ବା ଉପଚାର କରନ୍ତି । ଠାକୁର ଅସୁସ୍ଥ ଥିବାରୁ ଅଣସର ପଣା ସମର୍ପଣ କରାଯାଇଥାଏ ।

ଶ୍ରୀ ଜଗନ୍ନାଥଙ୍କ ଅଣସର ଦୁଇ ପ୍ରକାର ପାଳିତ ହୁଏ । ଗୋଟିଏ ସାଧାରଣ ଅଣସର ଏବଂ ଅନ୍ୟଟି ମହା ଅଣସର । ସାଧାରଣ ଅଣସର ୧୫ଦିନ ପାଳିତ ହୁଏ । ମହାଅଣସର ୪୫ ଦିନ ପାଇଁ ନବକଳେବର ସମୟରେ ପାଳନ କରାଯାଏ । ୧୫ ଦିନ ଅଣସରରେ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ପାଆନ୍ତି । ବଳଭଦ୍ର ବାସୁଦେବ ରୂପରେ ପୂଜା ପାଉଥିବାବେଳେ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ଏବଂ ଜଗନ୍ନାଥ ନାରାୟଣ ରୂପରେ ପୂଜା ପାଇଥାନ୍ତି । ତେବେ ଯେଉଁ ନୀତି ବିଗ୍ରହମାନଙ୍କ ପାଖରେ ନିତିଦିନ କରାଯାଏ, ସେସବୁ ଏହି ସମୟରେ ପଟିଦିଅଁଙ୍କଠାରେ ଅନୁଷ୍ଠିତ ହୋଇଥାଏ । ସେହିପରି ପଟିଦିଅଁଙ୍କ ସହ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ରାମକୃଷ୍ଣ, ନୃସିଂହ ଭଗବାନଙ୍କୁ ପୂଜା କରାଯାଏ ।

କଥିତ ଅଛି, ମହାପ୍ରଭୁଙ୍କ ଅଣସର ସମୟରେ ଶ୍ରୀମନ୍ଦିର ଭିତରେ କୌଣସି ଘଣ୍ଟ ଅବା ଗୀତ ବୋଲା ଯାଏ ନାହିଁ । ମନ୍ଦିର ଶୂନଶାନ୍ ରହିବା ସହ ୧୫ ଦିନ ପର୍ଯ୍ୟାୟ କ୍ରମେ ଗୁପ୍ତ ନୀତି ପାଳନ କରାଯାଏ । ଅଣସର ପିଣ୍ଡିରେ ମହାପ୍ରଭୁଙ୍କ ବିଜେ ପରେ ଓଦା ଲୁଗା ଉଲାଗି ସହ ପରମ୍ପରା ଅନୁଯାୟୀ ବିଶେଷ ଦିନରେ ଫୁଲୁରି ତେଲ, ଓଷୁଅ ଲାଗି, ଚକାବିଜେ, ଚନ୍ଦନ ଲାଗି ଓ ଘଣା ଲାଗି ନୀତି ହୋଇଥାଏ । ତେବେ ଅଣସର ପଞ୍ଚମୀରେ ଫୁଲୁରି ତେଲ ଲାଗି ହେବାର ପରମ୍ପରା ଅଛି ।

## ସ୍ୱସ୍ତି

# ବସୁମତୀ ସ୍ନାନ

**ଝିଅମାନଙ୍କ ଦ୍ୱାରା ପାଳନ କରାଯାଉଥିବା ରଜପର୍ବର ଚତୁର୍ଥ ଅର୍ଥାତ୍ ଶେଷ ଦିନଟି ବିଶେଷ ମହତ୍ତ୍ୱ ବହନ କରେ । ଏହିଦିନଟିକୁ ବସୁମତୀ ସ୍ନାନ ବା ଠାକୁରାଣୀ ବୁଢ଼ ଭାବେ ପାଳନ କରାଯାଏ । ଏହାର ବିଧିବିଧାନ ବୈଚିତ୍ର୍ୟମୟ । ରଜସ୍ୱଳା ନାରୀ ଯେଭଳି ଚତୁର୍ଥ ଦିନ ସ୍ନାନ କରି ଶୁଦ୍ଧ ହୁଏ । ଏହାକୁ 'ଧରାସ୍ନାନ', 'ମହାଲକ୍ଷ୍ମୀ ଗାଧୁଆ' ତଥା 'ଶୁଦ୍ଧ ସ୍ନାନ' ବୋଲି ମଧ୍ୟ କୁହାଯାଏ ।**

ନାରୀ ସହ ମାଟି ମାଆର ନିବିଡ଼ ସମ୍ପର୍କ ରହିଛି । କଥିତ ରହିଛି ଯେ, ରଜପର୍ବରେ ଧରିତ୍ରୀ ମାତା ରଜସ୍ୱଳା ହୁଅନ୍ତି । ତିନିଦିନ ଧରି ସେ ଅଛୁତ ରହନ୍ତି । ଏହି ସମୟରେ ଠାକୁର ପୂଜା, ଭୂମି ଦହନ, ବଟାବଟି, କଟାକଟି ଆଦି ଶାରୀରିକ କାର୍ଯ୍ୟ କରିବା ପାଇଁ ନାରୀଙ୍କୁ ବାରଣ କରାଯାଇଥାଏ । ଶେଷଦିନ ବସୁଧା ମା'ଙ୍କ ପୂଜାର୍ଚ୍ଚନା କରିବାର ବିଧି ରହିଛି । ଏହା ହେଉଛି ଶୁଦ୍ଧ ଓ ପବିତ୍ର ହେବାର ପ୍ରତୀକ । ରଜସ୍ୱଳା ନାରୀ ସଦୃଶ ବସୁମତୀ ମାତା ତିନିଦିନ ଅସ୍ପୃଶ୍ୟ ହୋଇ ରହିବା ପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଶୁଦ୍ଧ ସ୍ନାନ ପର୍ବ କରାଯାଏ । ଝିଅ, ବୋହୂମାନେ ପ୍ରାତଃରୁ ସ୍ନାନ କରନ୍ତି । ପିଢ଼ା ଉପରେ ଶିଳପୁଆ ରଖାଯାଇ କଜଳପାତି, ଲଙ୍ଗଳ ଲୁହା, କପାତୁଳା ରଖି ସେମାନେ ପୂଜାର୍ଚ୍ଚନା କରିଥାନ୍ତି । ହଳଦିପାଣିରେ ବସୁମତୀ ମା'ଙ୍କୁ ସ୍ନାନ କରାଯାଏ । ଚନ୍ଦନ, ସିନ୍ଦୂର, ଫୁଲ,ଭୋଗ ସହ ପୂଜା କରାଯାଏ । ଶୁଦ୍ଧ ସ୍ନାନ ପରେ ବସୁମାତା ସୃଜନକ୍ଷମ ହୋଇଥାନ୍ତି । ଏହିପର୍ବ ନାରୀ ଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିଥାଏ ।



# କେଉଁ ସ୍ଥାନରେ ଜୋତା-ଚପଲ ରଖିବା ଅଶୁଭ

**ବାସ୍ତୁ ଶାସ୍ତ୍ର ଅନୁସାରେ, ଘରେ ଠିକ୍ ସ୍ଥାନରେ ଜୋତା ଚପଲ ନ ରଖିବା ଦ୍ୱାରା ନକାରାତ୍ମକ ଶକ୍ତି ବୃଦ୍ଧି ପାଏ । ଏହା ସହ ଘରେ ଅଶାନ୍ତି ଏବଂ ଦାରିଦ୍ର୍ୟତା ଦେଖା ଦିଏ । ତେବେ କେଉଁ ସ୍ଥାନରେ ଜୋତା-ଚପଲ ରଖିବା ଅଶୁଭ, ସେ ସମ୍ପର୍କରେ ଜାଣିବା ।**

**ବେଡ୍‌ରୁମ୍:** ବାସ୍ତୁ ଶାସ୍ତ୍ର ଅନୁସାରେ, ବେଡ୍‌ରୁମ୍ ଭିତରେ ତଥା ଖଟ ତଳେ ଜୋତା ଚପଲ ରଖିବା ଭଲ ନୁହେଁ । ଏଭଳି କରିବା ଦ୍ୱାରା ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦିଏ । ଏଣୁ ଜୋତାକୁ ଘର ବାହାର ଷ୍ଟାଣ୍ଡରେ ରଖନ୍ତୁ ।

**ରୋଷେଇ ଘର:** ଘରର ରୋଷେଇ ଘରେ କେବେ ବି ଜୋତା ଚପଲ ରଖନ୍ତୁ ନାହିଁ । ରୋଷେଇ ଘରେ ମା' ଅନ୍ନପୂର୍ଣ୍ଣା ବାସ କରନ୍ତି । ଏହି ସ୍ଥାନରେ ଜୋତା ଚପଲ ରଖିବା ଦ୍ୱାରା ଅପରିଷ୍କାର ଓ ନକାରାତ୍ମକ ଶକ୍ତି ଭିତରକୁ ଆସେ । ଏହା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ଓ ଧନ ହାନି ହୋଇଥାଏ ।

**ପୂଜା ଘର:** ଘରର ପୂଜା ସ୍ଥାନରେ ଦେବୀ ଦେବତା ବାସ କରନ୍ତି । ଏଣୁ ପୂଜା ଘରକୁ ଜୋତା ଚପଲ ପିନ୍ଧି ଯିବା ଅନୁଚିତ । ପୂଜା ଘରେ ଜୋତା ଚପଲ ପିନ୍ଧିଲେ ମାନସିକ ସମସ୍ୟା ସାମ୍ନା କରିବାକୁ ପଡ଼େ ।

**ମୁଖ୍ୟ ଦ୍ୱାର:** ଘରର ମୁଖ୍ୟ ଦ୍ୱାର ସାମ୍ନାରେ କେବେ ବି ଜୋତା ଚପଲ ରଖନ୍ତୁ ନାହିଁ । ଏହି ସ୍ଥାନରେ ଜୋତା ଚପଲ ରଖିବା ଦ୍ୱାରା ଦେବୀ ଦେବତାଙ୍କ ମାର୍ଗ ଅବରୋଧ ହୁଏ । ଭଗବାନଙ୍କ ଆଶୀର୍ବାଦ ପ୍ରାପ୍ତି ହୁଏ ନାହିଁ । ଫଳରେ ଜୀବନରେ ବହୁ ସମସ୍ୟା ସାମ୍ନା କରିବାକୁ ପଡ଼େ ।

# ଗୁରୁ ଚଣ୍ଡାଳ ଯୋଗର ପ୍ରଭାବ

**ଜାତକରେ ଗ୍ରହର ସ୍ଥିତି ଆଧାରରେ ଶୁଭ-ଅଶୁଭ ଯୋଗ ସୃଷ୍ଟି ହୁଏ । ଏମିତି ଏକ ଅଶୁଭ ଯୋଗ ହେଉଛି ଗୁରୁ ଚଣ୍ଡାଳ ଯୋଗ । ଯେତେବେଳେ ବୃହସ୍ପତି ବା ଗୁରୁ ଏବଂ ରାହୁ-କେତୁ ଜାତକରେ ଏକାଠି ହୁଅନ୍ତି, ଗୁରୁ ଚଣ୍ଡାଳ ଯୋଗ ସୃଷ୍ଟି ହୁଏ । ଏହାକୁ ବିନାଶକାରୀ ଯୋଗ ଭାବେ ବିବେଚନା କରାଯାଏ । ତେବେ ଏହା ଜୀବନ ଉପରେ କ'ଣ ପ୍ରଭାବ ପକାଏ, ସେ ସମ୍ପର୍କରେ ଜାଣିବା ।**

- ଗୁରୁ ଚଣ୍ଡାଳ ଯୋଗ ଥିବା ବ୍ୟକ୍ତି ବିଶେଷ ନିଶା ସେବନ କରନ୍ତି ।
- ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । କୌଣସି ଗୁରୁତର ରୋଗରେ ପୀଡ଼ିତ ହେବାର ଆଶଙ୍କା ଅଧିକ ଥାଏ ।
- ଆର୍ଥିକ ସ୍ତରରେ ସୁଦୃଢ଼ ହୋଇ ନ ଥାନ୍ତି । ରୋଜଗାର ହେଲେ ବି ଅର୍ଥ ସମସ୍ୟା ଦେଖା ଦିଏ ।
- ବ୍ୟବସାୟ ହେଉ ଅବା ଚାକିରି, କୌଣସି କ୍ଷେତ୍ରରେ ଦୀର୍ଘ ସମୟ ଟିକ୍ତି ରହିପାରନ୍ତି ନାହିଁ ।
- ଲଗାତାର ଜୀବନରେ କ୍ଷତି ସହିବାକୁ ପଡ଼େ ।
- ଏଭଳି ଲୋକେ ଖୁବଶୀଘ୍ର ଅବସାଦ ଦେଇ ଗତି କରନ୍ତି ।



## ଦୁଲୀପ ଟ୍ରଫି ଫର୍ମାଟରେ ପରିବର୍ତ୍ତନ

# ରଣଜୀ ଟ୍ରଫି ଗ୍ରୁପ-ଏ'ରେ ଓଡ଼ିଶା

ନୂଆଦିଲ୍ଲୀ,୧୫।୬ (ଏଜେନ୍ସି): ୨୦୨୫-୨୬ ଘରୋଇ କ୍ରିକେଟ ସିଜନ ଲାଗି ବିସିସିଆଇ ପକ୍ଷରୁ ଖେଳସୂଚୀ ଘୋଷଣା କରାଯାଇଛି। ଏହି କ୍ରମରେ ଦୁଲୀପ ଟ୍ରଫିରୁ ଘରୋଇ ସିଜନ ଆରମ୍ଭ ହେବ ଓ ଅକ୍ଟୋବର ୧ରୁ ୫ ତାରିଖ ଯାଏ ଇରାନି କପ୍ ଖେଳାଯିବ। ଅଗଷ୍ଟ ୨୮ରୁ ସିଜନ ଆରମ୍ଭ ହେବା ସହ ଆନ୍ତଃଜୋନ୍ ଭିତ୍ତିରେ ଦୁଲୀପ ଟ୍ରଫି ଖେଳାଯିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଘରୋଇ କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି ଅକ୍ଟୋବର ୧୫ରୁ ଆରମ୍ଭ ହେବ। ଓଡ଼ିଶା ଏଥର ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ତାମିଲନାଡୁ, ବରୋଦା, ଝାଡଖଣ୍ଡ, ଉତ୍ତରପ୍ରଦେଶ, ଆନ୍ଧ୍ର ଓ ନାଗାଲାଣ୍ଡକୁ ଏଥର ଓଡ଼ିଶା ସହ ଏଲିଟ୍ ଗ୍ରୁପ୍-ଏ'ରେ ମୁକାବିଲା କରିବାକୁ ପଡ଼ିବ। ବିଶଦ୍ ଖେଳସୂଚୀ ପରେ ପ୍ରକାଶ ପାଇବ। ସେହିପରି ବିସିସିଆଇ ଆପେକ୍ସ କାଉନ୍ସିଲ ବୈଠକରେ ଅନେକ ପରିବର୍ତ୍ତନ କରାଯାଇଛି। ସୟଦ ମୁସ୍ତାକ ଅଲୀ ଟି-୨୦ ଓ ବରିଷ୍ଠ ମହିଳା ଟି-୨୦ ଟ୍ରଫିରେ ଉଭୟ ଗ୍ରୁପ୍ ଲିଗ୍ ପର୍ଯ୍ୟାୟ ଓ ସୁପର ଲିଗ୍ ପର୍ଯ୍ୟାୟ ଖେଳାଯିବାକୁ ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ବରିଷ୍ଠ ଘରୋଇ ଲିଷ୍ଟ-ଏ' ଓ ଟି-୨୦ ଟୁର୍ଣ୍ଣାମେଣ୍ଟରେ ପ୍ଲେଟ୍ ଡିଭିଜନ ସୃଷ୍ଟି କରାଯାଇଛି।





### ଆନ୍ତଃଜୋନ୍ ଭିତ୍ତିରେ ଖେଳାଯିବ ମହିଳା ଚ୍ୟାଲେଞ୍ଜର୍ସ

ଚଳିବର୍ଷ ଦୁଲୀପ୍ ଟ୍ରଫି ପୂର୍ବ ଫର୍ମାଟକୁ ଫେରିଛି। ବରିଷ୍ଠ ମହିଳା ଚ୍ୟାଲେଞ୍ଜର୍ସ ମଧ୍ୟ ସମାନ ଫର୍ମାଟରେ ଖେଳାଯିବ। ଚଳିତବର୍ଷ ଦୁଲୀପ୍ ଟ୍ରଫି ଆନ୍ତଃଜୋନ୍ ଭିତ୍ତିରେ ଖେଳାଯିବ। ଏଥର ୬ଟି ଜୋନ ଯଥା ପୂର୍ବାଞ୍ଚଳ, ପଶ୍ଚିମାଞ୍ଚଳ, ଦକ୍ଷିଣାଞ୍ଚଳ, କେନ୍ଦ୍ରାଞ୍ଚଳ, ଉତ୍ତରାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳ ଅଂଶଗ୍ରହଣ କରିବେ। ଖେଳାଳିମାନେ ନିଜ ଜୋନ୍‌କୁ ପ୍ରତିନିଧିତ୍ୱ କରିବେ। ପୂର୍ବରୁ ଟିମ-ଏ, ବି, ସି ଓ ଡି' ଭାବରେ ଜାତୀୟ ମନୋନୟନ କମିଟି ଦ୍ୱାରା ଖେଳାଳି ଚୟନ କରାଯାଇ ଦଳ ଗଠନ କରାଯାଇଥିଲା। ଏହାକୁ ଏବର୍ଷ ବନ୍ଦ କରିଦିଆଯାଇଛି। ଜୋନାଲ ଚୟନ କମିଟି ଏଥର ଖେଳାଳି ଚୟନ କରିବେ। ବରିଷ୍ଠ ମହିଳା ଚ୍ୟାଲେଞ୍ଜର୍ସ ମଧ୍ୟ ଜୋନାଲ ଫର୍ମାଟରେ ୬ଟି ଦଳକୁ ନେଇ ଖେଳାଯିବ। ଉଭୟ ଟୁର୍ଣ୍ଣାମେଣ୍ଟ ରାଉଣ୍ଡ ରବିନ ଫର୍ମାଟରେ ଖେଳାଯିବ।

### ଅକ୍ଟୋବର ୧୫ରୁ ରଣଜୀ ଟ୍ରଫି

ଘରୋଇ କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୧୫ରୁ ଆରମ୍ଭ ହେବ। ଗତବର୍ଷ ଭଳି ଏହା ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ପ୍ରଥମ ପର୍ଯ୍ୟାୟ ପରେ ସୀମିତ ଓଭର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଦେଶର ବିଭିନ୍ନ ଭାଗରେ ଜଳବାୟୁର ସ୍ଥିତିକୁ ଆଖି ଆଗରେ ରଖି ଏହି ଟୁର୍ଣ୍ଣାମେଣ୍ଟର ଖେଳସୂଚୀରେ ପରିବର୍ତ୍ତନ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଲାଗି କେଉଁ ଗ୍ରୁପ୍‌ରେ କେଉଁ ଦଳ ସ୍ଥାନ ପାଇବ ତାହା ସ୍ଥିର କରାଯାଇଛି। ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ଏ'ରେ ଏଥର ଓଡ଼ିଶା ପ୍ରତିଦ୍ୱନ୍ଦ୍ୱୀ ତାମିଲନାଡୁ, ବରୋଦା, ଝାଡଖଣ୍ଡ, ଉତ୍ତରପ୍ରଦେଶ, ଆନ୍ଧ୍ର ଓ ନାଗାଲାଣ୍ଡ ସହ ସ୍ଥାନ ପାଇଛି। ଏଲିଟ୍ ଗ୍ରୁପ୍‌ରେ ୩୦ଟି ଦଳ ଓ ପ୍ଲେଟ୍ ଗ୍ରୁପ୍‌ରେ ୫ଟି ଦଳକୁ ସ୍ଥାନ ଦିଆଯାଇଛି। ପ୍ଲେଟ୍ ଗ୍ରୁପ୍‌ରେ ମେଘାଳୟ, ମିଜୋରାମ, ସିକ୍କିମ, ମଣିପୁର ଓ ଅରୁଣାଚଳ ପ୍ରଦେଶକୁ ସ୍ଥାନ ମିଳିଛି।

### ସୁପରଲିଗ୍ ଓ ପ୍ଲେଟ୍ ଡିଭିଜନ

ଚଳିତ ସିଜନଠାରୁ ବିସିସିଆଇ ଦ୍ୱାରା ଆୟୋଜିତ ଏକାଧିକ ଟୁର୍ଣ୍ଣାମେଣ୍ଟରେ ସୁପର ଲିଗ୍ ଓ ପ୍ଲେଟ୍ ଡିଭିଜନ ସୃଷ୍ଟି ହେବ। ବରିଷ୍ଠ ପୁରୁଷ ଓ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ପ୍ରଥମଥର ଲାଗି ସୁପର ଲିଗ୍ ପର୍ଯ୍ୟାୟ ଖେଳାଯିବ। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ର ୨ ଶ୍ରେଷ୍ଠ ଦଳ ସୁପର ଲିଗ୍‌କୁ ଉନ୍ନୀତ ହେବେ। ଉନ୍ନୀତ ହୋଇଥିବା ୮ଟି ଦଳକୁ ପୁନର୍ବାର ୨ଟି ଗ୍ରୁପ୍‌ରେ ଭାଗ କରାଯିବ। ଗ୍ରୁପ୍ ପର୍ଯ୍ୟାୟ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ।

ସେହିପରି ବିଜୟ ହଜାରେ ଟ୍ରଫି, ବରିଷ୍ଠ ମହିଳା ଦିନିକିଆ ଟୁର୍ଣ୍ଣାମେଣ୍ଟ ଓ ପୁରୁଷ ୨୩ ବର୍ଷରୁ କମ୍ ଷ୍ଟେଟ୍ ଟ୍ରଫିରେ ପ୍ଲେଟ୍ ଡିଭିଜନ ସୃଷ୍ଟିହେବ। ୨୦୨୪-୨୫ ସିଜନରେ ଶେଷ ୬ଟି ସ୍ଥାନ ଅଧିକାର କରିଥିବା ଦଳ ପ୍ଲେଟ୍ ଡିଭିଜନ୍‌ରେ ଖେଳିବେ। ଚଳିତ ସିଜନଠାରୁ ପ୍ଲେଟ୍ ଡିଭିଜନରେ ପ୍ରଥମସ୍ଥାନ ଅଧିକାର କରିଥିବା ଦଳ କେବଳ ଏଲିଟ ଡିଭିଜନକୁ ଉନ୍ନୀତ ହେବ। ସେହିପରି ଏଲିଟ ଗ୍ରୁପ୍‌ରେ ଶେଷ ସ୍ଥାନ ହାସଲ କରିଥିବା ଦଳ ପ୍ଲେଟ୍ ଲିଗ୍‌କୁ ଖସି ଆସିବ।

### କଟକରେ ବରିଷ୍ଠ ମହିଳା ପ୍ଲେଟ୍ ଲିଗ୍ ଦିନିକିଆ

ଏଥର ଘରୋଇ କ୍ରିକେଟରେ ବରିଷ୍ଠ ମହିଳା କ୍ରିକେଟ ପ୍ଲେଟ୍ ଲିଗ୍ ଦିନିକିଆ ମ୍ୟାଚ୍ କଟକରେ ଖେଳାଯିବ। ଏହି ପ୍ରତିଯୋଗିତା ଫେବୃଆରୀ ୬ରୁ ଆରମ୍ଭ ହୋଇ ୧୬ ତାରିଖ ଯାଏ ଚାଲିବ। ଏହି ପ୍ରତିଯୋଗିତା ବ୍ୟତୀତ ଗୋଟିଏ ଭେନ୍ୟୁରେ ଅନ୍ୟ କୌଣସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଓଡ଼ିଶା ସୁଯୋଗ ପାଇନାହିଁ। ଅନ୍ୟ ଟୁର୍ଣ୍ଣାମେଣ୍ଟର ଘରୋଇ ମ୍ୟାଚ୍‌ର ସୂଚୀ ପରେ ଜଣାପଡ଼ିବ।

### ବିସିସିଆଇ ୨୦୨୫-୨୬ ଖେଳସୂଚୀ

| | | |
|---|---|---|
| ଦୁଲୀପ ଟ୍ରଫି | : | ଅଗଷ୍ଟ ୨୮ ରୁ ସେପ୍ଟେମ୍ବର ୧୫ |
| ଇରାନି କପ୍ | : | ଅକ୍ଟୋବର ୧ରୁ ୫ |
| ରଣଜୀ ଟ୍ରଫି-୧ | : | ଅକ୍ଟୋବର ୧୫ରୁ ନଭେମ୍ବର ୧୯ |
| ରଣଜୀ ଟ୍ରଫି-୨ | : | ଜାନୁଆରୀ ୨୨ରୁ ଫେବୃଆରୀ ୧, ୨୦୨୬ |
| ରଣଜୀ ନକ୍‌ଆଉଟ | : | ଫେବୃଆରୀ ୬ରୁ ୨୮, ୨୦୨୬ |
| ମୁସ୍ତାକ ଅଲି ଟି-୨୦ | : | ନଭେମ୍ବର ୨୬ରୁ ଡିସେମ୍ବର ୧୮ |
| ବିଜୟ ହଜାରେ ଟ୍ରଫି | : | ଡିସେମ୍ବର ୨୪ରୁ ଜାନୁଆରୀ ୧୮ |
| ସିକେ ନାଇଡୁ ଟ୍ରଫି | : | ଅକ୍ଟୋବର ୧୬ରୁ ଜାନୁଆରୀ ୧୨, ୨୦୨୬ |
| ୨୩ ବର୍ଷରୁ କମ୍ ଷ୍ଟେଟ୍ ଟ୍ରଫି | : | ନଭେମ୍ବର ୧୦ରୁ ଡିସେମ୍ବର ୧ |
| ବିନୁ ମଙ୍କଡ ଟ୍ରଫି | : | ଅକ୍ଟୋବର ୯ ରୁ ନଭେମ୍ବର ୧ |
| ୧୯ ବର୍ଷରୁ କମ୍ ଦିନିକିଆ ଚ୍ୟାଲେଞ୍ଜର | : | ନଭେମ୍ବର ୫ରୁ ୧୧ |
| କୁଚ୍ ବେହାର ଟ୍ରଫି | : | ନଭେମ୍ବର ୧୬ରୁ ଜାନୁଆରୀ ୨୦, ୨୦୨୬ |
| ବିଜୟ ମର୍ଚ୍ଚାଣ୍ଟ ଟ୍ରଫି | : | ଡିସେମ୍ବର ୭ ରୁ ଜାନୁଆରୀ ୨୮ । |

### ମହିଳା କ୍ରିକେଟ୍

| | | |
|---|---|---|
| ଅକ୍ଟୋବର ୮ ରୁ ୩୧ | : | ବରିଷ୍ଠ ମହିଳା ଏଲିଟ୍ ଟି-୨୦ |
| ନଭେମ୍ବର ୪ରୁ ୧୪ | : | ଆନ୍ତଃଜୋନ୍ ଟି-୨୦ |
| ଫେବୃଆରୀ ୬ରୁ ୨୮ | : | ବରିଷ୍ଠ ମହିଳା ଏଲିଟ୍ ଦିନିକିଆ ଟ୍ରଫି |
| ମାର୍ଚ୍ଚ ୨୦ରୁ ଏପ୍ରିଲ ୩ | : | ଆନ୍ତଃଜୋନ୍ ମଲ୍ଟି ଡେ ଟ୍ରଫି |

### ରଣଜୀ ଏଲିଟ୍ ଗ୍ରୁପ୍

ଗ୍ରୁପ-ଏ: ଓଡ଼ିଶା, ତାମିଲନାଡୁ, ବରୋଦା, ଝାଡଖଣ୍ଡ, ଉତ୍ତରପ୍ରଦେଶ, ଆନ୍ଧ୍ର ଓ ନାଗାଲାଣ୍ଡ।

ଗ୍ରୁପ-ବି: ସୌରାଷ୍ଟ୍ର, ଚଣ୍ଡିଗଡ଼, କର୍ଣ୍ଣାଟକ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଞ୍ଜାବ ଓ ଗୋଆ।

ଗ୍ରୁପ-ସି: ଗୁଜରାଟ, ହରିୟାଣା, ସର୍ଭିସେସ୍, ବେଙ୍ଗଲ, ରେଳବାଇ, ତ୍ରିପୁରା, ଉତ୍ତରାଖଣ୍ଡ, ଆସାମ।

ଗ୍ରୁପ-ଡି: ମୁମ୍ବାଇ, ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଦିଲ୍ଲୀ, ହାଇଦରାବାଦ୍, ରାଜସ୍ଥାନ, ଛତିଶଗଡ଼, ପୁଡୁଚେରୀ।

### ରଣଜୀ ପ୍ଲେଟ୍ ଗ୍ରୁପ୍

ମେଘାଳୟ, ମିଜୋରାମ, ସିକ୍କିମ, ମଣିପୁର, ଅରୁଣାଚଳ ପ୍ରଦେଶ ଓ ବିହାର।

### କେଉଁ ଗ୍ରୁପ୍‌ରେ ସ୍ଥାନ ପାଇଛି ଓଡ଼ିଶା

**ସୟଦ ମୁସ୍ତାକ ଅଲୀ ଟି-୨୦:** ଏଲିଟ୍ ଗ୍ରୁପ-ଏ: ମୁମ୍ବାଇ, ବିଦର୍ଭ, ଆନ୍ଧ୍ର, କେରଳ, ରେଳବାଇ, ଆସାମ, ଛତିଶଗଡ଼ ଓ ଓଡ଼ିଶା।

**ବିଜୟ ହଜାରେ ଟ୍ରଫି:** ଏଲିଟ୍ ଗ୍ରୁପ-ଡି : ହରିୟାଣା, ଗୁଜରାଟ, ରେଳବାଇ, ଆନ୍ଧ୍ର, ସୌରାଷ୍ଟ୍ର, ଦିଲ୍ଲୀ, ସର୍ଭିସେସ୍ ଓ ଓଡ଼ିଶା।

**ସିକେ ନାଇଡୁ ଟ୍ରଫି:** ଏଲିଟ୍ ଗ୍ରୁପ-ବି : ମୁମ୍ବାଇ, ରାଜସ୍ଥାନ, ବେଙ୍ଗଲ, ହରିୟାଣା, ହାଇଦରାବାଦ୍, ବିଦର୍ଭ, ଆସାମ ଓ ଓଡ଼ିଶା।

**୨୩ ବର୍ଷରୁ କମ୍ ପୁରୁଷ ଷ୍ଟେଟ୍ ଟ୍ରଫି:** ଏଲିଟ୍ ଗ୍ରୁପ-ବି : ଗୁଜରାଟ, ଆନ୍ଧ୍ର, ଜମ୍ମୁ-କଶ୍ମୀର, ଝାଡଖଣ୍ଡ, ମୁମ୍ବାଇ, ଆସାମ, ଗୋଆ ଓ ଓଡ଼ିଶା।

**ବିନୁ ମଙ୍କଡ ଟ୍ରଫି:** ଏଲିଟ୍ ଗ୍ରୁପ-ଏ : ଗୁଜରାଟ, ଆନ୍ଧ୍ର, ବିଦର୍ଭ, ଗୋଆ, ବରୋଦା ଓ ଓଡ଼ିଶା।

**କୁଚ୍ ବେହାର ଟ୍ରଫି:** ଏଲିଟ୍ ଗ୍ରୁପ-ସି: ମହାରାଷ୍ଟ୍ର, ଆନ୍ଧ୍ର, କର୍ଣ୍ଣାଟକ, ଉତ୍ତରାଖଣ୍ଡ, ହିମାଚଳ।

**ବିଜୟ ମର୍ଚ୍ଚାଣ୍ଟ ଟ୍ରଫି:** ଏଲିଟ୍ ଗ୍ରୁପ-ବି: ପଞ୍ଜାବ, ରାଜସ୍ଥାନ, ଛତିଶଗଡ଼, ପଣ୍ଡିଚେରୀ, ବିହାର ଓ ଓଡ଼ିଶା।

**ବରିଷ୍ଠ ମହିଳା ଟି-୨୦ ଟ୍ରଫି:** ଏଲିଟ୍ ଗ୍ରୁପ-ସି : ମଧ୍ୟପ୍ରଦେଶ, ଆନ୍ଧ୍ର, କର୍ଣ୍ଣାଟକ, ହରିୟାଣା, ହାଇଦରାବାଦ୍, ଛତିଶଗଡ଼, ତ୍ରିପୁରା ଓ ଓଡ଼ିଶା।

**ବରିଷ୍ଠ ମହିଳା ଦିନିକିଆ ଟ୍ରଫି:** ଏଲିଟ୍ ଗ୍ରୁପ-ଏ: ଏମ୍‌ପି, ୟୁପି, ମହାରାଷ୍ଟ୍ର, କର୍ଣ୍ଣାଟକ, ବରୋଦା, ଆସାମ, ପଣ୍ଡିଚେରୀ।

---

● ଏଫ୍‌ଆଇଏଚ୍ ପ୍ରୋ ଲିଗ୍: ଭାରତୀୟ ପୁରୁଷ ଓ ମହିଳା ହକି ଦଳ ପରାସ୍ତ

# ଅଷ୍ଟ୍ରେଲିଆଠୁ ଡବଲ୍ ଝଟ୍‌କା

ଆଣ୍ଟୱର୍ପ, ୧୫।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଚଳିତ ୟୁରୋପ୍ ଲେଗ୍‌ରେ ରବିବାର ଖେଳାଯାଇଥିବା ଦୁଇଟି ମ୍ୟାଚରେ ଭାରତର ଉଭୟ ପୁରୁଷ ଓ ମହିଳା ହକି ଦଳ ଅଷ୍ଟ୍ରେଲିଆ ନିକଟରୁ ହାରିଯାଇଛି। ଫଳରେ ଅଷ୍ଟ୍ରେଲିଆ ଗୋଟିଏ ଦିନରେ ଭାରତର ପୁରୁଷ ଓ ମହିଳା ଦଳକୁ ପରାସ୍ତ କରି ହକି ଦଳ ଡବଲ୍ ଝଟ୍‌କା ଦେଇଛି।



**କ୍ରମାଗତ ୬ଷ୍ଠ ପରାଜୟ:**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧିନ ଭାରତୀୟ ପୁରୁଷ ହକି ଦଳ ୟୁରୋପ୍ ପର୍ଯ୍ୟାୟରେ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖି କ୍ରମାଗତ ୬ଷ୍ଠ ପରାଜୟବରଣ କରିଛି। ରବିବାର ଅଷ୍ଟ୍ରେଲିଆ ନିକଟରୁ ଭାରତ ୨-୩ ଗୋଲରେ ମ୍ୟାଚ୍ ହାରିଥିଲା। ପ୍ରଥମାର୍ଦ୍ଧରେ ଅଷ୍ଟ୍ରେଲିଆ ୩ଟି ଯାକ ଗୋଲ୍ ଦେଇଥିଲା। ଭାରତ ପକ୍ଷରୁ ସଞ୍ଜୟ ଓ ଦିଲ୍‌ପ୍ରୀତ୍ ସିଂହ ଗୋଲ୍ ଦେଇଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ୟୁରୋପ୍ ଲେଗ୍ ପୂର୍ବରୁ ଭାରତ ପ୍ରୋ ଲିଗ୍‌ରେ ୮ ମ୍ୟାଚ୍ ଖେଳି ୫ ବିଜୟ ସହ ୧୫ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ଥିଲା। କିନ୍ତୁ କ୍ରମାଗତ ୬ଟି ମ୍ୟାଚ୍ ହାରିବା ପରେ ବର୍ତ୍ତମାନ ୧୪ ମ୍ୟାଚରୁ ୯ ପରାଜୟ ସହ ସେହି ସମାନ ୧୫ ପଏଣ୍ଟ ପାଇ ୭ମ ସ୍ଥାନକୁ ଖସିଯାଇଛି। ଭାରତ ପରବର୍ତ୍ତୀ ମ୍ୟାଚରେ ଜୁନ ୨୧ରେ ବେଲ୍‌ଜିୟମକୁ ଭେଟିବ।

**ପୁଣି ହାରିଲା ମହିଳା ଦଳ:**

ମହିଳା ପ୍ରୋ ଲିଗ୍‌ରେ ଭାରତ କ୍ରମାଗତ ଦ୍ୱିତୀୟ ଦିନରେ ଅଷ୍ଟ୍ରେଲିଆ ନିକଟରୁ ପରାଜୟ ସାମ୍ନା କରିଛି। ଲଣ୍ଡନରେ ଶନିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ମହିଳା ହକି ଦଳ ୩-୨ ଗୋଲରେ ଭାରତକୁ ହରାଇଥିଲା। ରବିବାର ମଧ୍ୟ ଅଷ୍ଟ୍ରେଲିଆ ଏହି ବିଜୟଧାରା ବଜାୟ ରଖି ୨-୧ ଗୋଲରେ ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ମାତ୍ ଦେଇଛି। ପ୍ରୋ ଲିଗ୍‌ର ଚଳିତ ସଂସ୍କରଣରେ ଭାରତର ଏହା ୧୨ତମ ମ୍ୟାଚରୁ ୭ମ ପରାଜୟ ଥିଲା। ୯ ପଏଣ୍ଟ ସହ ଦଳ ବର୍ତ୍ତମାନ ୭ମ ସ୍ଥାନରେ ରହିଛି।

---

## ଅନ୍ତର୍ଜାତୀୟ ହକିରେ ୪୦୦ ମ୍ୟାଚ୍

# ଦିଲୀପଙ୍କ କ୍ଲବ୍‌ରେ ମନପ୍ରୀତ୍

ଆଣ୍ଟୱର୍ପ, ୧୫।୬ (ଏଜେନ୍ସି): ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଭେଟେରାନ ମିଡ୍‌ଫିଲ୍ଡର ମନପ୍ରୀତ୍ ସିଂହ ରବିବାର ଏକ ସ୍ୱତନ୍ତ୍ର କ୍ଲବରେ ସାମିଲ ହୋଇଛନ୍ତି। ଦ୍ୱିତୀୟ ଭାରତୀୟ ପୁରୁଷ ଖେଳାଳି ଭାବେ ମନପ୍ରୀତ୍ ଅନ୍ତର୍ଜାତୀୟ ହକିରେ ୪୦୦ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ରବିବାର ଏଠାରେ ଖେଳାଯାଇଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ (ପୁରୁଷ)ର ଅଷ୍ଟ୍ରେଲିଆ ବିପକ୍ଷ ମୁକାବିଲା ଖେଳି ମନପ୍ରୀତ୍ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ବର୍ତ୍ତମାନ ହକି ଇଣ୍ଡିଆର ସଭାପତି ଥିବା ପଦ୍ମଶ୍ରୀ ଦିଲୀପ ତିର୍କୀ (୪୧୨ ମ୍ୟାଚ୍) ପ୍ରଥମ ଭାରତୀୟ ପୁରୁଷ ହକି ଖେଳାଳି ଭାବେ ୪୦୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିବାର ରେକର୍ଡ କରିଥିଲେ। ବର୍ତ୍ତମାନ ମନପ୍ରୀତ୍ ଏହି କ୍ଲବରେ ସାମିଲ ହୋଇଛନ୍ତି। ଏହି ଅବସରରେ ଅଷ୍ଟ୍ରେଲିଆ ହକି ପକ୍ଷରୁ ମନପ୍ରୀତ୍‌ଙ୍କୁ ସମସ୍ତ ଖେଳାଳିଙ୍କ ଦସ୍ତଖତ ସମ୍ବଳିତ ଏକ ସ୍ୱତନ୍ତ୍ର ଜର୍ସି ଉପହାର ଆକାରରେ ପ୍ରଦାନ କରାଯାଇଥିଲା।




୨୦୧୧ରେ ମାତ୍ର ୧୯ ବର୍ଷ ବୟସରେ ଭାରତ ପକ୍ଷରୁ ପଦାର୍ପଣ କରିଥିବା ମନପ୍ରୀତ୍ ଦୁଇ ଦୁଇଥର ଅଲିମ୍ପିକ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଛନ୍ତି। ମନପ୍ରୀତ୍‌ଙ୍କ ନେତୃତ୍ୱରେ ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ କାଂସ୍ୟ ପଦକ ସଫଳତା ପାଇଥିଲା। ମନପ୍ରୀତ୍ ଭାରତର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର (୨୦୨୧) ସମେତ ଅର୍ଜୁନ (୨୦୧୮), ବର୍ଷର ଶ୍ରେଷ୍ଠ ହକି ଖେଳାଳି (୨୦୧୯) ପୁରସ୍କାର ଜିତିଛନ୍ତି।

### କ୍ୱିନ୍ସ କ୍ଲବ୍ ଚାମ୍ପିଅନସିପ୍: ମାରିଆ ବୟୋଜ୍ୟେଷ୍ଠ ଚାମ୍ପିଅନ

ଲଣ୍ଡନ, ୧୫।୬ (ଏଜେନ୍ସି): ୫୨ ବର୍ଷ ପରେ ଖେଳାଯାଇଥିବା କ୍ୱିନ୍ସ କ୍ଲବ ଡବ୍ଲ୍ୟୁଟିଏ ୫୦୦ ଇଭେଣ୍ଟ ମହିଳା ଟେନିସ ଟୁର୍ଣ୍ଣାମେଣ୍ଟରେ ଜର୍ମାନୀର ଯୋଗ୍ୟତା ଅର୍ଜନକାରୀ ଖେଳାଳି ତାତ୍‌ଜାନା ମାରିଆ ଚାମ୍ପିଅନ ହୋଇଛନ୍ତି। ରବିବାର ଖେଳାଯାଇଥିବା ଫାଇନାଲରେ ମାରିଆ ୬-୩, ୬-୪ ସିଧାସଳଖ ସେଟ୍‌ରେ ବିଶ୍ୱ ମାନ୍ୟତାର ୧୫ତମ ସ୍ଥାନରେ ରହିଥିବା ଆମେରିକାର ଆମଣ୍ଡା ଆନିସିମୋଭାଙ୍କୁ ପରାସ୍ତ କରିଛନ୍ତି। ଏଥିସହ ୩୭ ବର୍ଷୀୟା ମାରିଆ କ୍ୱିନ୍ସ କ୍ଲବରେ ଚାମ୍ପିଅନ ହେବାରେ ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ୧୯୭୩ରେ ଶେଷଥର ଲାଗି କ୍ୱିନ୍ସ କ୍ଲବରେ ମହିଳା ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ସେହିବର୍ଷ ରୁଷିଆର ଓଲଗା ମୋରୋଜୋଭା ଚାମ୍ପିଅନ ହୋଇଥିଲେ।

---

## ଜାତୀୟ କରାଟେ

# ୮ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୩୬ ପଦକ

ଭୁବନେଶ୍ୱର, ୧୫।୬ (ସମିସ): ଉତ୍ତରାଖଣ୍ଡର ଡେରାଡୁନଠାରେ ଗତ ୧୨ ତାରିଖରୁ ଚାଲିଥିବା ଜାତୀୟ ଉପକନିଷ୍ଠ, କନିଷ୍ଠ ଓ ଯୁବ କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳ ପ୍ରଭାବୀ ପ୍ରଦର୍ଶନ କରି ମୋଟ୍ ୩୬ ପଦକ ବିଜୟୀ ହୋଇ ୪ର୍ଥ ସ୍ଥାନ ହାସଲ କରିଛି। ଯେଉଁଥିରେ ୮ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୧୫ କାଂସ୍ୟ ପଦକ ରହିଛି। ଶେଷ ଦିନରେ ଓଡ଼ିଶା ପାଇଁ ବୈଭବ ପଟ୍ଟନାୟକ ୧୧ ବର୍ଷରୁ କମ୍ ବାଳକ କାଟାରେ ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ନୀତିକ ମହନ୍ତ, ବିଶ୍ୱଦୀପ ବେହେରା ଓ ଅଭିଜ୍ଞାନ ଦାଶ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଅପରପକ୍ଷରେ ବ୍ୟକ୍ତିଗତ ବିଭାଗରେ ୫ଜଣ ଓ ଦଳଗତ ବିଭାଗରେ ଓଡ଼ିଶା ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲା।




ଏହି ସଫଳତା ଲାଗି ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ତରଫରୁ ସମସ୍ତ ଖେଳାଳି, ପ୍ରଶିକ୍ଷକ ଓ ମ୍ୟାନେଜରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ପ୍ରଶିକ୍ଷକ ଭାବେ ଦୀପକ କୁମାର ସାମନ୍ତରା, ସନ୍ତୋଷ ମହାରଣା, ରାଜେନ୍ଦ୍ର ସାମଲ, କେ.ଜି.କେ. ପ୍ରତିହାରୀ, ସୁସମିନୀ ପାଲଟାସିଂ, କୃଷ୍ଣଚନ୍ଦ୍ର ମହାରଣା, ଭାଲେନା ଭାଲେଣ୍ଟିନା, ଦେବେନ୍ଦ୍ର ରଣା ଦଳ ସହ ଗସ୍ତ କରିଥିଲେ। ସେହିଭଳି ଅବିନାଶ ପୁହରି ମ୍ୟାନେଜର ଓ ରାଜୀବ ସିଂ ଅଫିସିଆଲ୍ ଦାୟିତ୍ୱରେ ରହିଥିଲେ।

---

## ୧୧ ବର୍ଷରୁ କମ୍ ଖୋର୍ଦ୍ଧା ଜିଲ୍ଲା ଚେସ୍

# ଅକ୍ଷରା ଓ ସତ୍ୟସ୍ୱରୂପ ଚାମ୍ପିଅନ

ଭୁବନେଶ୍ୱର, ୧୫।୬ (ସମିସ): ଅକ୍ଷରା ହାନଗା ଓ ସତ୍ୟସ୍ୱରୂପ ମିଶ୍ର ଚଳିତବର୍ଷ ୧୧ ବର୍ଷରୁ କମ୍ ଖୋର୍ଦ୍ଧା ଜିଲ୍ଲା ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବାଳିକା ବିଭାଗରେ ଅକ୍ଷରା ଓ ବାଳକ ବିଭାଗରେ ସତ୍ୟସ୍ୱରୂପ ୫ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଅନ୍ୟ ବାଳିକା ପ୍ରତିଯୋଗୀଙ୍କ ମଧ୍ୟରେ ଅନିଷା ଆଚାର୍ଯ୍ୟ ରନର୍ସ ଅପ୍ ଓ ଶ୍ରୀୟାଦିତ୍ୟ ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାଳକ ବିଭାଗରେ ଆର୍ଯ୍ୟାଂଶ ମିଶ୍ର ଦ୍ୱିତୀୟ ଓ ନମନ ରାଜ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ପ୍ରତିଯୋଗିତାରେ ୫୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଖେଳ ଶେଷରେ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟିର ପ୍ରୋ ଭାଇସ୍ ଚାନ୍ସେଲର ଗୁଣ୍ଡା ଶ୍ରୀଦେବୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ବୋଲି ଆୟୋଜକ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି। ଭବେଶ ମହାନ୍ତି, ସ୍ୱାଂଶୁ ସତ୍ୟକାମ ପ୍ରମୁଖ ଉପସ୍ଥିତ ଥିଲେ। ସୁଶାନ୍ତ ଷଡଙ୍ଗୀ, ସନ୍ତୋଷ ମହାପାତ୍ର ପ୍ରମୁଖ ଖେଳ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

---

## ଖଣ୍ଡିତର ସର୍ବଭାରତୀୟ କବାଡ଼ି

# ପୁରୁଷ ସେମିଫାଇନାଲରେ ପୁରୀ, ଭୋପାଳ

ରସୁଲପୁର,୧୫।୬(ସମିସ): ପୁରୀର ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ଭୋପାଳ ଦଳ ରସୁଲପୁର ବ୍ଲକ୍ ଖଣ୍ଡିତର ଠାରେ ଚାଲିଥିବା ୭୦ତମ ସର୍ବ ଭାରତୀୟ କବାଡି ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ପୁରୀ ଟିମ୍ ଜବରଦସ୍ତ ଖେଳ ପ୍ରଦର୍ଶନ କରି ୪୦- ୧୭ ପଏଣ୍ଟରେ ଗୁଜରାଟକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ଭୋପାଳ ଦଳ ମଧ୍ୟ ଦମ୍‌ଦାର ଖେଳିଥିଲା। ଏହି ମୁକାବିଲାକୁ ଭୋପାଳ ୩୩-୨୧ ପଏଣ୍ଟରେ ନାଗପୁର ଟିମ୍‌କୁ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଆସନ୍ତାକାଲି ବା ସୋମବାର ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ ମୁକାବିଲା ହେବ। ୩ୟ କ୍ୱାର୍ଟର ଫାଇନାଲ୍‌ରେ ପୁଲ୍ ଏ'ର ବିଳାସପୁର ସହ ପୁଲ୍ ଡି'ର ଭଞ୍ଜନଗର, ୪ର୍ଥ କ୍ୱାର୍ଟର ଫାଇନାଲ୍‌ରେ ପୁଲ୍-ଡି ର ଦିଲ୍ଲୀ ସହ ପୁଲ୍ ଏ'ର କଟକ ମୁହାଁମୁହିଁ ହେବେ। ଷ୍ଟାର୍ ଖଚିତ ରେଳବାଇ ଦଳର ଭଲ ଖେଳ ପ୍ରଦର୍ଶନ ସତ୍ତ୍ୱେ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିନପାରିବା ଦର୍ଶକ ମାନଙ୍କୁ ନିରାଶ କରିଥିଲା।



ପୂର୍ବରୁ ଆଜି ସକାଳେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ନାଗପୁର ଏନ୍‌ଏସଏସ ପଶ୍ଚିମବଙ୍ଗକୁ ୪୭-୧୧ପଏଣ୍ଟର ଏକ ବଡ ବ୍ୟବଧାନ ହରାଇଥିଲା। ସେହିପରି ବିଳମ୍ବରେ ଆରମ୍ଭ ହୋଇଥିବା ମହିଳା ବିଭାଗର ଆଜିର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ପୂର୍ବ ରେଳବାଇ ୩୧-୨୦ ପଏଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ଆଜିର ୨ୟ ମ୍ୟାଚ୍ ତଥା ପୁରୁଷ ବିଭାଗର ୧୬ତମ ମ୍ୟାଚ୍‌ରେ ବିଳାସପୁର ୩୪-୨୩ ପଏଣ୍ଟରେ କଟକକୁ ହରାଇଥିଲା। ୧୭ତମ ମ୍ୟାଚ୍‌ରେ କିନ୍ତୁ ଓଡିଶାର ଏସଜେଏସୟୁ ପୁରୀ କଡ଼ା ମୁକାବିଲାରେ ଭୋପାଳକୁ ୨୩-୧୯ ପଏଣ୍ଟରେ ହରାଇଥିଲା। ତେବେ ଗତକାଲି ଭଳି ଆଜି ମଧ୍ୟ ରାଜ୍ୟ ବାହାରର ଦଳ ମାନଙ୍କର ଦବଦବା ରହିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS